# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 32 | ISSUE 193 | ଭାଗ ୩୨ | ସଂଖ୍ୟା ୧୯୩ | Bhubaneswar | Wednesday 02 October 2024 | Page 8 Rs. 4.00 | ଭୁବନେଶ୍ୱର | ବୁଧବାର ୨ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଜୟନ୍ତୀରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି

# ଦେଶୀ ବିହନର ରକ୍ଷାକର୍ତ୍ତା ପାଣିଗ୍ରାହୀ ଦମ୍ପତି

**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାର ବିଲୁପ୍ତ ହେଉଥିବା ଦେଶୀ ଧାନ ବିହନର ସଂରକ୍ଷଣ ଅଭିଯାନରେ ସାମିଲ ହୋଇଛନ୍ତି ଅଶୋକ କୁମାର ପାଣିଗ୍ରାହୀ ଓ ତାଙ୍କ ପତ୍ନୀ କୁସୁମ ମିଶ୍ର ପାଣିଗ୍ରାହୀ। ଦୀର୍ଘ ୨୦ ବର୍ଷ ଧରି ଏହି ଦମ୍ପତି ଏକ ଅନନ୍ୟ ବିହନ ବ୍ୟାଙ୍କ ପ୍ରତିଷ୍ଠା କରିଛନ୍ତି, ଯେଉଁଥିରେ ୧୦୭୨ ରୁ ଅଧିକ ପ୍ରକାରର ଲବଣାଂଶ ସହନଶୀଳ, ବନ୍ୟା ପ୍ରତିରୋଧୀ ଏବଂ ମରୁଡ଼ି ପ୍ରତିରୋଧୀ ଧାନ ବିହନ ରହିଛି, ଯାହା କୃଷକମାନଙ୍କ ପାଇଁ ବରଦାନ ପାଲଟିଛି। ୧୯୯୯ ମହାବାତ୍ୟା ପରେ ଉପକୂଳ ଓଡ଼ିଶାରେ ଫସଲ ଓ ବିହନ ନଷ୍ଟ ହେବା ସହ ଚାଷୀମାନେ କ୍ଷତିଗ୍ରସ୍ତ ହେବା ପରେ ଦମ୍ପତିଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା। ଏହି ସବୁ ପ୍ରଜାତିର ସଂରକ୍ଷଣ ପାଇଁ ସଂକଳ୍ପବଦ୍ଧ ହୋଇ ସେମାନେ ସାରା ରାଜ୍ୟ ବୁଲି ପିଢ଼ି ପିଢ଼ି ପରେ ଚାଷ କରି ଆସୁଥିବା ଚାଷୀଙ୍କଠାରୁ ବିହନ ସଂଗ୍ରହ କରିଥିଲେ।

"୨୦୦୨ ମସିହାରେ ଆମେ ବାଲେଶ୍ୱରରେ ଥିବା ଆମର ୧୦ ଏକର ପୈତୃକ ଚାଷଜମି ମଧ୍ୟରୁ ୪.୫ ଏକର ଜମିରେ ଦେଶୀ ଧାନର ପ୍ରଜାତି ପ୍ରଚାର ଆରମ୍ଭ କରିଥିଲୁ। ବିହନ ଯେପରି ସବୁଦିନ ପାଇଁ ନଷ୍ଟ ନ ହୁଏ ତାହା ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ ଥିଲା," ବୋଲି କହିଛନ୍ତି କୁସୁମ। ସେମାନଙ୍କ ଘରର ପ୍ରଥମ ମହଲାରେ ଥିବା ୨୦ ଫୁଟ x ୪୦ ଫୁଟ୍ ଜାଗାରେ

## ୨୦ବର୍ଷ ଧରି ବିହନ ସଂଗ୍ରହରେ ନିମଗ୍ନ

ଥିବା ସେମାନଙ୍କର ବିହନ ବ୍ୟାଙ୍କ ଉପକୂଳ ଅଞ୍ଚଳଠାରୁ ଦୂରରେ ଅବସ୍ଥିତ। ମଞ୍ଜିକୁ ମାଟି ପାତ୍ରରେ ସଂରକ୍ଷିତ ରଖାଯାଏ, ଯାହା ସେମାନଙ୍କୁ ଆର୍ଦ୍ରତା ଏବଂ ଖରାପ ହେବାରୁ ରକ୍ଷା କରିଥାଏ।

ବିପର୍ଯ୍ୟୟ ସମୟରେ, ସେମାନେ ଏହି ବିହନଗୁଡ଼ିକୁ କୃଷକମାନଙ୍କୁ ବଣ୍ଟନ କରନ୍ତି, ଯାହା ଆଶା ଏବଂ ସେମାନଙ୍କଜୀବିକା ପୁନଃନିର୍ମାଣର ମାର୍ଗ ପ୍ରଦାନ କରିଥାଏ। ସେମାନଙ୍କ ପ୍ରୟାସ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନର ଏକ ଠୋସ୍ ସମାଧାନ ପ୍ରଦାନ କରିଥାଏ, ଯାହା ସୁନିଶ୍ଚିତ କରେ ଯେ କୃଷକମାନେ କଠିନ ପରିସ୍ଥିତିର ମୁକାବିଲା କରିପାରୁଥିବା ବିହନ ପାଇପାରିବେ।





## ନାବାଳିକା ବଳାତ୍କାର ଓ ହତ୍ୟା

# ଦୋଷୀକୁ ଫାଶୀ ଦଣ୍ଡାଦେଶ

୨ ବର୍ଷ ପରେ ରାୟ

**ସମ୍ବଲପୁର, ୧।୧୦ (ସଂଚାର ବ୍ୟୁରୋ):** ଏକ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାର ୨ ବର୍ଷ ପରେ ରାୟ ଆସିଛି। ସମ୍ବଲପୁରର ସ୍ୱତନ୍ତ୍ର ପକ୍ସୋ କୋର୍ଟ ଦୋଷୀ ପ୍ରଶାନ୍ତ ବଘରାକୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହିତ କୋର୍ଟ ୧ ଲକ୍ଷ ଟଙ୍କା ଜୋରିମାନା କରିଛନ୍ତି।

୨୦୨୨ ମସିହା ମାର୍ଚ୍ଚ ମାସରେ ସମ୍ବଲପୁର ଜିଲ୍ଲା ଯମନକିରା ଥାନା ଅଞ୍ଚଳରେ ଏକ ଗାଁରେ ଘଟିଥିଲା ଏହି ଜଘନ୍ୟ କାଣ୍ଡ। ଗାଁର ଜଣେ ନାବାଳିକା ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ପ୍ରଶାନ୍ତ ତାଙ୍କୁ ବଳାତ୍କାର କରିବା ପରେ ହତ୍ୟା କରିଥିଲା। ସେ ଟାଙ୍ଗିଆରେ ନାବାଳିକାଙ୍କୁ ହାଣି ମୁଣ୍ଡଗଣ୍ଡି ଅଲଗା କରିବା ସହିତ କଟାମୁଣ୍ଡ ଧରି ଗାଁରେ ଥିବା ଏକ ନଳକୂପ ନିକଟକୁ ଆସିଥିଲା। ସେଠାରେ କଟାମୁଣ୍ଡକୁ ଧୋଇଥିଲା। ଏହା ଦେଖି ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ସେମାନେ ଘଟଣା ସଂପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ପ୍ରଶାନ୍ତକୁ ଗିରଫ କରିଥିଲା।

ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୁଲିସ ପ୍ରଶାନ୍ତ ➪ପୃଷ୍ଠା-୬

# ବିଜେଡିରେ ଉତ୍ତରାଧିକାରୀ କମ୍ପନ

## ରେସରେ ଅରୁଣ-ଗାୟତ୍ରୀ: ଚର୍ଚ୍ଚାରେ ବିଜୟ

**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ଅଢେଇ ଦଶନ୍ଧିର କ୍ଷମତା ଉପଭୋଗ କରିଥିବା ଦେଶର ଶକ୍ତିଶାଳୀ ଆଞ୍ଚଳିକ ଦଳ ବିଜେଡିରେ ଏବେ ପୁଣିଥରେ ଉତ୍ତରାଧିକାରୀ କମ୍ପନ। ପୂର୍ବରୁ ଏଭଳି ଚର୍ଚ୍ଚା ହେଉଥିବାବେଳେ ଏଥର କିନ୍ତୁ ଏହା ଭିନ୍ନ ରୂପ ନେଇଛି। କେତେବେଳେ ଏହା ଭୂକମ୍ପର ରୂପ ନେବ ତାହା କହିବା ମୁସ୍କିଲ। ତେବେ ଏତେଦିନ କ୍ଷମତାରେ ଥିବା ଦଳର ଏଭଳି ସ୍ଥିତି କ'ଣ ପାଇଁ ଆଲୋଚନା ଆରମ୍ଭ ହୋଇଥିବାବେଳେ ଅବିବାହିତ ନବୀନଙ୍କ ଉତ୍ତରାଧିକାରୀକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ଆଉ ଏହି ଚର୍ଚ୍ଚା ଭିତରକୁ ପୁଣିଥରେ ପଶି ଆସିଛନ୍ତି ପୁତୁରା ଅରୁଣ ଓ ଏକଦା ବିଜେଡିର ମୂଳଦୁଆ ପକାଇଥିବା ବିଜୟ ମହାପାତ୍ର। ତେବେ ଶୀଘ୍ର ଉତ୍ତରାଧିକାରୀ ଚୟନ ନକଲେ ବିଜେଡିର ଅବସ୍ଥା ଜୟଲଳିତାଙ୍କ ଏଆଇଏଡିଏମ୍କେ ଓ ମାୟାବତୀଙ୍କ ବିଏସ୍ପିଭଳି ହୋଇଯିବ ବୋଲି କହିଲେଣି।

ନିର୍ବାଚନରେ ପରାଜୟ ପରେ ବିଜେଡି ନେତାମାନେ ଚାହୁଁଛନ୍ତି ଦଳର ଜଣେ ଦକ୍ଷ ମଙ୍ଗୁଆଳ। ଯାହାଙ୍କୁ ସମସ୍ତେ ଗ୍ରହଣ କରିବେ। କାରଣ ଯାହାଙ୍କୁ ମଙ୍ଗୁଆଳ ବୋଲି ଧରିନେଇଥିଲେ ସିଏ ଦଳର ମଙ୍ଗକୁ ଖରାପ କରିଦେଇଛନ୍ତି। ତେଣୁ ବର୍ତ୍ତମାନ ନବୀନ ଦଳର ମୁଖ୍ୟ ହୋଇ ରହିବେ ଏବଂ ତାଙ୍କ ଘୋଷିତ ଉତ୍ତରାଧିକାରୀ ହିଁ ବିଜେଡି ଡଙ୍ଗାକୁ ଆଗକୁ ନେବେ।



ତେବେ ଏହି ଆଲୋଚନା ଭିତରକୁ ପୁଣିଥରେ ଆସିଛନ୍ତି ନବୀନଙ୍କ ପୁତୁରା ଅରୁଣ ପଟ୍ଟନାୟକ। ଅରୁଣ ଓଡିଶାରେ ରହୁନଥିବା ଏବଂ ଓଡିଶା ରାଜନୀତିର ଧାର ଧାରୁନଥିବାବେଳେ ଅନେକ ସମୟରେ ଉତ୍ତରାଧିକାରୀ ପ୍ରସଙ୍ଗ ଆସିଲେ ତାଙ୍କ ନାଁ ଚର୍ଚ୍ଚାକୁ ଆସେ ଏବଂ ନବୀନ ତାହାକୁ ଅତି ହାଲକା ଭାବେ ଏଡାଇ ଯାଆନ୍ତି। ବିଜେଡିର କିଛି ନେତା ବିଜୁ ଲିଗାସୀ ନାଁରେ ଅରୁଣ ଆସିଲେ ଭଲ ହେବ ବୋଲି ମତ ଦେଉଛନ୍ତି। ଅରୁଣ ସହିତ ଚର୍ଚ୍ଚାରେ ରହିଛି ନବୀନଙ୍କ ଝିଆରୀ ଗାୟତ୍ରୀ ପଟ୍ଟନାୟକଙ୍କ ନାମ। ଗାୟତ୍ରୀ ହେଉଛନ୍ତି ନବୀନଙ୍କ ଗେହ୍ଲା ଭଉଣୀ ଗୀତାଙ୍କ ଝିଅ। ବିଶିଷ୍ଟ ଲେଖିକା ଗାୟତ୍ରୀଙ୍କ ସପକ୍ଷରେ ବି ବିଜେଡିର ଗୋଟିଏ ଗୋଷ୍ଠି ରହିଛନ୍ତି। ସେମାନେ ଗୋଟିଏ ଗୁଳିରେ ଦୁଇଟି ଶିକାର ଭଳି ବିଜୁ ଲିଗାସୀ ସହିତ ମହିଳା କାର୍ଡ ଖେଳିବାକୁ ଚାହୁଁଛନ୍ତି। ଅରୁଣ-ଗାୟତ୍ରୀଙ୍କ ସହିତ ଆଉ ଯେଉଁ ନାଁଟି ଚର୍ଚ୍ଚାକୁ ଆସିଛି ସିଏ ହେଲେ ବିଜେଡିର ପ୍ରତିଷ୍ଠାତା ➪ପୃଷ୍ଠା-୬



## ଗାନ୍ଧୀ ଜୟନ୍ତୀରେ ଓଡିଶାକୁ ବଡ଼ ଉପହାର ଦେବେ ପ୍ରଧାନମନ୍ତ୍ରୀ

# ଆଦିବାସୀ ଅଞ୍ଚଳରେ ହେବ ୧୪୭ କିମି ରାସ୍ତାର ଶିଳାନ୍ୟାସ

**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ଗାନ୍ଧୀ ଜୟନ୍ତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ବଡ଼ ଉପହାର ଦେବାକୁ ଯାଉଛନ୍ତି। ପିଏମ୍ ଜନମନ ଯୋଜନାରେ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧୪୭ କିଲୋମିଟର ରାସ୍ତାର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ। ଦେବଗଡ଼, ଗଜପତି, ମୋହନା, ରାୟଗଡ଼ା, ବାଲିଗୁଡ଼ା, ମାଲକାନଗିରି, ଗୁଣୁପୁର, ସୁନ୍ଦରଗଡର ବିଭିନ୍ନ ଆଦିବାସୀ ଅଞ୍ଚଳରେ ଗମନାଗମନ ସୁବିଧା ପାଇଁ ନିର୍ମାଣ ହେବ ରାସ୍ତା। ଏହା ସହିତ ଆଦିବାସୀ ଅଞ୍ଚଳରେ ଅନେକଗୁଡିଏ ଲୋକାଭିମୁଖୀ କାର୍ଯ୍ୟର କରିବେ ଶିଳାନ୍ୟାସ। ଅକ୍ଟୋବର ୨ତାରିଖରେ ଝାଡ଼ଖଣ୍ଡର ହଜାରିବାଗରୁ ବିଭିନ୍ନ ରାଜ୍ୟକୁ ୮୩ ହଜାର ୩୦୦ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେବେ ପ୍ରଧାନମନ୍ତ୍ରୀ। ଜନଜାତି ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଲଞ୍ଚ କରିବେ। ସମସ୍ତ ରାଜ୍ୟର ୫୪୯ ଜିଲ୍ଲା ଓ ୨୭୪୦ ବ୍ଲକରେ ବସବାସ କରୁଥିବା ୬୩ ହଜାର ଗ୍ରାମ ର ୫ କୋଟି ଆଦିବାସୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବ ଏହି ଯୋଜନା। ଜନଜାତି ବର୍ଗଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସଶକ୍ତୀକରଣ, ଉନ୍ନତ ଜୀବନ ଶୈଳୀ ଦିଗରେ ନୂଆ ସୂର୍ଯ୍ୟୋଦୟ ଆଣିବା ଏହି ଯୋଜନାର ଲକ୍ଷ୍ୟ। ଏଥିପାଇଁ କେନ୍ଦ୍ର ସରକାରଙ୍କ ୨୫ ମନ୍ତ୍ରଣାଳୟ ମିଳିତ ଭାବେ କାର୍ଯ୍ୟ କରିବେ।

## ଖୁବ୍‌ଶୀଘ୍ର ଆୟୁଷ୍ମାନ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା

**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ଆୟୁଷ୍ମାନ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଖୁବ୍‌ଶୀଘ୍ର ରାଜ୍ୟରେ ଲାଗୁ ହେବ। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଖୁବଶୀଘ୍ର ଏହି ଦୁଇ ଯୋଜନା ଲାଗୁ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭାରତ ସରକାରଙ୍କ ସହ ବୁଝାମଣା (ଏମଓୟୁ) କରାଯିବ। ସେନେଇ ପ୍ରସ୍ତୁତି ଚାଲିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ୬୭ ଲକ୍ଷ ପରିବାର ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ବଳକା ପରିବାର ଗୋପବନ୍ଧୁ ଯୋଜନାରେ ସୁବିଧା ପାଇବେ। ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଓ ମହିଳାଙ୍କୁ ୧୦ ଲକ୍ଷ ମିଳିବ। ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ୨୭ ହଜାରରୁ ଅଧିକ ହସ୍ପିଟାଲରେ ଏହି କାର୍ଡ କାମ କରିବ ବୋଲି ମନ୍ତ୍ରୀ କହିଛନ୍ତି।

# ମାହାଙ୍ଗା ଡବଲ ମର୍ଡର ମାମଲା ପ୍ରତାପ ଜେନାଙ୍କୁ କ୍ଲିନ୍‌ଚିଟ୍



**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଆଶ୍ୱସ୍ତି। ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାରୁ ତାଙ୍କୁ ମୁକ୍ତି ମିଳିଛି। ମଙ୍ଗଳବାର ହାଇକୋର୍ଟ ତାଙ୍କୁ କ୍ଲିନଚିଟ୍ ଦେଇଛନ୍ତି। ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ତାଙ୍କ ବିରୋଧରେ ଚାଲିଥିବା ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି ।

ମାହାଙ୍ଗା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ତଥା ବିଜେପି ନେତା କୁଳମଣି ବରାଳ (୭୫) ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳ (୮୦)ଙ୍କୁ ୨୦୨୧ ଜାନୁଆରୀ ୨ ସଂଧ୍ୟାରେ ମାହାଙ୍ଗା ବ୍ଲକ୍ ଯାଁକୋଟି ନିକଟରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ମାମଲାରେ ୧୩ ଜଣଙ୍କ ବିରୋଧରେ ଏତଲା ଦେଇଥିଲେ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ। ଅଭିଯୁକ୍ତ ତାଲିକାରେ ଥିଲେ ତତ୍କାଳୀନ ଆଇନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା। ପୋଲିସ ଗ୍ରହଣ କରିଥିବା ଏତଲାରେ ଶ୍ରୀ ଜେନା ୧୩ ନମ୍ବର ମୁଦାଲା ଥିଲେ। ➪ପୃଷ୍ଠା-୬

# ସଞ୍ଜୀବଙ୍କ ଗେହ୍ଲାପୁଅଙ୍କୁ ସୁରେଶଙ୍କ ଚେତାବନୀ

**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ଦୁଇ ଦିନ ତଳେ ଯାହା ଆଶଙ୍କା କରିଥିଲୁ, ତାହା ଏବେ ସତ ହେବାକୁ ଯାଉଛି। ଏକଦା ସନ୍ୟାସୀ ଙ୍କ ଶିଷ୍ୟ ପାଲଟି ଖଣି,ଚିଟଫଣ୍ଡ, ମଦ ମାଫିଆଙ୍କ ସୂତ୍ରଧର ବନିଥିବା ଅଫିସର ତଡା ଖାଇବେ। ଲବି ନୁହେଁ ବରଂ

## ସତ ହେଲା ସଂଚାର ପୂର୍ବାନୁମାନ


ପରଫର୍ମାନ୍ସ କୁ ପ୍ରାଧାନ୍ୟ ଦିଆଯିବ ବୋଲି ଆଜି ଚେତାବନି ଦେଇଛନ୍ତି ନୂଆ ସିପି । ଦାୟିତ୍ୱ ନେଉ ନେଉ ଆକ୍ସନ ମୁଡକୁ ଆସି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂହ ଟୁଇନ୍ ସିଟିରେ ଦୀର୍ଘ ବର୍ଷ ଧରି ରହି ଯାଇଥିବା ଗାଦିମଡ଼ାଙ୍କୁ ଚେତାବନୀ ଦେଇଛନ୍ତି। ଯାହାକୁ ନେଇ କିଛି ତେଲ ମରାଙ୍କ ଭିତରେ ଦେଖାଯାଇଛି ଅସମ୍ଭବ ଭୟ। କେଉଁ ଅଫିସର କେତେ ଦିନ ହେବ କମିଶନରେଟ ପୋଲିସ୍ ଅଧୀନରେ କାର୍ଯ୍ୟରତ ଅଛନ୍ତି, ପ୍ରଥମେ ତାହାର ତଥ୍ୟ ନିଆଯିବ। ଏହାପରେ ଅଧିକାରୀମାନଙ୍କ ସମ୍ପାଦନା କରୁଥିବା କର୍ତ୍ତବ୍ୟକୁ ତର୍ଜମା କରାଯିବ। ଆଶାନୁରୂପ କାର୍ଯ୍ୟ କରୁ ନ ଥିଲେ, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି କମିଶନର।

କମିଶନରଙ୍କ ଏଭଳି ବୟାନ ପରେ ପୋଲିସ ସେବା ଭବନରେ ଦେଖାଯାଇଛି ଅସମ୍ଭବ ନୀରବତା। ଏକଦା ପୂର୍ବତନ କମିଶନର ସଞ୍ଜୀବ ପଣ୍ଡାଙ୍କୁ ନିଜ ସମ୍ପର୍କୀୟ ଦର୍ଶାଇ ପୋଲିସ ସେବା ଭବନରେ ଚାମ୍ବର ନେଇ ମୁଣ୍ଡିଆଳ ସାଜିଥିବା ଜଣେ ଏସିପିଅଙ୍କ ଅବସ୍ଥା ଆଜି ଝାଳ ନାଳ ବୋହି ଆସୁଏ। କମିଶନର ଙ୍କ ପାଖରେ କୁଆଡେ ଏହି ଏସିପିଙ୍କ ଅଭିଯୋଗ ପ୍ରଥମେ ପହଞ୍ଚିଛି। ରାଜଧାନୀରେ ଆଇଆଇସି ଭାବେ କାର୍ଯ୍ୟ ➪ପୃଷ୍ଠା-୬

# ଶଙ୍ଖ ମାୟାରେ ବାୟା ଓଏଏସ୍ ବାବୁ

**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ରାଜ୍ୟର ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ ଶଙ୍ଖ ମାୟାରେ ବାୟା ହୋଇଛନ୍ତି। ସରକାର ଗଲାଣି, ହେଲେ ତାଙ୍କର ମୋହ ଛାଡିନି। ନବୀନ ନିବାସ ଛାଡି ଯିବାକୁ ତାଙ୍କର ମନ ନାହିଁ। ଅତି ଦୂରକୁ ଗଲେ ଶଙ୍ଖ ଭବନ ପର୍ଯ୍ୟନ୍ତ ଯାଉଛନ୍ତି। ମାଳ ମାଳ ଓଏଏସ୍ ଅଫିସରଙ୍କ ବଦଳି ହୋଇଥିବାବେଳେ ବାବୁ କାଇଦା କରି ତାଲିକାରୁ ତାଙ୍କ ନାଁଟିକୁ କାଟି ଦେଉଛନ୍ତି। ସଚିବାଳୟରେ ହେଉଥିବା ଆଲୋଚନା ଅନୁଯାୟୀ ବାବୁ କୁଆଡେ ପୂର୍ବ ସରକାରରେ ଅତ୍ୟନ୍ତ କ୍ଷମତାଶାଳୀ ଥିଲେ। ଗୁମାସ୍ତାଙ୍କର ଥିଲେ ଚଳନ୍ତି ପ୍ରତିମା। ପୋଷ୍ଟର ଲେଖାଠାରୁ ନିର୍ବାଚନ ପରିଚାଳନା ➪ପୃଷ୍ଠା-୬



# ଇସ୍ରାଏଲ୍ ଉପରେ ଇରାନର ପ୍ରଚଣ୍ଡ ଆକ୍ରମଣ

**ଜେରୁଜେଲମ, ୧।୧୦:** ଦୀର୍ଘଦିନ ହେଲା ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ବିବାଦ ଭୟଙ୍କର ରୂପ ନେଇଛି। ଆମେରିକା ଚେତାବନୀ ଦେବାର କିଛି ସମୟ ପରେ ମଙ୍ଗଳବାର ରାତିରେ ଇସ୍ରାଏଲ ଉପରେ ୪୦୦ରୁ ଅଧିକ ମିସାଇଲ ଓ ରକେଟ ମାଡ଼ କରିଛି ଇରାନ। ପୂରା ଇସ୍ରାଏଲରେ ବିପଦ ଘଣ୍ଟି ବାଜିବା ସହ ସ୍ଥିତି ବେହାଲ ହୋଇପଡ଼ିଛି। ଆକ୍ରମଣ ପରେ ଇସ୍ରାଏଲବାସୀ ବୋମା ଶେଲଟରକୁ ଚାଲି ଯାଇଛନ୍ତି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍ନ୍ୟାହୁଙ୍କ ସମେତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ବୋମା ପ୍ରତିହତକାରୀ ଆଶ୍ରୟସ୍ଥଳୀରେ ଆତ୍ମଗୋପନ କରିଛନ୍ତି। ଇସ୍ରାଏଲ ଆକାଶରେ ଇରାନରେ ମିସାଇଲ ଓ ରକେଟ ପ୍ରବେଶ ➪ପୃଷ୍ଠା-୬

# ବଦଳିଲା ସ୍କୁଲ ୟୁନିଫର୍ମ



## ତାଗିଦ ସତ୍ତ୍ୱେ ଇଂରାଜୀରେ ବିଜ୍ଞପ୍ତି

**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ବଦଳିଲା ସ୍କୁଲ ୟୁନିଫର୍ମ। ମାଧ୍ୟମିକ ସ୍କୁଲ ପାଇଁ ନୂଆ ରଙ୍ଗର ୟୁନିଫର୍ମ ଚୂଡ଼ାନ୍ତ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ୟୁନିଫର୍ମର ରଙ୍ଗ ବଦଳାଯାଇଛି। ଏହାଦ୍ୱାରା ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ବଦଳିଛି। ଏହା ସବୁ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡିକ ପାଇଁ ଲାଗୁ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ରଙ୍ଗ ଅନୁଯାୟୀ ଏଣିକି ଛାତ୍ରମାନେ ମେରୁନ୍ ରଙ୍ଗର ପ୍ୟାଣ୍ଟ ଓ ନାରଙ୍ଗି ରଙ୍ଗ ଚେକ ସାର୍ଟ ପିନ୍ଧିବେ। ଛାତ୍ରୀମାନେ ନାରଙ୍ଗି ରଙ୍ଗର କୂର୍ତ୍ତା ସହ ମେରୁନ ରଙ୍ଗର ଜ୍ୟାକେଟ ସହ ମେରୁନ ରଙ୍ଗର ପ୍ୟାଣ୍ଟ ପିନ୍ଧିବେ। ତେବେ ସବୁଠୁ ଉଦବେଗର କଥା ହେଉଛି, ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ୟୁନିଫର୍ମ ରଙ୍ଗ ସମ୍ପର୍କିତ ନୂଆ ବିଜ୍ଞପ୍ତି ବିଳମ୍ବିତ ରାତିରେ ଇଂରାଜୀରେ ପ୍ରକାଶ ପାଇଛି।

# ସୀମା ଟପିଲେ ମନ୍ମଥ, ପ୍ରଦୀପ



**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ବିଜେଡିରେ ଆଉ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ କେହି ମାନିବାକୁ ରାଜି ଥିଲା ଭଳି ଲାଗୁନାହିଁ। ଗତ କିଛି ଦିନ ଧରି ଶଙ୍ଖ ଭବନ ବିଶୃଙ୍ଖଳା ପାଇଁ ଚର୍ଚ୍ଚାରେ ଥିବା ବେଳେ ଆଜି ପୁଣି ଥରେ ଖୋର୍ଦ୍ଧା ଜିଲ୍ଲାକୁ ନେଇ ଉତ୍ତେଜନମୂଳକ ସ୍ଥିତି ସୃଷ୍ଟି ହୋଇଛି। ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ସମସ୍ତଙ୍କ ସମ୍ମୁଖରେ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଦୁର୍ବ୍ୟବହାର କରିଥିବା ଜଣାପଡ଼ିଛି ।

ବରିଷ୍ଠ ନେତାମାନଙ୍କ ହସ୍ତକ୍ଷେପରେ ପ୍ରଦୀପ ଓ ଶ୍ରୀମୟୀଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ସୂଚନା ଅନୁସାରେ, ଆଜି ସନ୍ଧ୍ୟାରେ ଖୋର୍ଦ୍ଧା ସାଂଗଠନିକ ଜିଲ୍ଲାର ସମୀକ୍ଷା ବୈଠକ ଶଙ୍ଖଭବନରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଦଳର ସମସ୍ତ ବିଧାୟକ ପ୍ରାର୍ଥୀ

## ଭୁଲିଗଲେ ଦଳ ପ୍ରତି ଶ୍ରୀମୟୀଙ୍କ ତ୍ୟାଗ

ଓ ଲୋକସଭା ପ୍ରାର୍ଥୀଙ୍କ ସମେତ ଆଗଧାଡ଼ିର କର୍ମୀ ଓ ନେତାମାନେ ଯୋଗ ଦେଇଥିଲେ । ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷିକା ଶ୍ରୀମୟୀ ମିଶ୍ର ମଧ୍ୟ ଏହି ବୈଠକରେ ସାମିଲ ହୋଇଥିଲେ । ବୈଠକରେ ଦଳର ସାଂଗଠନିକ ସ୍ଥିତିକୁ ନେଇ ଆଲୋଚନା ଚାଲିଥିବାବେଳେ ନିଜର ସମର୍ଥକମାନଙ୍କ ସହ ଆସିଥିବା ମନ୍ମଥ ସିଧାସଳଖ ଶ୍ରୀମୟୀଙ୍କୁ ଅରୁଚିକର ଭାଷାରେ ଦୁର୍ବ୍ୟବହାର କରିଥିଲେ । ଏପରିକି ତାଙ୍କ ସହ ଥିବା କିଛି ଯୁବକ ମଧ୍ୟ ଶ୍ରୀମୟୀଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବାକୁ ପଛାଇ ନଥିଲେ । ଶ୍ରୀମୟୀଙ୍କ ପାଇଁ ଭୁବନେଶ୍ୱରରେ ବିଜେଡି ଲୋକସଭା ସିଟ୍ ହାରିଲା ବୋଲି ସେ ଆକ୍ଷେପ କରିଥିଲେ । ଯାହା ଉପରେ ଶ୍ରୀମୟୀ ଆପତ୍ତି ଉଠାଇବାରୁ ମନ୍ମଥ ତାଙ୍କ ପ୍ରତି ଶସ୍ତା ଟିପ୍ପଣୀ ଦେଇଥିଲେ ବୋଲି ସୂଚନା ମିଳିଛି । ସେଠାରେ ଥିବା ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ଓ ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଉଭୟଙ୍କୁ ନିରବ ରହିବାକୁ କହିଥିଲେ ମଧ୍ୟ ➪ପୃଷ୍ଠା-୬

# ହକିର ହାୟ ଲାଗିବ ଭିନିଲକ୍ରିଷ୍ଣାଙ୍କୁ

## କନେଷ୍ଟବଳ ଚାକିରି ଦେଇ ଠକିଦେଲେ



**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ଗତ ସରକାର ଅମଳରେ ରାଜ୍ୟରେ ମନ୍ତ୍ରୀମାନେ ଶାସନର ମୁଖ୍ୟ କୁହାଯାଉଥିଲେ ହେଁ ସଚିବମାନେ ସବୁ ନିଷ୍ପତ୍ତି ନେଉଥିଲେ। ଯାହାଫଳରେ ରାଜ୍ୟର କିମ୍ବା ରାଜ୍ୟବାସୀଙ୍କର କୌଣସି ଲାଭ ହେଉନଥିଲା। ଏହାର ସ୍ପଷ୍ଟ ଉଦାହରଣ ହେଉଛି କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ। ଏହି ବିଭାଗରେ ପୂର୍ବରୁ ସଚିବ ଥିବା ଆର. ଭିନିଲକ୍ରିଷ୍ଣା ରାଜ୍ୟର ଖେଳାଳୀମାନଙ୍କ ପ୍ରଦର୍ଶନରେ କିପରି ଉନ୍ନତି ଆସିବ ସେ ଦିଗରେ ଚିନ୍ତା କରିବା ପରିବର୍ତ୍ତେ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭୈରବ କାର୍ତ୍ତିକେୟନ ପାଣ୍ଡିଆନ କିପରି ଖୁସି ହେବେ ସେଦିଗରେ ବେଶୀ ତତ୍ପର ଥିଲେ। ଫଳରେ ରାଜ୍ୟର ଖେଳାଳୀମାନେ ପ୍ରଶାସନିକ ଅବହେଳାର ଶୀକାର ହୋଇ ରାଜ୍ୟ ପାଇଁ ସୁନାମ ଆଣିପାରିନାହାନ୍ତି। ଖାଲି ଯେ ରାଜ୍ୟରେ ବିଶ୍ୱସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ ହୋଇଗଲେ ବି ବିଶ୍ୱସ୍ତରୀୟ ଖେଳାଳୀ ବାହାରିବେ ନାହିଁ ଏକଥା ଓଡ଼ିଶା ପ୍ରମାଣିତ କରିଦେଖାଇଛି। ଓଡ଼ିଶାରେ ବିଶ୍ୱସ୍ତରୀୟ ଷ୍ଟାଡ଼ିୟମ ରେକର୍ଡ କମ୍ ସମୟ ମଧ୍ୟରେ ନିର୍ମାଣ କରାଯାଇଛି ବୋଲି ପୂର୍ବ ସରକାର ଯେଉଁ ଦାବି କରିଥିଲା ତାହା ଖେଳାଳୀ ତିଆରି କରିବାରେ ବିଫଳ ହୋଇ ରେକର୍ଡ ଫିକା ପଡ଼ିଯାଇଛି। କିନ୍ତୁ ଦେଶର ଯେଉଁ ରାଜ୍ୟମାନେ ଅଲମ୍ପିକ ପାଇଁ ଭଲ ଖେଳାଳୀ ତିଆରି କରିବାରେ ସଫଳ ହୋଇଛନ୍ତି ସେମାନେ ଷ୍ଟାଡ଼ିୟମ ନିର୍ମାଣ ନେଇ କେବେବି ପ୍ରଚାର କରିନାହାନ୍ତି। ରାଜ୍ୟକୁ ଖେଳର ରାଜଧାନୀ ବୋଲି ପୂର୍ବ ସରକାର ଯେଉଁ ଡିଣ୍ଡିମ ପିଟୁଥିଲେ ତାହା ବସ୍ତୁତଃ ଫିକା ପଡ଼ିଯାଇଛି।

୨୪ ବର୍ଷର ବିଜେଡି ସରକାର ପ୍ରଚାର ପ୍ରସାରରେ ମାତି ରହି ଖେଳାଳୀ ତିଆରିରେ ମନ ➪ପୃଷ୍ଠା-୬

# ବସଷ୍ଟାଣ୍ଡ କାମର ସ୍ଥାୟିତ୍ୱକୁ ନେଇ ଆଶଙ୍କା

## ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା
## ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ୍ କଲେ ଦଳିତ ବିକାଶ ପରିଷଦ ସଭାପତି



**ଜଗତସିଂହପୁର, ୧।୧୦ (ସଂଚାର ବ୍ୟୁରୋ):** ଓଡ଼ିଆ ଅସ୍ମିତା ନାରା ଦେଇ ବିଜେପି ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସୁଛି ହେଲେ ବିଜେଡ଼ି ସରକାର ପରିବର୍ତ୍ତନ ହେଲା ପରେ ୨୪ ବର୍ଷ ପରେ ବିଜେପି ସରକାର ହାତକୁ ଯାଇଛି। ସରକାର ଗଠନ ଓ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଶପଥ ନେଇ ଦୁର୍ନୀତି, ଲାଞ୍ଚଖୋର ଅଫିସଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଭିଜିଲାନ୍ସରେ ରେଡ ମଧ୍ୟ ଜାରି ରହିଛି । ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ସରକାର ଦୁର୍ନୀତି ଖୋର ଅଫିସଙ୍କ ଉପରେ ତୀକ୍ଷ୍ଣ ନଜର ରହିବ। ହେଲେ ଜଗତସିଂହପୁର ଜିଲ୍ଲାରେ ଏହାର ବିକଳ ଚିତ୍ର ଦେଖିବାକୁ ମିଳିଛି । ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ, ଠିକ ସେମିତି ପୂର୍ତ୍ତ ବିଭାଗରେ ଉପରୁ ତଳ ଯାଏ ଦୁର୍ନୀତିର ଗନ୍ଧ। ରାସ୍ତା ଘାଟ ଠାରୁ କୋଠାବାଡ଼ି ନିର୍ମାଣ ସବୁଠିରେ ଠିକାଦାର-ଯନ୍ତ୍ରୀ ଅଧିକାରୀ ଲୁଟୁଛନ୍ତି । ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ନିର୍ବାହୀ ଯନ୍ତ୍ରୀଙ୍କ ଚୌକି ଖାଲି ପଡିଛି। ସେହି ସୁଯୋଗକୁ ନେଇ ଚୌକି ମାଡ଼ି ବସିଥିବା କେତେକ ବାବୁ ନିର୍ମାଣ କାର୍ଯ୍ୟ ନାଁ ରେ ଖାଇ ଯାଇଛନ୍ତି ଲକ୍ଷ ଲକ୍ଷ ଟଙ୍କା। ଏହି ଟଙ୍କା ବାବୁମାନଙ୍କ ପକେଟକୁ ଚାଲିଯାଉଛି।

ସାରା ରାଜ୍ୟରେ ଗୋଟିଏ ପରେ ଗୋଟିଏ ପୋଲ ଭୁଶୁଡି ଥିଲାବେଳେ ଯନ୍ତ୍ରୀ ଓ ଠିକାଦାରଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ସରକାର ବଦନାମ ହେବା ସହିତ ଅନେକ ଜାଗାରେ ନିରୀହ ଜୀବନ ମଧ୍ୟ ଯାଇଛି । ଏତେ ପରେ ବି ମଧ୍ୟ ଅନେକ ଗାଲୁଆ ଅଧିକାରୀଙ୍କ ଚେତା ପଶୁନି। ପୁଣି ଲୋକଙ୍କ ଜୀବନ ସହିତ ଖେଳ ଖେଳିବା ପାଇଁ ଚାଲିଛି ମସୁଧା। ଯାହାର ଜ୍ୱଳନ୍ତ ଉଦାହରଣ ଜଗତସିଂହପୁର ସହର ସ୍ଥିତ ଯୋଗଧାରୀ ବସଷ୍ଟାଣ୍ଟରେ। ଗୁରୁବାର ଦିନ ନିର୍ମାଣଧୀନ କାର୍ଯ୍ୟକୁ ନେଇ ସ୍ଥାନୀୟ ଜନସାଧାରଣ ସ୍ୱର ଉତ୍ତୋଳନ କରିଛନ୍ତି। ଯାହା ଫଳରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ମନମୁଖୀ କାର୍ଯ୍ୟ କରାଯାଉଛି ବୋଲି ଅଭିଯୋଗ ହେଉଛି।

ଏହି କାର୍ଯ୍ୟରେ ନିମ୍ନମାନର ବାଲି, ଗୋଡ଼ି, ସିମେଣ୍ଟ, ମେଣ୍ଟାଲ ସହିତ ଭାଗମାପରେ କମ ପରିମାଣର କାର୍ଯ୍ୟ କରାଯିବା ଯୋଗୁ ନିମ୍ନମାନର କାମ ହେଉଛି । ଯାହାଫଳରେ ବସଷ୍ଟାଣ୍ଟର ସ୍ଥାୟିତ୍ୱ ନେଇ ଜିଲ୍ଲା ଦଳିତ ବିକାଶ ପରିଷଦର ସଭାପତି ଶଙ୍କର ଦାସ ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସରେ ଟୁଇଟ୍ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଶ୍ରମବିଭାଗ ମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି । ଯଦି କୌଣସି ବ୍ୟକ୍ତି ନିମ୍ନମାନର କାମକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରୁଛି କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ସେହି ବ୍ୟକ୍ତିର ନାମ ବିଭାଗୀୟ ଯନ୍ତ୍ରୀ କହି ଦେଉଥିବା ଆଲୋଚନା ହେଉଛି। ଯାହା ଫଳରେ ନିମ୍ନମାନର କାର୍ଯ୍ୟ ହେଲେ ବି କୌଣସି ବ୍ୟକ୍ତି ଅଭିଯୋଗ କରିବାକୁ ସାହସ କରୁନାହାନ୍ତି । ଯାହା ଫଳରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କାର୍ଯ୍ୟ ଚାଲୁଛି ।

ସୂଚନା ଅନୁସାରେ ଜଗତସିଂହପୁର ବସଷ୍ଟାଣ୍ଟ ଜିଲ୍ଲାର କେନ୍ଦ୍ର ସ୍ଥଳ ହୋଇଥିବାରୁ ବିଭିନ୍ନ ସ୍ଥାନରୁ ହଜାର ହଜାର ଯାତ୍ରୀ ଓ ପର୍ଯ୍ୟଟକ ଆସି ଖରା ବର୍ଷା କାକର ଖାଇ ବସଷ୍ଟାଣ୍ଟରେ ବସକୁ ଅପେକ୍ଷା କରୁଥିଲେ ଯାହାକୁ ନେଇ ପୁରାତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସ ବସଷ୍ଟାଣ୍ଡର ଉନ୍ନତିକରଣ ପାଇଁ ମଞ୍ଜୁର କରିଥିଲେ । ଜଗତସିଂହପୁର ପୂର୍ତ୍ତ ବିଭାଗ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଇଥିଲେ । ଏହି କାର୍ଯ୍ୟ ପାଇଁ 'କ'ଶ୍ରେଣୀ ଠିକାଦାର ପବିତ୍ର ମୋହନ ନାୟକଙ୍କ ଏଜେନ୍ସି ନାମରେ କାର୍ଯ୍ୟ କରିବା ପାଇଁ ଅନୁମୋଦନ କରାଯାଇଥିଲା। ଏହି ବସଷ୍ଟାଣ୍ଟ କାର୍ଯ୍ୟକୁ ନେଇ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତକୁ ଅଣାଯାଉ ବୋଲି ଜିଲ୍ଲା ଦଳିତ ବିକାଶ ପରିଷଦର ସଭାପତି ଶଙ୍କର ଦାସ ଦାବି କରିଛନ୍ତି ।

# ରଙ୍ଗଣୀ ହେବ ଆଦର୍ଶ ଜନଜାତି ଗାଁ

## ଜିଲ୍ଲାପାଳ, ଡିଏଫଓ ଗାଁରେ ପହଁଞ୍ଚି କଲେ ଆଲୋଚନା



**ରାଜନଗର, ୧।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ରଙ୍ଗଣୀ ପଂଚାୟତର ରଙ୍ଗଣୀ ଗାଁ ହେବ ଆଦର୍ଶ ଜନଜାତି ଗାଁ । ଗାଁରେ ୨୫ ପ୍ରତିଶତରୁ ଅଧିକ ଅର୍ଥାତ ୧୫୦ ଆଦିବାସୀ ପରିବାର ବାସ କରୁଥିବାରୁ ଗାଁକୁ ଆଦର୍ଶ ଜନଜାତି ଗାଁ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପକ୍ରିୟା ଆରମ୍ଭ ହୋଇଛି । ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଡ଼ିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ରଙ୍ଗଣୀ ଗାଁରେ ପହଁଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀପ୍ରଧାନ, ଡ଼ିଏଫଓ ରଙ୍ଗଣୀ ପଂଚାୟତ ଅଫିସରେ ପହଂଚିଥିଲେ । ରଙ୍ଗଣୀ ଗାଁକୁ ଆଦର୍ଶ ଜନଜାତି ଗାଁ ଭାବେ ଘୋଷଣା କରାଯିବ। ସମସ୍ତ ଆଦିବାସୀ ପରିବାରକୁ ଜନଜାତି ସାର୍ଟିଫିକେଟ ସହିତ ସମସ୍ତ ଜନଜାତି ପରିବାରକୁ ଅଗ୍ରାଧିକାର ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ, ପିଇବା ପାଣି, ବିଦ୍ୟୁତ ସେବା ଯୋଗାଇ ଦିଆଯିବ । ଗାଁରେ ଚକାଚକ ରାସ୍ତା ସହିତ ଛୋଟ ମେଡିକାଲ ପ୍ରତିଷ୍ଠା କରାଯିବ ବୋଲି କହିଥିଲେ । ଏଥି ସହିତ ରଙ୍ଗଣୀ, ଭେକଟା ଓ ପଟ୍ଟାପାରିଆ ଗାଁର ଲୋକେ ୨୦୦୬ରେ ଫରେଷ୍ଟ ରାଇଟ ଆକ୍ଟରେ ପଟ୍ଟା ମିଳିଥିଲେ ମଧ୍ୟ ତାର ପାଉତି କଟାଯାଉନାହିଁ ବୋଲି ଅଭିଯୋଗ କରିଥିଲେ । ଏଥି ସହିତ ଭେକଟା ଗାଁର ସେଟଲମେଣ୍ଟ ଆଜି ଯାଏଁ ହୋଇନଥିବାରୁ ସେମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ନେଇ କହିଥିଲେ । ବର୍ଷା ପରେ ସର୍ଭେ କରି ରିପୋର୍ଟ ଦେବା ସହିତ ସେଟଲମେଣ୍ଟ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ବିଡ଼ିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ରଙ୍ଗଣୀ ସରପଞ୍ଚ ଲୋପାମୁଦ୍ରା ଜେନା, ସମିତି ସଭ୍ୟ ତପନ କୁମାର ସାହୁ, ତାଳଚୁଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପରେ ଜିଲ୍ଲାପାଳ ଚାଆଁରାକୋଲ୍ଲାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ରଙ୍ଗଣୀ ଜିପି ହାଇସ୍କୁଲରେ ପହଁଞ୍ଚି ବିଦ୍ୟାଳୟ ରେ ଭିତ୍ତିଭୂମି ଦେଖିଥିଲେ । ଏହା ପରେ ନେଚର୍ସ କ୍ଲବ ପକ୍ଷରୁ ଚାଆଁରାକୋଲ୍ଲା ଗାଁରେ ହାଣ୍ଡିରେ ପ୍ରସ୍ତୁତ କରାଯାଉଥିବା ଜୈବିକ ଖତ କୁ ଦେଖିଥିଲେ । ରଙ୍ଗଣୀ ସରପଞ୍ଚ ଓ ଅନ୍ୟ ତିନିଟି ଘରକୁ ଯାଇ ହାଣ୍ଡି ଖତ ଦେଖିବା ସହିତ ଏହା କିପରି ପ୍ରସ୍ତୁତ ହେଉଛି ଓ କଣ ସୁଫଳ ମିଳୁଛି ତାହା ପଚାରି ବୁଝିଥିଲେ ।

# ଫ୍ୟାନ ଖସି ଛାତ୍ର ଗୁରୁତର

**କେନ୍ଦ୍ରାପଡ଼ା, ୧।୧୦ (ସଂଚାର ବ୍ୟୁରୋ):** କଲେଜରେ ପଢୁଥିବା ବେଳେ ସିଲିଂ ଫ୍ୟାନ ଖସି ଛାତ୍ର ଗୁରୁତର । କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ବିଜ୍ଞାନ ଛାତ୍ର ରାକେଶ କୁମାର ସେଠି ମଙ୍ଗଳବାର ଦିନ କଲେଜରେ କ୍ଲାସ କରୁଥିବା ବେଳେ କଲେଜ କ୍ଲାସ ରୁମ୍‌ର ସିଲିଂ ଫ୍ୟାନ ଖସିପଡ଼ି ରାକେଶଙ୍କ ଉପରେ ପଡିଥିଲା ଫଳରେ ସେ ଗୁରୁତର ହୋଇପଡ଼ିଥିଲେ । ତେବେ ରାକେଶଙ୍କ ଘର ଡେରାବିଶ



ବ୍ଲକ କୁସିଆପାଳ ବାଲିପାଟଣା ଗ୍ରାମର ବୋଲି ଜଣାପଡିଥିଲା । ରାକେଶ କୁମାର ସେଠିଙ୍କୁ କଲେଜ କର୍ତ୍ତୃପକ୍ଷ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ନେଇଯାଇଥିଲେ ହେଲେ ଛାତ୍ରଙ୍କ ଆଖି ପତା ଫାଟି ଯାଇଥିବାରୁ ତାହା ସିଲାଇ ହୋଇ ସାତୋଟି ଷ୍ଟିଚ ପଡିଥିଲା। ଏହାସହ ଛାତ୍ରଙ୍କ ମୁଣ୍ଡରେ ମଧ୍ୟ ଗଭୀର ଆଘାତ ମଧ୍ୟ ଲାଗିଛି । ଏନେଇ ଛାତ୍ରଙ୍କ ପରିବାର ପକ୍ଷରୁ କଲେଜର ମେଣ୍ଟେନାନ୍ସ ଓ କଲେଜ କର୍ତ୍ତୃପକ୍ଷଙ୍କ ଦାଇତ୍ୱହୀନତାକୁ ନେଇ ଦାୟୀ କରିଛନ୍ତି । କେନ୍ଦ୍ରାପଡ଼ାର ପ୍ରତିଷ୍ଠିତ କଲେଜକୁ ଅନେକ ସରକାରୀ ଅନୁଦାନ ମିଳୁଥିଲେ ବି ଏଭଳି ଦୁରାବସ୍ଥା ପାଇଁ ଦୁର୍ନୀତି ହିଁ ଦାୟୀ ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ଏହି ଅଘଟଣ ପରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଆଗକୁ ଯେପରି ଏଭଳି ଅଘଟଣ ନ ଘଟେ ସେଥିପ୍ରତି କଲେଜ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ମଧ୍ୟ ଦାବି ହେଉଛି।

# ଭିଜିଲାନ୍ସ ଜାଲରେ ଖାଦ୍ୟ ସୁରକ୍ଷା ଅଧିକାରୀ

## ୫ ହଜାର ଲାଞ୍ଚ ନେବା ବେଳେ ଧରାପଡ଼ିଲେ



**କେନ୍ଦ୍ରାପଡ଼ା, ୧।୧୦ (ସଂଚାର ବ୍ୟୁରୋ):** ବ୍ୟବସାୟୀଙ୍କ ଠାରୁ ଲାଇସେନ୍ସ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭାସ ମଜୁମଦାର ଦୁର୍ନୀତି ନିବାରଣ ବିଭାଗ ହାତରେ ଧରାପଡିଛନ୍ତି। ତିନିମୁହାଣୀ ସ୍ଥିତ ଆଖଣ୍ଡଳମଣି ମାର୍ବଲ ନିକଟରେ ସେ ଲାଞ୍ଚ ନେଉଥିବା ବେଳେ ଗିରଫ ହୋଇଛନ୍ତି । ଦୁର୍ନୀତି ନିବାରଣ ଅଧିକାରୀମାନେ ତାଙ୍କୁ ଗିରଫ କରିବା ପରେ ଗରାପୁର ସ୍ଥିତ ଦୁର୍ନୀତି ନିବାରଣ ବିଭାଗ କର୍ଯ୍ୟାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ଦୁର୍ନୀତି ନିବାରଣ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ନିଆଯାଇଥିଲା।

ଦୁର୍ନୀତି ନିବାରଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଖାଦ୍ୟ ସୁରକ୍ଷା ଅଧିକାରୀ କେନ୍ଦ୍ରାପଡ଼ା ସହରରେ ଥିବା ଏକ ବ୍ୟବସାୟିକ ପ୍ରତିଷ୍ଠାନରେ ନିକଟରେ ଚଢଉ କରିଥିଲେ । ଚଢଉ କରିବା ବେଳେ ଦୋକାନୀଙ୍କ ଲାଇସେନ୍ସ ନଥିଲା । ତେଣୁ ବ୍ୟବସାୟୀ ଜଣଙ୍କୁ ଲାଇସେନ୍ସ କରିବା ପାଇଁ ଶ୍ରୀ ମଜୁମଦାର କରିଥିଲେ । ଏ ନେଇ ବ୍ୟବସାୟୀ ଜଣକ ଜିଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ଲାଇସେନ୍ସ କରାଇ ଦେବା ପାଇଁ ତାଙ୍କୁ ଶ୍ରୀ ମଜୁମଦାର ୫ ହଜାର ଟଙ୍କା ମାଗିଥିଲେ । ଏଥିରେ ବ୍ୟବସାୟୀ ଜଣକ ରାଜି ହୋଇଥିଲେ। ଅପରପକ୍ଷରେ ବ୍ୟବସାୟୀ ଜଣକ ଏ ନେଇ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ କରିଥିଲେ । ତେଣୁ ଦୁର୍ନୀତିଗ୍ରସ୍ତ ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ମଜୁମଦାରଙ୍କୁ ଗିରଫ କରିବା ପାଇଁ ଦୁର୍ନୀତି ନିବାରଣ ବିଭାଗ କାର୍ଯ୍ୟାଳୟର ଏକ ଦଳ ପୂର୍ବରୁ ଆଖଣ୍ଡଳମଣୀ ମାର୍ବଲ ନିକଟରେ ଛକି ରହିଥିଲେ । ସେହିଠାକୁ ଶ୍ରୀ ମଜୁମଦାର ୫ ହଜାର ଟଙ୍କା ଗ୍ରହଣ କରିବା ବେଳେ ଦୁର୍ନୀତି ନିବାରଣ ଅଧିକାରୀମାନେ ତାଙ୍କୁ ମାଡି ବସିଥିଲେ । ଏହାପରେ ଦୁର୍ନୀତି ନିବାରଣ ବିଭାଗ କାର୍ଯ୍ୟାଳୟକୁ ନେଇଥିଲେ। ତାଙ୍କ ଠାରୁ ଜବତ କରାଯାଇଥିବା ଟଙ୍କାରେ ପୂର୍ବରୁ ରାସାୟନିକ ଦ୍ରବ୍ୟ ବୋଳା ଯାଇଥିଲା । ତେଣୁ ତାଙ୍କ ହାତ ଧୋଇବା ପରେ ରଙ୍ଗମିଶା ପାଣି ବାହାରିଥିଲା । ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ସେ ଲାଞ୍ଚ ଟଙ୍କା ଗ୍ରହଣ କରିଛନ୍ତି । ଏହାପରେ ତାଙ୍କୁ ଗିରଫ କରି କଟକ ଭିଜିଲାନ୍ସ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା । ସେଠାରୁ ତାଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯିବ ବୋଲି ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କୁହାଯାଇଛି । ଏ ନେଇ ତାଙ୍କ ବିରୋଧରେ ଭିଜିଲାନ୍ସ ଥାନା କେସ ନଂ. ୨୮/୨୦୨୪ ଦଫା ୭ ପିସି (ସଂଶୋଧନ ଆଇନ୍) ୨୦୧୮ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।



# ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତିଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନ

**ନୀଳଗିରି, ୧।୧୦ (ସଂଚାର ବ୍ୟୁରୋ):** ନୀଳଗିରି ଭାରତୀୟ ଜନତା ଯୁବମୋର୍ଚ୍ଚା ନୀଳଗିରି ତରଫରୁ ନୀଳଗିରି ମହାବିଦ୍ୟାଳୟ ସମ୍ମୁଖରେ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କିଛି ସମୟ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ.ଅନ୍ୟ ମାନଙ୍କ ମଧ୍ୟରେ ନୀଳଗିରି ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ,ପଙ୍କଜ କୁମାର ପଣ୍ଡା,ତରୁଣ ଜେନା, ବିଶ୍ୱରାମ ମିଶ୍ର, ଗୋପୀବଲ୍ଲଭ ରାଉତ, ସନ୍ତୋଷ ନାୟକ, ରଂଜିତ ପଣ୍ଡିତ,ରତିକାନ୍ତ ପ୍ରମୁଖ ଉପସ୍ଥିତ ରହି ଶତାଧିକ ସଂଖ୍ୟାରେ ୧୮ ବର୍ଷରୁ ଅଧିକ ଆଗ୍ରହୀ ଛାତ୍ର ଛାତ୍ରୀ ମାନଙ୍କୁ ସଦସ୍ୟତା ପ୍ରଦାନ କରଥିଲେ।

# ଆଜି ମହାଳୟା: ଗଡ଼ିବ ବିରଜାଙ୍କ ସିଂହଧ୍ୱଜ ରଥ



**ଯାଜପୁର, ୧।୧୦ (ସଂଚାର ବ୍ୟୁରୋ):** ପବିତ୍ର ଦୁର୍ଗାପୂଜା ଅବସରରେ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କର ଅନୁଷ୍ଠିତ ହୋଇଥାଏ ନିଆରା ରଥଯାତ୍ରା। ତେବେ ମହାଳୟ ଦିନ ମା ବିରଜାଙ୍କ ରଥାଧିବାସ ହୋଇଥାଏ। ପରଦିନ ଅମାବାସ୍ୟା ପ୍ରତିପଦା ଠାରୁ ୯ ଦିନ ବ୍ୟାପୀ ମାଆଙ୍କର ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ରଥ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି।

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ରଥଯାତ୍ରା ସମଗ୍ର ଭାରତୀୟ ଶକ୍ତି ସଂସ୍କୃତିରେ ଏକ ନିଆରା ପରମ୍ପରା। ଅନ୍ୟ କୌଣସି ଶକ୍ତି ପୀଠରେ ଏପରି ରଥଯାତ୍ରା ଦେଖାଯାଏ ନାହିଁ। ଆସନ୍ତାକାଲି ମହାଳୟା ଅବସରରେ ମା ବିରଜାଙ୍କ ସିଂହଧ୍ୱଜ ରଥର ଅଧିବାସ କର୍ମ କରାଯିବ। ତା ପରଦିନ ଅର୍ଥାତ ପ୍ରତିପଦ ତିଥୀରେ ମାଙ୍କର ରଥପ୍ରତିଷ୍ଠା ହୋଇ ଅପରାହ୍ନ ମନ୍ଦିର ଚାରି ପଟେ ରଥ ପରିକ୍ରମା କରାଯିବ। ଏହିଭଳି ପ୍ରତିପଦ ଠାରୁ ମହାନବମୀ ପର୍ଯ୍ୟନ୍ତ ଦିନ ବ୍ୟାପୀ ନଅ ଥର ବୁଲିବ ଏହାକୁ ନବ ଦିନାତ୍ମକ ରଥଯାତ୍ରା କୁହାଯାଏ। ମାଙ୍କର ବିଜେ ପ୍ରତିମା ସିଂହଧ୍ୱଜ ରଥରେ ବିରାଜମାନ କରିବେ ଏବଂ ରଥ ପରିକ୍ରମା କରାଯିବ। ମହାନବମୀ ତିଥି ରଥଯାତ୍ରାର ଅନ୍ତିମ ଦିନ। ଏହି ରଥ ହେଉଛି ବ୍ରହ୍ମାଙ୍କ ଦ୍ୱାରା ନିର୍ମିତ ରଥ ବୋଲି ପୌରାଣିକ ଆଖ୍ୟାନ ରହିଛି। ବ୍ରହ୍ମା ଏହି ରଥକୁ ଦେବୀଙ୍କୁ ଅର୍ପଣ କରିଥିବା ଶାସ୍ତ୍ରରେ କୁହାଯାଇଛି। ରଥରେ ନିଜେ ପିତାମହ ବ୍ରହ୍ମା ସାରଥୀ ସାଜିଥାନ୍ତି। ରଥରେ ନବ ଦୁର୍ଗାଙ୍କ ଠାରୁ ଆରମ୍ଭ କରି ନବଗ୍ରହ,ସିଦ୍ଧ, ଗନ୍ଧର୍ବ, କିନ୍ନର ସମସ୍ତେ ଏହି ରଥରେ ମା'ଙ୍କ ରଥଯାତ୍ରାରେ ସହାୟତା କରିବା ପାଇଁ ଅପେକ୍ଷା କରିଥାନ୍ତି।

ଏହି ରଥ ଏକ ଦୁର୍ଲଭ ରଥ। ଶୁଭ ସୁନିଆ ଠାରୁ ବନଜାଗ ଯାତ୍ରା କରି ରଥ ପାଇଁ କାଠ୍ୟ ସଂଗ୍ରହ ପରେ ରଥ ନିର୍ମାଣ କରାଯାଇଥାଏ। ଏହି ରଥ ନିର୍ମାଣ ପାଇଁ ୮୯୮ ଖଣ୍ଡ କାଠ ଲାଗୁଥିବା ବେଳେ ୧୨ଟି ଚକ ରହିଥାଏ। ଏହି ରଥ ଦେଖିବାକୁ ମା ଶୁଭଦ୍ରାଙ୍କ ପରି ହୋଇଥିବା ବେଳେ ଏହାର ଦୈର୍ଘ୍ୟ ୧୪ ହାତ ୪ ଆଙ୍ଗୁଳି,ପ୍ରସ୍ଥ ୧୧ ହାତ ୯ ଆଙ୍ଗୁଳି ଓ ଉଚ୍ଚତା ୪୩ ହାତ ୧୬ ଆଙ୍ଗୁଳି ରହିଛି। ରଥରେ ୧୩ଟି ଥାକ ଥାଏ। ୬ଟି ଅଖ ଓ ୨୪ ଟି ଧାରଣା ଏବଂ ୬୪ ଖୁଣ୍ଟି ରହିଥାଏ। ଏହି ରଥଯାତ୍ରାର ଶେଷ ଦିନ ମାଙ୍କ ବିରଜାଙ୍କ ବିଜେ ପ୍ରତିମାକୁ ରଥରୁ ଅବତରଣ କରାଯାଇ ଲାଖବିନ୍ଧା ପଡିଆକୁ ନିଆଯାଏ। ସେଠାରେ ଡାକେଶ୍ୱରୀଙ୍କ ପାଖରେ ୪ ଦିଗକୁ ୪ଟି ଲକ୍ଷ୍ୟ ଭେଦ କରାଯାଇ ବିଜୟା ଉତ୍ସବ ପାଳନ କରାଯାଏ। ତେବେ ଏହି ପୂଜା ରୀତି ସଂପୂର୍ଣ୍ଣ ବିଶ୍ୱରେ ନିଆରା ବୋଲି ଆଖ୍ୟା ପାଇଛି।

# ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସାମ୍ବାଦିକ ଦିଲ୍ଲୀପ ପଟ୍ଟନାୟକ ସମ୍ବର୍ଦ୍ଧିତ

**ଖୋର୍ଦ୍ଧା, ୧।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବର ସମ୍ପାଦକ ଶ୍ରୀ ଦିଲ୍ଲୀପ ପଟ୍ଟନାୟକ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ବିଶ୍ୱ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓ ଆଣ୍ଡ ପିଏଚଓ) ଡା. ରାଜଶ୍ରୀ ପଟ୍ଟନାୟକ ଓ ଏଡିପିଏଚ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଖୋର୍ଦ୍ଧା ଜିଲା ପ୍ରେସ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଓ.ୟୁ.ଡବ୍ଲୁ.ଜେ. ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ଓ.ୟୁ.ଜେ.ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ, ୟୁ.ଜେ.ଏ. ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଧରିତ୍ରୀ ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି ତଥା ବିଶିଷ୍ଟ ସମାଜସେବୀ ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ ସାମନ୍ତରାୟଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଡି.ପି.ସି ପକ୍ଷରୁ ସାମ୍ବାଦିକ ଭବନରେ ଆୟୋଜିତ ରକ୍ତଦାନ ଶିବିରରେ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ, ଏଥିସହିତ ଅନ୍ଯ ମାନଙ୍କୁ ଉତ୍ସାହିତ କରିଥିଲେ। ଆଗକୁ ମଧ୍ୟ ସେ ପ୍ରତି ୩ ମାସରେ ରକ୍ତଦାନ କରିବେ ବୋଲି ସଂକଳ୍ପ କରିଥିଲେ। ଶ୍ରୀ ପଟ୍ଟନାୟକ ଉଭୟ ଅନୁଷ୍ଠାନ ଜିଲା ସମ୍ପାଦକ ଦାୟିତ୍ୱ ରହିଛନ୍ତି। ସେ ଲବ୍ଧ ପ୍ରତିଷ୍ଠିତ ଦୈନିକ ଇଂରାଜୀ ଖବରକାଗଜ ଷ୍ଟେଟ୍ସମ୍ୟାନର ଖୋର୍ଦ୍ଧା ଜିଲ୍ଲା ସ୍ୱତନ୍ତ୍ର ପ୍ରତିନିଧି ଭାବେ କାର୍ଯ୍ୟରତ ଅଛନ୍ତି। ଏଥିସହିତ ସେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡି.ଜି.ଏମ ପ୍ରକାଶ ବାନାର୍ଜୀ, ଡି.ପି.ଏଚ.ଓ ପ୍ରସନ୍ନ ମହାପାତ୍ରଙ୍କ ସମେତ ବିଭିନ୍ନ ରକ୍ତଦାନ ଶିବିର ଆୟୋଜକ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କଣାସରେ ଆର୍ନ୍ତଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ



**କଣାସ, ୧।୧୦ (ସଂଚାର ବ୍ୟୁରୋ):** ଆଜି ସାରା ବିଶ୍ୱରେ ଆର୍ନ୍ତଜାତୀକ ବରିଷ୍ଠ ନାଗରିକ ଦିବସ ପାଳିତ ହେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଜରାନିବାସ ପକ୍ଷରୁ ଆର୍ନ୍ତଜାତୀକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ବଡଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ନଗେନ୍ଦ୍ର ନାଥ ସୁନ୍ଦରାୟ, ଶିକ୍ଷାବିତ୍ ତଥା ସାହିତ୍ୟ ଏକାଡେମୀରୁ ପୁରସ୍କାର ଗ୍ରହଣ କରିଥିବା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ଅନୁଷ୍ଠାର ଅଧ୍ୟକ୍ଷ ଶିକ୍ଷାବିତ୍ କସ୍ତୁରୀ ଚରଣ ମହାନ୍ତି ଅତିଥି ଭାବେ ଯୋଗଦେଇ ସର୍ବ ପ୍ରଥମେ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କେତେ ଆଶା ରଖି ନିଜର ପିଲାମନାଙ୍କୁ ମଣିଷ କରି ଶେଷରେ ଜରାନିବାସରେ ଆଶ୍ରୟ ନେଉଇଥିବା ବୃଦ୍ଧ ବୃଦ୍ଧାମାନେ କୌଣସି ଚିନ୍ତା ନ କରି ଶେଷ ଜୀବନରେ ଭଗବାନଙ୍କ ନାମ ନେବାପାଇଁ ପରମାଶ୍ର ଦେବା ସହ ପ୍ରତ୍ୟେକ ପୁଅ, ଝିଅ, ପିତା, ମାତା ଭଗବାନ ରୂପେ ପୂଜା କରିବା ପାଇଁ ନିବେଦନ କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ଭିତରେ ଭଜନ, ନିଜର ଅନୁଭୂତି ଓ କାନ୍ଦଣା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। କୃତି ପ୍ରତିଯୋଗିଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ।

## ସ୍ମାର୍ଟ ମିଟରକୁ ବିରୋଧ

# ଟାଟା ଚରିତ୍ର ପରିବର୍ତ୍ତନ କରୁ

**ବ୍ରହ୍ମପୁର, ୧।୧୦ (ସଂଚାର ବ୍ୟୁରୋ):** ବିଦ୍ୟୁତ୍ (ଟିପିଏସଓଡିଏଲ୍)ର ବିଭିନ୍ନ କାର୍ଯ୍ୟ ନେଇ ଲୋକଙ୍କ ମନରେ ସନ୍ଦେହ ଘେରୁଛି । ସ୍ମାର୍ଟ ମିଟରକୁ ନେଇ ପ୍ରଶ୍ନ ଉଠିଛି । ଲୋକେ ଏହାକୁ ବିରୋଧ କରୁଛନ୍ତି । କିନ୍ତୁ ସେମାନେ ଏହି ମିଟର ସଂଯୋଗ କରିବା ପାଇଁ ବାଧ୍ୟ କରୁଛନ୍ତି । ଅଚାନକ ଆସି ମିଟର ସଂଯୋଗ କରୁଥିବା ଦେଖାଦେଇଛି। ଗତ ମହାନଗର ବୈଠକରେ ଏଭଳି କାର୍ଯ୍ୟ ଏବଂ ମିଟର ସଂଯୋଗକୁ ବିରୋଧ କରଯାଇଥିଲା। ଟିପିଏସଓଡିଏଲ୍‌ର ଏଭଳି କାର୍ଯ୍ୟକୁ ବରିଷ୍ଠ ଓକିଲ ପୀତବାସ ପଣ୍ଡା ନିନ୍ଦା କରିଛନ୍ତି । ଟାଟା ତାର ଚରିତ୍ର ପରିବର୍ତ୍ତନ କରୁ ବୋଲି ସେ କହିଛନ୍ତି । ମିଟର ସଂଯୋଗ ବଧ୍ୟତା କେତେଦୂର ଗ୍ରହଣୀୟତା ତାହା ତଦନ୍ତ ସାପେକ୍ଷ । ରାଜ୍ୟରେ ସରକାର ପରିବର୍ତ୍ତନ ହେଲାଣି ଟାଟା କମ୍ପାନୀ ଲୋକଙ୍କୁ ଶୋଷଣ କରିବା ବନ୍ଦ କରୁ । ସେହିଭଳି କର୍ପୋରେଟର ବି ପୁଷ୍ପାବତି କହିଛନ୍ତି ଯେ ସ୍ମାର୍ଟ ମିଟର ସଂଯୋଗକୁ ବିରୋଧ କରାଯିବା ଲୋକଙ୍କୁ କାହିଁକି ହଇରାଣ ହରକତ କରାଯାଉଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପଟେ ବିଜେପି ବରିଷ୍ଠ ନେତା ଡ ସୁବାଷ ସାହୁ ମଧ୍ୟ ଏହାକୁ ବିରୋଧ କରୁଛନ୍ତି । ସ୍ମାର୍ଟ ମିଟର ରେ ଦୁଇ ଗୁଣା ବିଲ ଅଧିକା ଆସୁଛି । ଗ୍ରାହକ ଜାଣି ପାରୁ ନାହାଁନ୍ତି । ଟାଟା ଚାକିରି ଛଟେଇ କରୁଛି । ମିଟର ପାଇଁ ଟଙ୍କା ନେବାର ନିୟମ ନାହିଁ । ଭିନ୍ନ ଭିନ୍ନ ଚାର୍ଜରେ ସ୍ମାର୍ଟ ମିଟର ଲୁଟ୍‌ପାଟ କରୁଛି । ସ୍ମାର୍ଟ ମିଟରର ଫାଇଦା ଦିଗରେ ଲୋକଙ୍କୁ ଅବଗତ କରାଇବା ଡ ସାହୁ ଦାବି କରିଛନ୍ତି ।

# ମାର୍ଚ୍ଚ ୫ରେ ଅଭିରାମ ଦେବଙ୍କ ସନାତନ ଧର୍ମ ସମିଳନୀ ପାଇଁ ବୈଠକ

**ରାଜନଗର, ୧।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବାରଗାଁସ୍ଥିତ ମା ମାଟିଆ ମଙ୍ଗଳାଙ୍କ ପୀଠରେ ଜଗତଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଧର୍ମ ସମିଳନୀ ଓ ଭକ୍ତ ମିଳନ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆଞ୍ଚଳିକ ଭକ୍ତିଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ ସେବକ ଅଭୟ ବାବାଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ୨୦୨୫ ମସିହା ମାର୍ଚ୍ଚ ୫ ରୁ ୮ ତାରିଖ ପର୍ଯ୍ୟନ୍ତ ଧର୍ମ ସମିଳନୀ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି ।ଏଥିରେ କରମଳା ଶାନ୍ତି ଆଶ୍ରମ ର ସାଧୁ ବାବାଜୀ ଅନ୍ତର୍ଯ୍ୟାମୀ ଦାସ, ବାବାଜୀ ଜଗବନ୍ଧୁ ଦାସ,ବାବାଜୀ ଆତ୍ମାରାମ ଦାସ ପ୍ରମୁଖ ଉପସ୍ଥିତ ରହି ଆଶ୍ରିବଚନ ପ୍ରଦାନ କରିବା ସହିତ ଧର୍ମ ସମିଳନୀ କିପରି ମହାଡମ୍ବରରେ ହେବ ସେ ନେଇ ଆଲୋଚନା କରିଥିଲେ ।ଏହି ବୈଠକରେ ଡେରା ପଂଚାୟତ ସହିତ ରାଜନଗର ବ୍ଲକ ର ବିଭିନ୍ନ ଗାଁ ରୁ ଆସିଥିବା ଭକ୍ତ ଭାଇ ମାନେ ସମିଳନୀ କିପରି ସୁନ୍ଦର ହେବ ସେ ନେଇ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ କୁ ଆଞ୍ଚଳିକ ଭକ୍ତ ଗୋଷ୍ଠୀର ସଭାପତି ଦିବାକର ପରିଡ଼ା, ସମ୍ପାଦକ ଗୋଲେଖ ବିହାରୀ ରାଉତ ଓ ଗୁରୁ ଭାଇ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ଜୀବନ ଅମୃତ ଅନୁଚିନ୍ତା

ପ୍ରାରବ୍ଧରୁ ମୁକ୍ତି-ଆମେ ସବୁ ପ୍ରାରବ୍ଧ କର୍ମରେ ବନ୍ଧା, ଏପରିକି ସ୍ରଷ୍ଟା ମଧ୍ୟ ଏଥିରୁ ମୁକ୍ତ ନୁହଁନ୍ତି, କେବଳ ଇଶ୍ୱରଙ୍କ ନାମ ଜପ , ସତସଙ୍ଗକୁ ଓ ସମର୍ପଣ ଭକ୍ତି ପ୍ରାରବ୍ଧ କର୍ମରୁ ମୁକ୍ତି ଦିଏ।


SANCHAR
ସଂଚାର
୪ ବୁଧବାର ୨ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Wednesday 2 October 2024 Bhubaneswar


# ମୋହନ ହେବେ ଟ୍ରମ୍ପକାର୍ଡ

ଆସନ୍ତା ନଭେମ୍ବରରେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଏବେଠାରୁ ଅଣଆନୁଷ୍ଠାନିକ ପ୍ରଚାର ଆରମ୍ଭ ହୋଇଗଲାଣି। ସୋମବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାଡ଼ଖଣ୍ଡରେ ବିଜେପି ପାଇଁ ପ୍ରଚାର କରିଛନ୍ତି। ସିଂହଭୂମିରେ ସେ ଏକାଧିକ ସଭାରେ ଯୋଗ ଦେଇ ଝାଡ଼ଖଣ୍ଡରେ ପରିବର୍ତ୍ତନର ଆହ୍ୱାନ ଦେଇଛନ୍ତି। ଓଡ଼ିଶା ହେଉଛି ଝାଡ଼ଖଣ୍ଡର ପଡ଼ୋଶୀ ଏବଂ ଅନେକ ଓଡ଼ିଆ ମଧ୍ୟ ଝାଡ଼ଖଣ୍ଡରେ ରହନ୍ତି। ମୋହନ ଚରଣ ମାଝୀ ନିଜେ ଜଣେ ଆଦିବାସୀ। ତେଣୁ ସେ ଝାଡ଼ଖଣ୍ଡରେ ନିର୍ବାଚନ ପ୍ରଚାର କରି ବିଜେପି ପାଇଁ ଭୋଟ ଭାଗିଲେ ତାହା ଆଦିବାସୀଙ୍କୁ ପ୍ରଭାବିତ କରିବ ବୋଲି ବିଚାର କରି ବିଜେପି କେନ୍ଦ୍ରୀୟ ନେତୃତ୍ୱ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ଝାଡ଼ଖଣ୍ଡ ନିର୍ବାଚନରେ ଓଡ଼ିଶାର ପ୍ରଭାବ ନିଶ୍ଚିତ ଭାବେ ରହିବ। କାରଣ ରାଜ୍ୟର ୮୧ ଆସନ ମଧ୍ୟରୁ ୧୪ଟି ଆସନରେ ଓଡ଼ିଆଙ୍କ ପ୍ରଭାବ ବା ସଂଖ୍ୟା ଅଧିକ ରହିଛି। ସଂଖ୍ୟାଗରିଷ୍ଠତା ପାଇଁ ୪୧ ଆସନ ଆବଶ୍ୟକ। ସେଥିରେ ୧୪ ଆସନ କିଛି କମ ନୁହେଁ। ଏଥିପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାଡ଼ଖଣ୍ଡରେ ବିଜେପିର ସମ୍ଭାବ୍ୟ ବିଜୟରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା। ଏକ ଅପେକ୍ଷାକୃତ ଛୋଟ ରାଜ୍ୟ ହେଲେ ମଧ୍ୟ ଏହାର ରାଜନୈତିକ ପ୍ରଭାବ ଏବଂ ଗୁରୁତ୍ୱ ରହିଛି। ଏକଦା ଅବିଭକ୍ତ ବିହାରର ଏକ ଅଂଶଥିବା ଏହି ଆଦିବାସୀ ବହୁ ରାଜ୍ୟ ରାଜନୀତିରେ ବେଶ ଗୁରୁତ୍ୱ ବହନ କରୁଛି। ଏହା ଏଭଳି ଏକ ରାଜ୍ୟ ଯେଉଁଠି ଏନଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ଦ୍ୱିମୁଖୀ ମୁକାବିଲା ହେଉଛି। ଏଠାରେ ତୃତୀୟ ଶକ୍ତିର ଉପସ୍ଥିତି ହିଁ ନାହିଁ। ଏବେ ଝାଡ଼ଖଣ୍ଡରେ ଜେଏମଏମ-କଂଗ୍ରେସ-ଆରଜେଡି ମେଣ୍ଟ କ୍ଷମତାରେ ରହିଛି। ୨୦୧୯ରେ ଏହି ମେଣ୍ଟ ବିଜେପିକୁ ପରାଜିତ କରି କ୍ଷମତା ଦଖଲ କରିଥିଲା। ଏବେ ବିଜେପି ରାଜ୍ୟରେ ପୁନର୍ବାର କ୍ଷମତାକୁ ଫେରିବା ଉଦ୍ୟମ କରୁଛି। ୨୦୧୪ରୁ ୨୦୧୯ ରାଜ୍ୟରେ ବିଜେପି କ୍ଷମତାରେ ଥିଲା। ରଘୁବର ଦାସ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ। ସେ ଥିଲେ ରାଜ୍ୟର ପ୍ରଥମ ଅଣଆଦିବାସୀ ମୁଖ୍ୟମନ୍ତ୍ରୀ। କିନ୍ତୁ ୨୦୧୯ରେ ବିଜେପି ପରାଜିତ ହୋଇଥିଲା। କାରଣ ଝାଡ଼ଖଣ୍ଡ ଏକ ଆଦିବାସୀ ବହୁଳ ରାଜ୍ୟ ଏବଂ ଆଦିବାସୀମାନେ ସେମାନଙ୍କ ସରକାର ଚାଲୁ ବୋଲି ଚାହାଁନ୍ତି। ସେଥିପାଇଁ ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନ ନିମନ୍ତେ ଦୀର୍ଘ ବର୍ଷ ହେବ ଆନ୍ଦୋଳନ ଚାଲିଥିଲା। ଶେଷରେ ଏହା ସଫଳ ହୋଇଥିଲା ଏବଂ ବିହାରରୁ ଅଲଗା ହୋଇ ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଜନ୍ମ ନେଇଥିଲା। ଅଟଳ ବିହାରୀ ବାଜପେୟୀଙ୍କ ଦୃଢ଼ ନେତୃତ୍ୱ ଏବଂ ନିଷ୍ପତ୍ତି ବଳରେ ଏହା ସମ୍ଭବ ହୋଇଥିଲା। ଯାହା ବି ହେଉ ଝାଡ଼ଖଣ୍ଡରେ ଶିବୁ ସୋରେନଙ୍କ ଜେଏମଏମ ସବୁଠାରୁ ଶକ୍ତିଶାଳି ଦଳ ହୋଇଥିବା ବେଳେ ବିଜେପି ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ହୋଇଛି। ଗତ ୫ ବର୍ଷ ହେବ ରାଜ୍ୟରେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଜେଏମଏମ ସରକାର ଚାଲିଛି। କଂଗ୍ରେସ ଓ ଆରଜେଡି ଏହାକୁ ସହଯୋଗ କରୁଛନ୍ତି। କିନ୍ତୁ ହେମନ୍ତ ସୋରେନଙ୍କ ନେତୃତ୍ୱାଧିନ ମେଣ୍ଟ ସରକାର ବିରୋଧରେ ଏକାଧିକ ଦୁର୍ନୀତି ଅଭିଯୋଗ ହୋଇଛି। ଗତ ମାର୍ଚ୍ଚରେ ଜମି ଦୁର୍ନୀତି ଅଭିଯୋଗରେ ହେମନ୍ତ ସୋରେନଙ୍କୁ ଇଡି ଗିରଫ କରି ଜେଲ ପଠାଇଥିଲା। ସେତେବେଳେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ଚମ୍ପେଇ ସୋରେନ ହୋଇଥିଲେ ମୁଖ୍ୟମନ୍ତ୍ରୀ। କିନ୍ତୁ ହେମନ୍ତ ଜାମିନରେ ଖଲାସ ହେବା ପରେ ଚମ୍ପେଇ ଇସ୍ତଫା ଦେବାକୁ ବାଧ୍ୟ ହେଲେ ଏବଂ ହେମନ୍ତ ପୁଣି ମୁଖ୍ୟମନ୍ତ୍ରୀ ହେଲେ। ଏଥିରେ କ୍ଷୁବ୍ଧ ଏବଂ ଅପମାନିତ ହୋଇ ଚମ୍ପେଇ ଜେଏମଏମରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଛନ୍ତି। ଏହା ଆଗାମୀ ନିର୍ବାଚନରେ ଜେଏମଏମ ପାଇଁ ମହଙ୍ଗା ପଡ଼ିପାରେ। ଦୁର୍ନୀତି ସହ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ଖରାପ। ସେଥିଲାଗି ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଏଥିରୁ ବିଜେପି ଫାଇଦା ଉଠାଇବା ଉଚିତ। ଝାଡ଼ଖଣ୍ଡ ଦଖଲ ଲାଗି ବିଜେପି ଏକ ସ୍ୱତନ୍ତ୍ର ରଣନୀତି ଆପଣାଇଛି। ବିଜେପି ପାଇଁ ଝାଡ଼ଖଣ୍ଡ ଦାୟିତ୍ୱରେ ଅଛନ୍ତି ଋଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। ସେ ଜଣେ ଦକ୍ଷ ଏବଂ ନିର୍ବାଚନ ରଣନୀତି ନିର୍ଦ୍ଧାରଣରେ ବେଶ କୁଶଳୀ। ତାଙ୍କ ନିର୍ଦ୍ଦେଶନାରେ ବିଜେପି ଝାଡ଼ଖଣ୍ଡରେ କ୍ଷମତା ଦଖଲ ଲାଗି ପୁରା ଦମ ଲଗାଇ ଦେଇଛି। ତାଙ୍କ ଉଦ୍ୟମରେ ହିଁ ଚମ୍ପେଇ ସୋରେନ ବିଜେପିରେ ମିଶିଲେ। ରାଜ୍ୟରେ ଆଦିବାସୀଙ୍କ ସମର୍ଥନ ହାସଲ ଲାଗି ସେ ଗୋଟି ଚାଳନା କରୁଛନ୍ତି। କିଛି ଦିନ ତଳେ ସେ ଓଡ଼ିଶା ଆସି ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିଛନ୍ତି। ରଘୁବର ହେଉଛନ୍ତି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ। ଏବେ ବି ତାଙ୍କର ରାଜ୍ୟ ରାଜନୀତିର ପ୍ରଭାବ ରହିଛି। ତେଣୁ ଝାଡ଼ଖଣ୍ଡ ନିର୍ବାଚନ ଲାଗି ବିଜେପି ତାଙ୍କୁ ଉପଯୋଗ କରିବାକୁ ଚାହୁଁଛି। କିନ୍ତୁ ଆସନ ବଣ୍ଟନ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ପୂର୍ବ ଜାମସେଦପୁର ବିଧାନସଭା ଆସନରୁ ୫ଥର ଜିତିଥିବା ରଘୁବର ଏଥର ପୁନର୍ବାର ଏହି ଆସନରୁ ପ୍ରାର୍ଥୀ ହେବାକୁ ଦାବି କରୁଛନ୍ତି। କିନ୍ତୁ ଗତ ଥର ଏହି ଆସନରୁ ବିଜୟୀ ହୋଇଥିବା ବିଧାୟିକା ଏବେ ଜେଡିୟୁରେ ସାମିଲ ହୋଇଛନ୍ତି। ଜେଡିୟୁ ହେଉଛି ଏନଡିଏର ଏକ ଅଂଶୀଦାର ଦଳ ଏବଂ ବିଜେପିର ସହଯୋଗୀ। ତେଣୁ ତାଙ୍କୁ ମଧ୍ୟ ଏନଡିଏର ଆସନ ବଣ୍ଟନରେ ଥଇଥାନ କରିବାକୁ ପଡ଼ିବ। ନୀତିଶ କୁମାରଙ୍କ ସମର୍ଥନରେ ବିଜେପି କେନ୍ଦ୍ରରେ କ୍ଷମତାସୀନ ରହିଛି। ତେଣୁ ବିଜେପି ଜେଡିୟୁକୁ ଅସନ୍ତୁଷ୍ଟ କରିପାରିବ ନାହିଁ। ହିମନ୍ତ ବିଶ୍ୱଶର୍ମା ଓଡ଼ିଶା ଆସିଥିଲେ କେବଳ ରଘୁବରଙ୍କ ସହ ଏ ସମ୍ପର୍କରେ ଆଲେଶଚନା କରିବାକୁ, ତାଙ୍କୁ ବୁଝାଇବାକୁ। କିନ୍ତୁ ଏହା ସଫଳ ହେଲା ନାହିଁ। ଏ ସମ୍ପର୍କରେ ବିଜେପି ହାଇକମାଣ୍ଡ ନୀତିଶଙ୍କ ସହ ଆଲୋଚନା କରି ଯାହା କିଛି ନିଷ୍ପତ୍ତି ନେବେ। ଏଥିଲାଗି ବେଶ କସରତ କରିବାକୁ ପଡ଼ିବ। ଉଭୟଙ୍କୁ ସନ୍ତୁଷ୍ଟ କରିବା ଏତେ ସହଜ ନୁହେଁ। ଝାଡ଼ଖଣ୍ଡରେ ବିଜେପିକୁ ଜିତିବାକୁ ହେଲେ ନିର୍ବାଚନର ଯଥେଷ୍ଟ ପୂର୍ବରୁ ଆସନ ବୁଝାମଣା ଅଡୁଆ ତୁଟାଇବାକୁ ପଡ଼ିବ। ନଚେତ ବିଜେପି ଝାଡ଼ଖଣ୍ଡରେ କ୍ଷମତାକୁ ଫେରିବାର ଏକ ସୁବର୍ଣ୍ଣ ସୁଯୋଗ ହରାଇବ।

## ସମ୍ପାଦକଙ୍କୁ ପତ୍ର

### ଓଟିଏମର ପୁନରୁଦ୍ଧାର କେବେ

*ମହାଶୟ,*

ରାଜ୍ୟର ଏକ ପୁରାତନ ଶିଳ୍ପ ଓଡ଼ିଶା ଟେକ୍ସଟାଇଲସ ମିଲ୍ସ (ଓଟିଏମ) ଏକଦା ଓଡ଼ିଶାର ପରିଚୟ, ଗର୍ବ ଏବଂ ଗୌରବ ଥିଲା। ପ୍ରବାଦ ପୁରୁଷ ବିଜୁ ଥିଲେ ଏହାର ପ୍ରତିଷ୍ଠାତା। ଏହାକୁ କେନ୍ଦ୍ର କରି କଟକ ନିକଟ ଚୌଦ୍ୱାର ରାଜ୍ୟର ଏକ ପ୍ରମୁଖ ଶିଳ୍ପ ସହର ଭାବେ ଗଢ଼ି ଉଠିଥିଲା। ବହୁ ଲୋକ ଏଥିରେ କର୍ମ ନିଯୁକ୍ତି ପାଇଥିଲେ। ଦୀର୍ଘ ବର୍ଷ ଧରି ଏହା ଲାଭରେ ମଧ୍ୟ ଚାଲିଥିଲା। କିନ୍ତୁ ପରିଚାଳନା ଗତ ତ୍ରୁଟିରୁ ଏହା ଧିରେ ଧିରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଗଲା। ନବେ ଦଶକ;ର ଏହା ଏକ ପ୍ରକାର ଦେବାଳିଆ ସ୍ଥିତିକୁ ଚାଲିଆସିଲା ଏବଂ ଶେଷରେ ବନ୍ଦ ହୋଇଗଲା। ଯାହା କିଛି ବାକି ଥିଲା ତାହାକୁ ୧୯୯୯ ମହାବାତ୍ୟା ଧ୍ୱଂସ କରିଦେଲା। ଆଶା କରାଯାଉଥିଲା ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହାର ପୁନରୁଦ୍ଧାର କରିବେ। କିନ୍ତୁ ଏହି ଆଶା ନୈରାଶ୍ୟରେ ପରିଣତ ହେଲା। ଅମଲାତାନ୍ତ୍ରିକ ଚକ୍ରାନ୍ତରୁ ଓଟିଏମ ପୁନରୁଦ୍ଧାର ସମ୍ଭବ ହେଲାନି। ନବୀନ ବାବୁ ଆସିବା ପରେ ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦେଶ ବିଦେଶରୁ ବହୁ ପୁଞ୍ଜି ନିବେଶ ପ୍ରସ୍ତାବ ଆସିଲା। କିନ୍ତୁ ଓଟିଏମର ପୁନରୁଦ୍ଧାର ଲାଗି କେହି ମନ ଦେଲେନି। ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହା ସମ୍ଭବ ହେଲାନି। ନବୀନ ବାବୁ ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ରହିଲେ। କିନ୍ତୁ ବିଜୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପୁରାତନ ଶିଳ୍ପ ସଂସ୍ଥାର ପୁନରୁଦ୍ଧାର ଲାଗି ସାମାନ୍ୟତମ ଉଦ୍ୟମ ମଧ୍ୟ ହେଲାନି। ଶସ୍ତା ରାଜନୈତିକ କାର୍ଯ୍ୟକ୍ରମରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଏକ ଶିଳ୍ପ ସଂସ୍ଥା ଯାହାର ଭିତ୍ତିଭୂମି ରହିଛି, ତାକୁ ସାମାନ୍ୟ ପ୍ରଚେଷ୍ଟାରେ ପୁଣି ଠିଆ କରାଯାଇପାରିବ। ଅଥଚ ରାଜ୍ୟ ସରକାର ଉଦ୍ୟମ କଲେନି। ଆଜି ବି ସୁଯୋଗ ରହିଛି, ଓଟିଏମର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯାଉ, ଚୌଦ୍ୱାର ସହରକୁ ପୁଣି ରାଜ୍ୟର ଏକ ପ୍ରମୁକ ଶିଳ୍ପ ନଗରୀ ଭାବେ ଗଢ଼ି ତୋଳାଯାଉ। ଯଦି ରାଉରକେଲା ଇସ୍ପାତ କାରଖାନାର ଆଧୁନୀକରଣ, ପୁନରୁଦ୍ଧାର ସମ୍ଭବ ହେଲା, ଓଟିଏମର କାହିଁକି ନୁହେଁ। ଓଡ଼ିଶାରେ ଏକ ବଡ଼ ବଜାର ରହିଛି, ଉନ୍ନତ ମାନର କପା ମଧ୍ୟ ଉତ୍ପାଦନ ହେଉଛି। ତେଣୁ ହାରାହାରି ହଜାରେ କୋଟି ଟଙ୍କା ବିନିଯୋଗରେ ଏହାର ପୁନରୁଦ୍ଧାର ସମ୍ଭବ। ଆବଶ୍ୟକ ପଡ଼ିଲେ ମୁମ୍ବାଇ ଓ ଗୁଜରାଟରୁ ବୈଷୟିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତିଙ୍କୁ ଆଣି ସେମାନଙ୍କୁ ଓଟିଏମ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଉ।

**ବଳରାମ ଜେନା, ଓଟିଏମ କଲୋନୀ, ଚୌଦ୍ୱାର**


# ଗାନ୍ଧି-ବିଚାର



**ମନୋରଞ୍ଜନ ମହାନ୍ତି**

ସାହିତ୍ୟର ଛାତ୍ରମାନେ ଇଂରାଜୀ ସାହିତ୍ୟର ଜନକ ଜେଓଫେରୀ ଚସରଙ୍କ ଦ୍ୱାରା ଚତୁର୍ଦ୍ଦଶ ଶତାବ୍ଦୀରେ ଲିଖିତ କବିତା ପୁସ୍ତକ 'ପ୍ରୋଲୋଗ୍ ଟୁ କ୍ୟାଣ୍ଟର୍‌ବରୀ ଟେଲ୍ସ'ରେ ବର୍ଣ୍ଣନା କରାଯାଇଥିବା ଚର୍ଚ୍ଚ ବା ଗୀର୍ଜା ସହିତ ପରିଚିତ। ବିଂଶ ଶତାବ୍ଦୀରେ ମହାତ୍ମା ଗାନ୍ଧିଙ୍କ କର୍ମମୟ ଜୀବନ ସହିତ କ୍ୟାଣ୍ଟର୍‌ବରୀର ସ୍ମୃତି ବିଶେଷ ଭାବରେ ଜଡ଼ିତ। ୧୯୩୧ ମସିହା ଅଗଷ୍ଟ ୨୯ତାରିଖିରେ ଗାନ୍ଧିଜୀ ଏସ୍. ଏସ୍. ରାଜପୁତାନା ନାମକ ଜଳଜାହାଜରେ ପ୍ୟାରେଲାଲ୍ ନାୟାର, ଘନଶ୍ୟାମ ଦାସ ବିରଳା, ମଦନମୋହନ ମାଳବ୍ୟ, ସରୋଜିନୀ ନାଇଡୁ, ମିସ୍ ସ୍ଲେଡ୍, ଦେବଦାସ ଗାନ୍ଧି, ମହାଦେବ ଦେଶାଇ ପ୍ରମୁଖଙ୍କୁ ସାଥିରେ ନେଇ ବମ୍ବେରୁ ଯାତ୍ରା ଆରମ୍ଭ କରି ଲଣ୍ଡନ୍‌ରେ ପହଞ୍ଚିବା ପରେ ୧୯୩୧ ମସିହାର ସେପ୍ଟେମ୍ବର ୧୨ ତାରିଖରୁ ଡିସେମ୍ବର ୫ତାରିଖ ପର୍ଯ୍ୟନ୍ତ ଇଷ୍ଟ୍ ସେଟ୍‌ଲ୍‌ମେଣ୍ଟ୍‌ର କିଙ୍ଗ୍‌ସ୍‌ଲି ହଲ୍‌ରେ ମରିଏଲ୍ ଲେଷ୍ଟର୍‌ଙ୍କ ଅତିଥି ଭାବରେ ଅବସ୍ଥାନ କରୁଥିଲେ। କଂଗ୍ରେସର ପ୍ରତିନିଧି ଭାବରେ ସେ ଦ୍ୱିତୀୟ ଗୋଲ୍‌ଟେବୁଲ୍ ବୈଠକରେ ଯୋଗ ଦେଇଥିଲେ ସତ୍ୟ, କିନ୍ତୁ ସେଥି ସହିତ ସେ ସାକ୍ଷାତ୍ କରିଥିଲେ ଇଂଲଣ୍ଡର ରାଜା ପଞ୍ଚମ ଜର୍ଜ୍, ରାଣୀ ମ୍ୟାରୀ, ଲର୍ଡ୍ ଇର୍‌ୱିନ୍, ଡାଭିଡ୍ ଲର୍ଡ୍ ଜର୍ଜ୍, ଫିଲ୍ଡ ମାର୍ଶାଲ୍ ସ୍ମଟ୍ସ, କର୍ଣ୍ଣେଲ୍ ମ୍ୟାଡକ୍, ବର୍ଣ୍ଣାଡ୍ ଶ', କ୍ୟାଣ୍ଟର୍‌ବରୀର ତତ୍କାଳୀନ ଆର୍କ୍‌ବିଶପ୍ ପ୍ରମୁଖଙ୍କୁ। ଚତୁର୍ଦ୍ଦଶ ଶତାବ୍ଦୀରେ ଚସର୍‌ଙ୍କ ରଚିତ 'କ୍ୟାଣ୍ଟର୍‌ବରୀ ଟେଲ୍ସ'ରେ ବର୍ଣ୍ଣିତ ଚର୍ଚ୍ଚ, ବିଂଶ ଶତାବ୍ଦୀରେ ମହାତ୍ମା ଗାନ୍ଧିଙ୍କ ସହିତ କ୍ୟାଣ୍ଟର୍‌ବରୀର ତତ୍କାଳୀନ ଆର୍କ୍‌ବିଶପ୍‌ଙ୍କ ସାକ୍ଷାତ୍ ପ୍ରସଙ୍ଗ ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି ଯେ, କ୍ୟାଣ୍ଟର୍‌ବରୀର ବର୍ତ୍ତମାନର ଆର୍କ୍‌ବିଶପ୍ ଜଷ୍ଟିନ୍ ୱେଲ୍‌ବି ୨୦୧୯ ସେପ୍ଟେମ୍ବର ମାସରେ ୧୦ଦିନିଆ ଭାରତ ଗସ୍ତରେ ଆସି ଗତ ୧୦.୯.୨୦୧୯ ତାରିଖ ମଙ୍ଗଳବାର ଦିନ ଅମୃତସରସ୍ଥିତ ଜାଲିଆନାୱାଲାବାଗ୍ ସ୍ମାରକୀ ନିକଟରେ କହିଛନ୍ତି ଯେ, ଆଜିକୁ ଏକଶହ ବର୍ଷ ତଳେ ୧୯୧୯ ମସିହାର ବୈଶାଖୀ ଦିନରେ ଏଠାରେ ଏକତ୍ର ହୋଇଥିବା ଭାରତୀୟମାନଙ୍କୁ ସମୂହ ହତ୍ୟା କରାଯାଇଥିବାରୁ ସେ ଲଜ୍ଜିତ ଏବଂ ଦୁଃଖିତ। ନିଜର ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି - "ମୁଁ ବ୍ରିଟିଶ ସରକାରଙ୍କ ପାଇଁ କହିପାରିବି ନାହିଁ, ଯେହେତୁ ମୁଁ ବ୍ରିଟିଶ ସରକାରଙ୍କର ଜଣେ ପଦାଧିକାରୀ ନୁହେଁ। କିନ୍ତୁ ମୁଁ ଖ୍ରୀଷ୍ଟଙ୍କ ନାମରେ କହିପାରିବି। ଏଠାରେ ଯେଉଁମାନେ ଭାରତୀୟମାନଙ୍କୁ ହତ୍ୟା କରିଛନ୍ତି ସେମାନେ ପାପ କରିଛନ୍ତି ଏବଂ ସେହି ପାପରୁ ମୁକ୍ତି ପାଇବା ପାଇଁ ପ୍ରାର୍ଥନା କରିବାର ଏହା ହେଉଛି ସ୍ଥଳ। କାରଣ, ଆପଣମାନେ ମନେରଖିଛନ୍ତି, ସେମାନେ କ'ଣ କରିଛନ୍ତି। ସେମାନଙ୍କର ସେହି ଅପରାଧ ପାଇଁ ମୁଁ ଏତେ ଲଜ୍ଜିତ ଓ ଦୁଃଖିତ। ମୁଁ ରାଜନେତା ନୁହେଁ, ଜଣେ ଧାର୍ମିକ ନେତା। ଧାର୍ମିକ ନେତା ଭାବରେ ମୁଁ ସେହି ଦୁଃଖଦ ଘଟଣା ପାଇଁ ଗଭୀର ଦୁଃଖ ପ୍ରକଟ କରୁଛି।" କ୍ୟାଣ୍ଟର୍‌ବରୀର ଆର୍କ୍‌ବିଶପ୍ ଖୁବ୍ ଭାବପ୍ରବଣ ହୋଇ ମୁକ୍ତି ସ୍ମାରକୀ, ଅମର ଜ୍ୟୋତି ଓ ଜାଲିଆନାୱାଲାବାଗ୍‌ର ଗୁଳିବିଦ୍ଧ କାନ୍ଥ ସମ୍ମୁଖରେ ଆଣ୍ଠୁ ମାଡ଼ି ଈଶ୍ୱରଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଏପରିକି ପରିଦର୍ଶକ-ପୁସ୍ତିକାରେ ସେ ପୁନର୍ବାର ସେହି କଥାକୁ ଉଲ୍ଲେଖ କରିଛନ୍ତି - 'ଏକଶହ ବର୍ଷ ତଳେ ନିଷ୍ଠୁର ଗଣହତ୍ୟା ଘଟିଥିବା ଏହି ସ୍ଥଳକୁ ପରିଦର୍ଶନ କରି ମୁଁ ଅତିଶୟ ଲଜ୍ଜା ଅନୁଭବ କରୁଛି।' ଜାଲିଆନାୱାଲାବାଗ୍ ଗଣହତ୍ୟା ପାଇଁ ଦାୟୀ ଇଂରେଜମାନଙ୍କୁ ପାପୀ ବୋଲି ଅଭିହିତ କରି ଆର୍କ୍‌ବିଶପ୍ ଜଷ୍ଟିନ୍ ୱେଲ୍‌ବି ଭାରତୀୟମାନଙ୍କ ସ୍ୱାଧୀନତା ଆନ୍ଦୋଳନ ଓ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱକୁ ନିଜ ହୃଦୟରେ ଗଭୀର ଶ୍ରଦ୍ଧା ଓ ସମ୍ମାନର ସହ ସ୍ଥାନ ଦେବା ସ୍ୱାଭାବିକ ବୋଲି ଅନୁଭୂତ ହୋଇଛି।

୧୯୩୧ ମସିହାରେ ଲଣ୍ଡନରେ ୮୫ଦିନ ଅବସ୍ଥାନ କାଳରେ ଗାନ୍ଧି ଯେଉଁମାନଙ୍କୁ ସାକ୍ଷାତ୍ କରିଛନ୍ତି, ସେମାନଙ୍କ ମଧ୍ୟରେ ଥିଲେ ସ୍ୱନାମଧନ୍ୟ ନାଟ୍ୟକାର ଜର୍ଜ୍ ବର୍ଣ୍ଣାଡ୍ ଶ'। ବର୍ଣ୍ଣାଡ୍ ଶ' ଓ ବ୍ରିଟେନର ଗାନ୍ଧି ରୂପେ ପରିଚିତ ଫେନର୍ ବ୍ରୋକ୍‌ୱେ ଉଭୟ ଗାନ୍ଧିଙ୍କ ଦ୍ୱାରା ପ୍ରଭାବିତ ହୋଇ ନିରାମିଷଭୋଜୀ ହୋଇପାରିଥିଲେ। ଏବେ ଆଉ ଜଣେ ଖ୍ୟାତିସମ୍ପନ୍ନ ବ୍ୟକ୍ତି ଆମ ଦୃଷ୍ଟିକୁ ଆସୁଛନ୍ତି, ସେ ହେଉଛନ୍ତି ଇଂଲଣ୍ଡର ଚରିତ-ଔପନ୍ୟାସିକ ଜାସନ୍ କ୍ୱିନ୍। ରାଣୀ ଲକ୍ଷ୍ମୀବାଈଙ୍କ



ଜୀବନ-ଚରିତ ରଚନା କରିବା ସହିତ ସେ କୌରବମାନଙ୍କ ସମ୍ପର୍କରେ ୩ଖଣ୍ଡ ପୁସ୍ତକ ପ୍ରଣୟନ କରିଛନ୍ତି। କିନ୍ତୁ ତାଙ୍କର ସର୍ବାଧିକ ଉଲ୍ଲେଖନୀୟ କୃତି ହେଉଛି ମହାତ୍ମା ଗାନ୍ଧିଙ୍କ ଜୀବନ-ଚରିତ। ଦିଲ୍ଲୀରେ ଅବସ୍ଥିତ 'ଚରିତ ଉପନ୍ୟାସ ପ୍ରକାଶନ ସଂସ୍ଥା - କ୍ୟାମ୍ପ୍‌ଫାୟାର୍'ର ମୁଖ୍ୟ ଭାବରେ ସେ କିଛି କାଳ କାର୍ଯ୍ୟ କରିଛନ୍ତି। ସମ୍ପ୍ରତି ସେ ଇଂଲଣ୍ଡର କେଣ୍ଟରେ ଅବସ୍ଥାନ କରୁଛନ୍ତି ଓ 'ପାଣିନି ପ୍ରକାଶନ ସଂସ୍ଥା'ର ଜଣେ ସମ୍ପାଦକ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୧୯ ଅଗଷ୍ଟ ମାସରେ ଭୁଟାନ୍‌ର ଥିମ୍ପୁଠାରେ ଆୟୋଜିତ 'ମାଉଣ୍ଟେନ୍ ଇକୋଜ୍ ଲିଟରେଚର୍ ଫେଷ୍ଟିଭାଲ୍' (ପର୍ବତ ପ୍ରତିଧ୍ୱନି ସାହିତ୍ୟ ଉତ୍ସବ)ରେ ଯୋଗଦେଇ ସେ ଗାନ୍ଧି-ଚରିତ-ଉପନ୍ୟାସ ରଚନା ସମୟର ଅନୁଭୂତି ବର୍ଣ୍ଣନା କରି କହିଛନ୍ତି - 'ମୁଁ ନିରାମିଷଭୋଜୀ ହୋଇଗଲି। ଭଜନ ଶୁଣିବାକୁ ଏପରିକି ଧୋତିଟିଏ ପିନ୍ଧିବାକୁ ଆରମ୍ଭ କଲି।' ଗାନ୍ଧିଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ତାଙ୍କୁ କିଭଳି ଦୃଢ଼ ଭାବରେ ଆକର୍ଷଣ କରିଥିଲା ତାହା ଏଥିରୁ ସ୍ପଷ୍ଟ ବୁଝାପଡ଼ିଯାଏ।

ଗାନ୍ଧି ଏଭଳି ଉଚ୍ଚ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଓ ଗାନ୍ଧି-ବିଚାର ଏଭଳି ଏକ ଶୀର୍ଷ ସୋପାନକୁ ସ୍ପର୍ଶ କରିଥିଲା ଯେ ସେ ଗୀର୍ଜା, ଗୁରୁଦ୍ୱାର, ମନ୍ଦିର, ମସ୍‌ଜିଦ୍ ସମସ୍ତ ଉପାସନା-ପୀଠକୁ ସମାନ ଦୃଷ୍ଟିରେ ଦେଖିବା ସହିତ ବାଇବେଲ, ଗ୍ରନ୍ଥସାହେବ, ତ୍ରିପିଟକ, ଗୀତା, କୋରାନ୍ ସମସ୍ତ ପବିତ୍ର ଗ୍ରନ୍ଥକୁ ସମାନ ମର୍ଯ୍ୟାଦା ପ୍ରଦାନ କରୁଥିଲେ। ଅନ୍ୟମାନଙ୍କ ମହତ ଗୁଣ ଦ୍ୱାରା ସେ ପ୍ରଭାବିତ ହେଉଥିଲେ ଓ ନିଜର ମହତ ଗୁଣ ଦ୍ୱାରା ଅନ୍ୟମାନଙ୍କୁ ପ୍ରଭାବିତ କରିପାରୁଥିଲେ। ଗାନ୍ଧିଙ୍କ ଜୀବନ-ଚରିତ ଅଧ୍ୟୟନ କାଳରେ ଆମ ଆଲୋଚନାର ପରିସରକୁ ଆସନ୍ତି ଗୋପାଳକୃଷ୍ଣ ଗୋଖଲେ, ଖାଁ ଅବଦୁଲ ଗଫୁର ଖାଁ, ବିନୋବା ଭାବେ, ରସ୍କିନ୍, ଥରୋ, ଟଲଷ୍ଟୟ, ରୋମାରୋଲାଁ, ଲୁଇ ଫିସର୍ ଓ ଆହୁରି ଅଗଣିତ ବିଶ୍ୱବିଦିତ ମନୀଷି ଚିନ୍ତାନାୟକ। ଏବେ ଯେମିତି ଗାନ୍ଧିଙ୍କ ପ୍ରସଙ୍ଗ ଆଲୋଚନା କଲାବେଳେ ଆମେ କ୍ୟାଣ୍ଟର୍‌ବରୀର ଆର୍କ୍‌ବିଶପ୍ ଜଷ୍ଟିନ୍ ୱେଲ୍‌ବି ଓ ଇଂଲଣ୍ଡର ଚରିତ-ଔପନ୍ୟାସିକ ଜାସନ୍ କ୍ୱିନ୍‌ଙ୍କର ଗାନ୍ଧିଙ୍କ ସମ୍ବନ୍ଧରେ ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରୁଛନ୍ତି।

ଇଂରେଜମାନେ ଗାନ୍ଧିଙ୍କ ଆଗରେ ନତମସ୍ତକ ହେବାର ଗୋଟିଏ ପ୍ରମୁଖ କାରଣ ଥିଲା ଗାନ୍ଧି ଆଦୌ ମୃତ୍ୟୁକୁ ଭୟ କରୁନଥିଲେ। ଗରିବ କୃଷକମାନଙ୍କ ଉପରେ ଇଂରେଜମାନେ ଅତ୍ୟାଚାର କରୁଥିବାରୁ ଗାନ୍ଧି ବିହାରର ଚମ୍ପାରନ୍‌ଠାରେ ସତ୍ୟାଗ୍ରହ ଆରମ୍ଭ କଲେ ଓ ଫଳସ୍ୱରୂପ ଇଂରେଜ ସରକାର ବିରୋଧରେ କୃଷକ ଆନ୍ଦୋଳନ ତୀବ୍ର ହେଲା। ଏହି ସମୟରେ ଗାନ୍ଧି ଖବର ପାଇଲେ ଯେ ଜଣେ ଇଂରେଜ୍ ଅଫିସର୍ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରୁଛନ୍ତି। ଦିନେ ମଧ୍ୟରାତ୍ରିରେ ଗାନ୍ଧି ସେହି ଅଫିସର୍‌ଙ୍କ ଘରକୁ ଯାଇ କହିଲେ - 'ମୁଁ ସେହି ଗାନ୍ଧି ଯାହାକୁ ହତ୍ୟା କରିବା ପାଇଁ ଆପଣ ଯୋଜନା କରୁଛନ୍ତି। ମୁଁ ଏକାକୀ ଆପଣଙ୍କ ନିକଟକୁ ଆସିଛି। ଏଠାରେ ଏହି ମୁହୂର୍ତ୍ତରେ ମୋତେ ହତ୍ୟା କରନ୍ତୁ।' ଇଂରେଜ୍ ଅଫିସର୍ ଜଣକ ଲଜ୍ଜା, ସଂକୋଚ ଅନୁଭବ କଲେ, କ୍ଷମା ପ୍ରାର୍ଥନା କଲେ ଓ ନିଜ ଦେଶକୁ ଫେରିବା ପରେ ଗାନ୍ଧିଙ୍କର ଜୀବନ-ଚରିତକୁ ଆଧାର କରି ନିବନ୍ଧ ଲେଖିଲେ।

ଗାନ୍ଧି-ବିଚାରରେ ଅଛି ମୃତ୍ୟୁ ପ୍ରତି ଭୟଶୂନ୍ୟତା ଅର୍ଥାତ୍ ଅମୃତର ଆବାହନ, ବ୍ୟକ୍ତି-ସ୍ୱାଧୀନତା ପ୍ରତି ସମ୍ମାନବୋଧ, ସବୁ ଧର୍ମାବଲମ୍ବୀଙ୍କ ପ୍ରତି ସହିଷ୍ଣୁତା, ପ୍ରତିଟି ପ୍ରାଣୀ ପ୍ରତି ଉଦାରତା, ବହିରଙ୍ଗ ବେଶଭୂଷା ପ୍ରତି ନିରାଡ଼ମ୍ବର ଦୃଷ୍ଟି, ଅନ୍ତରଙ୍ଗ ସାଧନା ପ୍ରତି ଅଭିନିବେଶ, ସ୍ୱଚ୍ଛ ଜ୍ଞାନ-ଶାନ୍ତ କର୍ମ-ଶୁଦ୍ଧ ଭକ୍ତିର ତ୍ରିଧାରାରେ ଅବଗାହନ, ଚିନ୍ତନରେ ନିର୍ମଳତା, ବଚନରେ ନିଷ୍କପଟତା, ବ୍ୟବହାରରେ ଛଳନାଶୂନ୍ୟତା ଅର୍ଥାତ୍ ଚିନ୍ତନ-ବଚନ-ବ୍ୟବହାରରେ ସାର୍ବଜନୀନ ଆକର୍ଷଣ, ସର୍ବକାଳୀନ ଆବେଦନ, ଯେଉଁଥିପାଇଁ ଗାନ୍ଧି-ବିଚାର ସବୁ ଯୁଗରେ ବିଶ୍ୱବାସୀଙ୍କ ମନରେ ଅସରନ୍ତି ପ୍ରୀତି, ପ୍ରତ୍ୟୟ, ପ୍ରେରଣା ଭରିଦେଉଥିବ। ଗାନ୍ଧି ଯୁଗ ଯୁଗକୁ ଦୀପ୍ତିମନ୍ତ, ଶୋଭାବନ୍ତ ହୋଇ ରହିଥିବେ ଓ ମଣିଷକୁ ଆନନ୍ଦ, ଆଲୋକ, ଅମୃତର ମାର୍ଗ ନିର୍ଦ୍ଦେଶ କରୁଥିବେ।


**ଇଂରାଜୀ ପ୍ରାଧ୍ୟାପକ (ଅବସରପ୍ରାପ୍ତ)**
**ଧର୍ମଶାଳା, ଯାଜପୁର**
**ମୋବାଇଲ୍: ୯୮୫୩୨୮୨୯୬୨**


# ବିଶ୍ୱବନ୍ଦିତ ପୁରୁଷ ଲାଲବାହାଦୂର ଶାସ୍ତ୍ରୀ


**ପ୍ରଦୀପ ସେନାପତି**

ଏକ ମହାନ ବ୍ୟକ୍ତିଙ୍କ ଆବିର୍ଭାବ, ୧୯୦୪ ମସିହା ଅକ୍ଟୋବର ୨ ତାରିଖ। ପୃଥିବୀ ପୃଷ୍ଠରେ ଯେଉଁ ଅମର ଜନନାୟକମାନେ ଭୂମିଷ୍ଠ ହୋଇଥିଲେ, ସେମାନଙ୍କ ମଧ୍ୟରୁ ଜଣେ ବିଶ୍ୱବନ୍ଦିତ, ଯୋଗଜନ୍ମା ପୁରୁଷ ଥିଲେ ଲାଲବାହାଦୂର ଶାସ୍ତ୍ରୀ। ଶାସ୍ତ୍ରୀଜୀଙ୍କ ପାରିବାରିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ଏତେ ଭଲ ନ ଥିଲା। ତେଣୁ ସେ ପିଲାବେଳୁ ଦାରିଦ୍ର୍ୟତା ମଧ୍ୟରେ ବଢ଼ିଥିଲେ। ସେ ତାଙ୍କ ପିତାମାତାଙ୍କର ଏକମାତ୍ର ସନ୍ତାନ ଥିଲେ। ଶାସ୍ତ୍ରୀଜୀଙ୍କ ପିତାଙ୍କ ନାମ ଥିଲା ସାରଦା ପ୍ରସାଦ ଶାସ୍ତ୍ରୀ ଓ ମାତାଙ୍କ ନାମ ରାମଦୁଲ୍ଲାରୀ ଦେବୀ। ସେ ସମୟରେ ଆହ୍ଲାବାଦର କାୟସ୍ଥ ବିଦ୍ୟାଳୟରେ ପିତା ସାରଦା ପ୍ରସାଦ ଶିକ୍ଷକ ଥିଲେ। ମାଆ ଥିଲେ ଜଣେ ସୁଗୃହିଣୀ। ଶାସ୍ତ୍ରୀଜୀଙ୍କ ବ୍ୟତୀତ ସାରଦା ପ୍ରସାଦଙ୍କର ଦୁଇଗୋଟି କନ୍ୟା ମଧ୍ୟ ଥିଲେ। ସେମାନେ ବିଭିନ୍ନ କ୍ଷେତ୍ରରେ ଲାଲାବାହାଦୂରଙ୍କ ପରି ପ୍ରତିଷ୍ଠା ଅର୍ଜନ କରିପାରିଥିଲେ। ସୌଭାଗ୍ୟବାନ ପିତା -ମାତାଙ୍କ ଠାରୁ ଜନ୍ମ ଶାସ୍ତ୍ରୀଜୀଙ୍କ ଏକ ଅଘଟଣ ଘଟିଲା। ୧୯୦୫ ମସିହା, ଫେବୃଆରୀ ୧୪ ତାରିଖର ପ୍ରାରମ୍ଭିକ ସଂକ୍ରାନ୍ତିରେ ହୋଇଥାଏ ମାଘମେଳା। ବୟସ ଶାସ୍ତ୍ରୀଜୀଙ୍କୁ ମାତ୍ର (୪ମାସ) ଚାରିମାସ। ପିତାମାତା ସ୍ନେହରେ ନାମ ରଖିଥିଲେ 'ନନ୍ହା'। ଯେତେବେଳେ ମାଘମେଳାର ସମୟ ଆସେ ସେ ସମୟରେ ବହୁ ଧାର୍ମିକ ବ୍ୟକ୍ତି ଦେଶର ବିଭିନ୍ନ ଶାଖାରୁ ତଥା ଦେଶ ବାହାରୁ ମଧ୍ୟ ଆସି ମାଘମେଳାରେ ଯୋଗଦିଅନ୍ତି ତଥା ସ୍ନାନ ପୂର୍ବକ ଧର୍ମ ଅର୍ଜନ କରିଥାନ୍ତି। ତେଣୁ ମାଘ ମେଳାରେ ପ୍ରବଳ ଜନସମାଗମ ହୁଏ। ଦୂର ଦୂରାନ୍ତରୁ ଆସିଥିବା ଲୋକ ଭିଡ଼ ଭିତରେ ବହୁ ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇଥାନ୍ତି। ସମୟ ସମୟରେ ଏପରି ହୁଏ ଯେ, ଲୋକମାନେ ଚାଲିବା ସମୟରେ ପାଦ ବି ତଳେ ଲାଗିନଥାଏ। ଆହୁରି ମଧ୍ୟ ଜଣେ ଭାରସାମ୍ୟ ରଖିବାପାଇଁ ଆଉ ଜଣଙ୍କ ଉପରେ ନିର୍ଭରଶୀଳ ହୋଇଥାଏ।

ଏପରି ଜନସମାଗମ ହୋଇଥିବା ମାଘମେଳାରେ ଥରେ ଶାସ୍ତ୍ରୀଜୀଙ୍କ ପିତାମାତା - ସାରଦା ପ୍ରସାଦ ଓ ଦୁଲ୍ଲାରୀ ଦେବୀ ଆସିଥାନ୍ତି ମେଳାରେ ବୁଡ଼ ପକାଇବା ପାଇଁ।ସେତେବେଳେ ଶାସ୍ତ୍ରୀଜୀ ଚାରିମାସର ହୋଇଥାନ୍ତି। ପିତା ସାରଦା ପ୍ରସଦ ଓ ମାତା ରାମଦୁଲ୍ଲାରୀ ଦେବୀ ଚାରିମାସର ଶିଶୁକୁ କାହା ପାଖରେ ଛାଡ଼ିବା ଠିକ୍ ନଭାବି ତାଙ୍କୁ ମଧ୍ୟ ମାଘମେଳାକୁ ସାଙ୍ଗରେ ନେଇଯାଇଥିଲେ। ମେଳାରେ ଅତିଶୟ ଭିଡ଼କୁ ବହୁ କଷ୍ଟରେ ଅତିକ୍ରମ କରୁଥାନ୍ତି ଶାସ୍ତ୍ରୀଜୀଙ୍କ ପିତା ମାତା। ଶାସ୍ତ୍ରୀଜୀ ଥାନ୍ତି ତାଙ୍କ ମାଆଙ୍କ ପାଖରେ। ଶରୀରର ବହୁକଷ୍ଟ ଓ ଲୋକମାନଙ୍କର ଭିଡ଼ ସବୁ ସହିବାକୁ ପଡୁଥାଏ ମାତା ଦୁଲ୍ଲାରୀ ଦେବୀଙ୍କୁ। କିନ୍ତୁ ଶାସ୍ତ୍ରୀଜୀଙ୍କ ଭିଡ଼ ପ୍ରତି ନଜର ନଥାଏ। ସେ ଆନନ୍ଦରେ ମେଳା ଉପଭୋଗ କରୁଥାନ୍ତି। ବିଭିନ୍ନ ପ୍ରକାର ଆଲୁଅ, ରଙ୍ଗ ବିରଙ୍ଗ ପତାକା, ଅନେକ ପ୍ରକାର ବେଲୁନ ଓ ସାଜସଜ୍ଜାରେ ମେଳା ଝଲସି ଉଠୁଥାଏ। ଶଙ୍ଖ, ଘଣ୍ଟା, ମର୍ଦ୍ଦଳ, ମୃଦଙ୍ଗ, ହରିବୋଲ ଓ ହୁଳହୁଳିର ସ୍ୱର ମେଳା ମଧ୍ୟରୁ ଭାସି ଆସୁଥାଏ। ଶାସ୍ତ୍ରୀଜୀ ଏସବୁ ଦେଖି ପୁଲକିତ ହେଉଥାନ୍ତି। ଆଖି ପଲକ ପଡୁନଥାଏ ତାଙ୍କର। ଆରାମରେ ମା'ଙ୍କ କାନ୍ଧରେ ହାତୀ ଘୋଡ଼ା ସବାର ହେଲା ଭଳି ଏପଟ ସେପଟ ହେଉଥାନ୍ତି। ବେଶ୍ ଦୃଶ୍ୟ ଭୋଗ୍ୟ ହୋଇଥାଏ ମା ପୁଅଙ୍କ ସ୍ନେହ -ମମତା।

କିନ୍ତୁ ଏହି ଠେଲାପେଲା ଆଉ ଲୋକ ଗହଳି ମଧ୍ୟରେ ପିତା ମାତା ଯେ କି କଷ୍ଟ ଭୋଗୁଛନ୍ତି ତାହା ଶାସ୍ତ୍ରୀଜୀଙ୍କୁ ଆଦୌ ମାଲୁମ ହେଉନଥାଏ। ଯେତେ ଭିଡ଼ ହେଲେ ମଧ୍ୟ ମେଳାରେ ବୁଡ଼ ପକାଇବା ଉଦ୍ଦେଶ୍ୟରେ ଆସିଛନ୍ତି। ତେଣୁ ଯେ କୌଣସିମତେ ସେ ସ୍ଥାନରେ ପହଞ୍ଚିବାକୁ ପଡ଼ିବ। କିନ୍ତୁ ୟା ଭିତରେ ପିତା ସାରଦା ପ୍ରସାଦ ଓ ମାତା ଦୁଲ୍ଲାରୀ ଦେବୀ ସମ୍ପୂର୍ଣ୍ଣ ରୂପେ ଧୂଳିରେ ବୁଡ଼ିଗଲେଣି। କିନ୍ତୁ ଶାସ୍ତ୍ରୀଜୀଙ୍କର ଯେମିତି କିଛି ନହେଉ ସେ ପ୍ରତି ପିତାମାତା ଖୁବ୍ ଯତ୍ନ ନେଉଥାନ୍ତି। ପିତାମାତା ଯେମିତି ହେଉ ସ୍ନାନ ଯାଗାରେ ପହଞ୍ଚିବାକୁ ପଡ଼ିବ। ବହୁଦିନ ପରେ ଏ ସୁଯୋଗ ଆସିଛି। ହାତଛଡ଼ା କଲେ ଆଉ ମିଳିବ କି ନାହିଁ। ଏହା ଚିନ୍ତାକରି କରି ସ୍ୱାମୀଙ୍କ ପଛରେ ଚାଲିଥାନ୍ତି ରାମଦୁଲ୍ଲାରୀ। କିନ୍ତୁ ସମୟ ଏପରି ହେଲା ଯେ, ଆସ୍ତେ ଆସ୍ତେ ଭିଡ଼ ବଢ଼ିବାକୁ ଲାଗିଲା। ଲୋକମାନେ ଆଉ ନିଜ ଆୟତ୍ତରେ ରହିପାରିଲେ ନାହିଁ। ଅସମ୍ଭବ ଭିଡ଼ ପରିଲକ୍ଷିତ ହେଲା। ଯେତେ ଯାହା ହୋଇଯାଉ ପଛେ ଏ ଭିଡ଼ କୌଣସି ମତେ ଅତିକ୍ରମ କରିବାକୁ ହେବ ଏହି କଥା ସମସ୍ତେ ଭାବୁଥାନ୍ତି। ବିଧିର ବିଧାନ ବିଚିତ୍ର। ଭିଡ଼ ଅତିକ୍ରମ କଲା ସମୟରେ ମାତା ରାମଦୁଲ୍ଲାରୀଙ୍କ କାନ୍ଧରୁ ଶାସ୍ତ୍ରୀଜୀ କେଉଁଆଡ଼େ ଅଦୃଶ୍ୟ ହୋଇଗଲେ। କିଛିକ୍ଷଣ ପରେ ମାତା ଦୁଲ୍ଲାରୀଙ୍କୁ ତାଙ୍କ କାନ୍ଧ ହାଲୁକା ଲାଗିଲା। ସେ ଅନୁଭବ କଲେ ପୁଅ ଆଉ ତାଙ୍କ ପାଖରେ ନାହାନ୍ତି। କିନ୍ତୁ ସେ ସମୟରେ ସମସ୍ତେ ବୁଡ଼ପକାଇବା ଲାଗି ବ୍ୟସ୍ତ। ଶାସ୍ତ୍ରୀଜୀ କେଉଁ ସମୟରେ ତାଙ୍କ ମା'ଙ୍କ କାନ୍ଧରୁ ଅଦୃଶ୍ୟ ହୋଇଗଲେ ସେ କଥା ମାତା ଦୁଲ୍ଲାରୀ ଦେବୀ କହିଲାବେଳକୁ ସେ ବହୁ ଆଗକୁ ଚାଲିଯାଇଥାଆନ୍ତି। ପୁଅକୁ ପାଇବା ଉଦ୍ଦେଶ୍ୟରେ ପଛକୁ ଫେରିଲା ବେଳକୁ ସେମାନେ ଦୁଇଜଣ ଯାଇ ଆଉ ଖଣ୍ଡେ ଦୂରରେ। ହରିବୋଲ, ହୁଳହୁଳି, ଘଣ୍ଟା, ମୃଦଙ୍ଗ, ଢୋଲ, ଆବାଜ୍ ଭିତରେ ମାତା ଦୁଲ୍ଲାରୀ ଦେବୀଙ୍କ କ୍ରନ୍ଦନର ସ୍ୱର କେଉଁଆଡ଼େ ହଜିଯାଉଥାଏ। ଶାସ୍ତ୍ରୀଜୀଙ୍କୁ ଖୋଜି ଖୋଜି ଆନ୍ୟ ଏକ ରାସ୍ତାରେ ଗଲାବେଳକୁ ସେମାନେ ଅନେକ ଦୂରରେ ପହଞ୍ଚି ସାରିଥିଲେ। ପିତା ସାରଦା ପ୍ରସାଦ ରାମଦୁଲ୍ଲାରୀଙ୍କ ଠାରୁ "ନନ୍ହାର" ହଜିବା କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ଅସଂଖ୍ୟ ଜନଗହଳି ଭିତରେ ଚାରିମାସର ପିଲା, ମନରେ ନାନା ପ୍ରକାର ଚିନ୍ତା ହେଉଥାଏ ସାରଦା ପ୍ରସାଦଙ୍କର। କାହାର ଯଦି ଗୋଡ଼ ପଡ଼ିଯାଇଥିବ, ସେ କ'ଣ ଆଉ ଜୀବନରେ ଥିବ। କେଉଁଠି ଥିବ, କେମିତି ଥିବ....? ହେ ଭଗବାନ ତା'ର ଯେମିତି କିଛି ନହେଉ, ତା' ପ୍ରତି କୃପା କର ପ୍ରଭୁ!

ଏହି କଥା ଭାବୁଭାବୁ ସେମାନେ ଦୁଇଜଣ ଭିଡ଼କୁ ଅତିକ୍ରମ କରି ଆହ୍ଲାବାଦ ପ୍ରାଚୀନ ଘାଟିଠାରେ ସଭିଏଁ ଖୋଜିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଏହି ଭିଡ଼ ସୁଯୋଗ ଦେଇନଥିଲା। ଏହା ସବୁ ଯେପରି



**୧୨୮ତମ ଶାସ୍ତ୍ରୀ ଜୟନ୍ତୀ ଅବସରରେ**

ଦୁର୍ଭାଗ୍ୟ ବୋଲି ପ୍ରତୀୟମାନ ହେଉଥିଲା। ଆଉ ସବୁ କିଛି ବିଧାତାର ହାତରେ ନ୍ୟସ୍ତ ଥିଲା। ନିଜ ପୁଅକୁ ପାଖରୁ ହରାଇ ରାମ ଦୁଲ୍ଲାରୀ ପାଗଳିନୀ ପ୍ରାୟ ହୋଇଯାଇଥିଲେ। ସେ ପୁଅକୁ ଖୋଜୁନଥିଲେ। କିନ୍ତୁ ପୁଅ ପୁଅ ହୋଇ ବାରମ୍ବାର ଅଚେତ ହୋଇପଡୁଥିଲେ। ପିତା ସାରଦାପ୍ରସାଦ ମଧ୍ୟ ପାଗଳ ଭଳି ପୁଅକୁ ଚାରିଆଡ଼େ ଖୋଜୁଥାନ୍ତି। ଏତେ ଖୋଜା ଖୋଜି ପରେ ମଧ୍ୟ ମେଳାରେ ପିତା ସାରଦାପ୍ରସାଦ "ନହ୍ଲାର" କୌଣସି ଖବର ପାଇଲେ ନାହିଁ। ସତରେ ପିଲା କ'ଣ କେଉଁଆଡ଼େ ଉଭାନ ହୋଇଗଲା। ଯେଉଁ ଜାଗାରେ ପଡ଼ିଥିବ ସେଠାରେ କେହି ନା କେହି ଦେଖି ଥିବେ ତ ନିଶ୍ଚୟ, କିମ୍ବା ତାକୁ କେହି ନେଇଯାଇଛି କିମ୍ବା ତା'ର କେହି ଖବର ତ ରଖିଥିବେ। ଏଭଳି କୌଣସି ଖବର ସାରଦାପ୍ରସାଦ କିମ୍ବା ମାତା ରମଦୁଲ୍ଲାରୀଙ୍କୁ ମିଳିଲା ନାହିଁ। ଚାରିଆଡ଼େ ଖୋଜି ଖୋଜି ସେମାନେ ଦୁଇଜଣ ଅସ୍ତବ୍ୟସ୍ତ ହୋଇପଡ଼ିଲେ। ମାତ୍ର ଚାରିମାସର ଛୁଆ ଏତେ ବଡ଼ ମେଳାରେ ଗଲା କୁଆଡ଼େ ? ଏକଥା ବିଜୁଳି ବେଗରେ ଚାରିଆଡ଼େ ବ୍ୟାପିଗଲା। ସମସ୍ତେ ଜାଣିଲେ ଯେ, ଚାରିମାସର ଛୁଆ ଜଣେ ସ୍ତ୍ରୀ ଲୋକ କୋଳରୁ ଖସିପଡ଼ିଛି। କିଏ ତ ହେଲେ ତାକୁ ପାଇଥିବ? ରାମଦୁଲ୍ଲାରୀ ଏହି କଥା ଚିନ୍ତା କରି ତାଙ୍କ ପିଣ୍ଡରେ ଆଉ ପ୍ରାଣ ନଥାଏ। ସେ ମୁଣ୍ଡ ପିଟି କାନ୍ଦୁଥାନ୍ତି। ପାଗଳିନୀ ପରି ୟାଡୁସାଡୁ ଗପୁଥା'ନ୍ତି କୁଆଡ଼େ ଗଲା ମୋ ପୁଅ। କିଏ ନେଲା ମୋ ପୁଅକୁ ? କଥା ଚାରିଆଡ଼େ ପ୍ରଚାର ହୋଇ ଗଲାଣି। କାହାରି ପାଖରେ 'ନହ୍ଲାଙ୍କର' କୌଣସି ଖବର ନଥାଏ। କିନ୍ତୁ ଜଣଙ୍କ ପାଖରେ ଏହି ଖବର ଥାଏ। ଆଉ ସେ ହେଉଛି ଜଣେ ସନ୍ତାନ ନଥିବା ଲୋକ। ସେ ଲୋକ ଗଙ୍ଗାନଦୀ କୂଳରେ ଅଟକି ଥିବା ଗୋଟିଏ ଡଙ୍ଗାରେ ବସିଥିଲା। ମାଆଙ୍କ କାନ୍ଧରୁ ଛିଟିକି ଯାଇ ଗଙ୍ଗାନଦୀ ଗର୍ଭରେ ପଡ଼ିଥାନ୍ତା। କିନ୍ତୁ ବିଧାତାର ଖେଳ ଏପରି ଯେ, ସେ ରହିଲା ଏକ ନିଃସନ୍ତାନର କୋଳରେ। ବାଃ ! କ୍ଷୀର ବିକାଳୀର କି ଭାଗ୍ୟ! ପିଲାଟିର ଦେହ ହାତ ପୋଛି ତାକୁ କ୍ଷୀର ପିଆଇଲା। ଲୋକଟି ଭାବିଲା, ଯାହାର ଛୁଆ ଏତେ ବଡ଼ ମେଳା ଭିତରେ ସେ ଆଉ କ'ଣ ସତରେ ତା'ଛୁଆକୁ ଖୋଜି ପାଇବ? ଏହି ମାଘ ମେଳା ବହୁଦିନ ପରେ ପଡ଼େ, ମେଳାରେ କିଏ ସ୍ତ୍ରୀ ଛାଡ଼େ, କିଏ ପୁଅ ତ କିଏ ବାପା ମାଆ ଆଉ ଭାଇ ଭଉଣୀ। କେହି କେହି ଖୋଜି ପାଆନ୍ତି ଆଉ କେହି ଖୋଜି ପାଆନ୍ତି ନାହିଁ। ଆଖିରୁ ଲୁହ ଗଡ଼ାଇ ଛାତିକୁ ପଥର କରି ସେଠାରୁ ଚାଲି ଯା'ଆନ୍ତି। ଆଗରୁ ସେହି ଦୁଧ ବିକାଳୀର କେହି ପିଲା ପିଲି ନଥିଲେ। ତେଣୁ ସେ ପିଲାଟିକୁ ପାଉ ପାଉ ଖୁସି ହୋଇଗଲା। ତା'ର ଧାରଣା ନଥିଲା ଯେ ଏତେ ଶୀଘ୍ର ସେ ପିଲାଟିକୁ ଅଚାନକ ଭାବେ ପାଇଯିବ ବୋଲି। କାହିଁକି ନା ସେ ବହୁତ ବିନୟ ହୋଇ ଭଗବାନଙ୍କୁ ଡ଼ାକେ ମୋତେ ପିଲାଟିଏ ଦିଅ ବୋଲି। ଆମେ ଦୁଇଜଣ ସନ୍ତାନ ନଥିବା ଦୋଷରୁ ମୁକ୍ତି ପାଇଯିବୁ। ଭଗବାନ ଆମର ଡାକ ଶୁଣିଛନ୍ତି। ପିଲାଟିକୁ ପାଇବା ପରେ ଦୁଧ ବିକାଳୀ ଭାବିଲା ଯେ, ଗଙ୍ଗାମାତାଙ୍କ ଦୟାରୁ ମୋତେ ଏହି ପିଲାଟି ମିଳିଛି। ତେଣୁ ସେ ଆନନ୍ଦରେ ନିଜେ ପିନ୍ଧିଥିବା ଜାମାକୁ ନିଜ ଦେହରୁ ବାହାର କରି ପିଲାଟି ଦେହରେ ଘୋଡ଼ାଇ ଦେଲା। ତା'ପରେ ତାକୁ ପୋଛି କରି ତାକୁ ଗୋଟିଏ ପସରାରେ କ୍ଷୀର ପିଆଇଲା।

କିନ୍ତୁ, କଥାଟା ସେତିକିରେ ଅଟକି ରହିଗଲାନି, ଜଣଙ୍କର ପିଲା ହଜିଯାଇଛି। ଆଉ ସେ ଖୋଜି ଖୋଜି ପାଗଳିନୀ ପ୍ରାୟ ହୋଇଗଲାଣି ବୋଲି ଏହି କଥା ଚାରିଆଡ଼େ ପ୍ରଚାର ହୋଇ ଗଲାଣି। ତା' ସହିତ ଏକଥା ପ୍ରଚାର ହେଲାଣି ଯେ ଜଣେ ଦୁଧ ବିକାଳୀ କାହାର ଛୁଆ ପାଇଛି। ସାରଦା ପ୍ରସାଦ ଓ ରାମଦୁଲ୍ଲାରୀ ଏ ଖବର ଯେତେବେଳେ ଶୁଣିଲେ ଯେ ଜଣେ କ୍ଷୀର ବିକାଳୀ ଗୋଟେ ଛୁଆ ପାଇଛି ବୋଲି ସେ ସଙ୍ଗେ ସଙ୍ଗେ ଯାଇ ସେ ଦୁଧ ବିକାଳୀ ପାଖରେ ପହଞ୍ଚିଗଲେ। ଦେଖିଲେ ଯେ ଦୁଧ ବିକାଳୀ ପାଖରେ ଯେଉଁ ଛୁଆଟି ଅଛି ଓ ହାତଗୋଡ଼ ହଲାଉଛି, ସେ ହେଉଛି ତାଙ୍କର ପୁଅ ନହ୍ଲା। କିନ୍ତୁ, ଦୁଧ ବିକାଳୀ ସେ ପିଲାଟିକୁ ଛାଡ଼ିବାକୁ ନାରାଜ। ଆଗରୁ ପିଲାକୁ ଗଙ୍ଗାମାତାଙ୍କ ଦୟା ବୋଲି ଭାବୁଥିଲା। ଏବେ କିନ୍ତୁ ସେ ରୋକ୍ ଠୋକ୍ ମନା କରିଦେଲା। ଏ ହେଉଛି ମୋର ପୁଅ। ମୁଁ ୟାକୁ ଗଙ୍ଗାମାତାଙ୍କ ଦୟାରୁ ପାଇଛି। ତେଣୁ ଏ ପିଲା ତମର ନୁହେଁ।

ଏହା ଶୁଣି ସାରଦା ପ୍ରସାଦ ତାକୁ ବହୁତ ବୁଝାଇ କହିଲା ବେଳେ ସେ ନଶୁଣି ବହୁ ଯୁକ୍ତିତର୍କ କଲା। ପାଟିତୁଣ୍ଡ ମଧ୍ୟ ହେଲା। ବହୁ ଲୋକ ସେଠରେ ଜମା ହେଲେ। ଶେଷରେ କଥା ହେଲା ଯେ, ଏ ପୁଅ କାହାର ନିଷ୍ପତ୍ତି ହେବ। ସେତେବେଳେ ରାମଦୁଲ୍ଲାରୀ 'ନହ୍ଲାକୁ' ଦେଖି ନିଜର ପୁଅ ବୋଲି ନଭାବି ହତାଶ ହୋଇ ତଳେ ପଡ଼ି ଗଲେଣି ଲୋକମାନେ ଏହା ଦେଖି ତାଙ୍କୁ ବୁଝାଇ କହିଲେ ପାଗଳୀ ପରି କାନ୍ଦିଲେ କ'ଣ ହେବ। ତମର ପୁଅ ହଜିଛି ଏକଥା ସମସ୍ତେ ଜାଣୁଛନ୍ତି। ଦୁଧ ବିକାଳୀର ମଧ୍ୟ ପୁଅ ନାହିଁ। ସେ ଯୋଗକୁ ପାଇଯାଇଛି। ଆଉ ଯଦି ଏ ପିଲା ତମର ହୋଇ ନ ଥାଏ, ତା'ହେଲେ ତମେ କାହିଁକି ପର ପିଲାଟାକୁ ନେବ। ଆଗ ଛୁଆଟାକୁ ଆଣି ଦେଖ। ଏହାପରେ ସାରଦା ପ୍ରସାଦ ଓ ରାମଦୁଲ୍ଲାରୀ ପିଲାଟିକୁ କୋଳକୁ ନେଲେ ରାମ ଦୁଲ୍ଲାରୀ ଛୁଆ ପାଖକୁ ଯାଇ ଦେଖନ୍ତି ତ ଛୁଆ କଇଁ କଇଁ ହୋଇ କାନ୍ଦୁଛି। ମା'ର ସ୍ନେହ ଏତେ ଗଭୀର ଯେ, ସଙ୍ଗେ ସଙ୍ଗେ ସେ ଛୁଆଟିକୁ ଆଣି କ୍ଷୀରପାନ କରାଇବାକୁ ଲାଗିଲେ। ରାମଦୁଲ୍ଲାରୀଙ୍କ କୋଳରେ 'ନହ୍ନା' କ୍ଷୀର ପିଉଥାଏ ଓ ସେ କାନ୍ଦି କାନ୍ଦି ଆଖିରୁ ଲୁହ ଗଡ଼ାଉଥାନ୍ତି।

ଏହା ସବୁ ଦେଖିଲା ପରେ ସମସ୍ତେ ସେ ଲୋକଟାକୁ ଛି, ଛାକର କଲେ। ତଥାପି ସେ ତା' ଜିଦ୍‌ରେ ଅଟଳ। ଦୁଧ ବିକାଳୀ କହିବାର କଥା ଯେ, ମୁଁ ଏହି ଛୁଆଟିକୁ ରଖିବା ଯୋଗୁଁ ମୋର ଜାମା ଗୁହମୁତ ହୋଇଗଲା। ସେଥିପାଇଁ ମୁଁ କ'ଣ କରିବି? ଏ କଥାର ଜବାବ ଦିଅ। ଦୁଧ ବିକାଳୀ ଠୁଁ ଏ ପ୍ରକାର କଥା ଶୁଣି ସାରଦା ପ୍ରସାଦ ସଙ୍ଗେ ସଙ୍ଗେ ତାଙ୍କ କାନ୍ଧରେ ପଡ଼ିଥିବା ଦାମି ସାଲ୍ ଖଣ୍ଡିକ ଦୁଧ ବିକାଳୀକୁ ଦେଇଦେଲେ। କିନ୍ତୁ ସେ ଲୋକ ସେତିକିରେ ସନ୍ତୁଷ୍ଟ ହେଲା ନାହିଁ। ସେ କହିଲା ମୁଁ ତୁମ ଛୁଆକୁ କ୍ଷୀର ପିଆଇଛି। ସେ କ'ଣ ଏଠୁ ସେମିତି ଚାଲିଯିବ। ଏଭଳି କଥା ଶୁଣି ଲୋକମାନେ ଭାବିଲେ ସେଥିପାଇଁ ଭଗବାନ ଏହି ଲୋକଟିକୁ କୌଣସି ପିଲାଛୁଆ ଦେଇନାହାନ୍ତି। ଛୋଟ ପିଲାଙ୍କ ପ୍ରତି ଆଦୌ ସ୍ନେହ ମମତା ନାହିଁ। ଯିଏ ଛୁଆଟାକୁ ସାମାନ୍ୟ ଦୁଧ ପିଆଇଛି ବୋଲି ପଇସା ମାଗୁଛି; ସେ କ'ଣ ଛୁଆର ବାପା ହୋଇପାରିବ? ଏହା ପରେ ସେ ଲୋକଟି କହିଲା କ୍ଷୀର ପାଇଁ ଯେତିକି ପଇସା ହେଉଛି ତାହା ଦେଇ ଛୁଆଟିକୁ ନେଇଯାଅ। ଏକଥା ଶୁଣି ସାରଦା ପ୍ରସାଦ ଦୁଧ ବିକାଳୀଙ୍କୁ ତା' ଦେଇଥିବା କ୍ଷୀରର ପଇସା ଦେଇ 'ନହ୍ଲାଙ୍କୁ' ସେଠାରୁ ଆଣିଲେ ଓ ନିଜ ହଜିଲା ପୁଅକୁ ପାଇଥିବାରୁ ଖୁବ୍ ଆନନ୍ଦ ହେଲେ। ରାମ ଦୁଲ୍ଲାରୀ ମଧ୍ୟ ପୁଅକୁ ପାଇଥିବାରୁ ବହୁତ ଖୁସି ଅନୁଭବ କଲେ। ଆଜି ଏହି ମହାନ୍ ମହାପୁରୁଷଙ୍କ ବାଲ୍ୟ ଅବସ୍ଥାର ଦୁଃଖ ଦିନେ ଭବିଷ୍ୟତରେ ଭାରତବର୍ଷରେ ଜନ୍ମନେଇ ବିଶ୍ୱବନ୍ଦିତ ହୋଇଥିବାରୁ ଆମ୍ଭେ ନିଶ୍ଚୟ ଗୌରବାନ୍ୱିତ। ଏହି ପୁଣ୍ୟ ଜୟନ୍ତୀ ଅବସରରେ ତାଙ୍କ ପ୍ରତି କୋଟି କୋଟି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁଁ। 'ଜୟହିନ୍ଦ୍, ଜୟ ଜବାନ, ଜୟ କିଷାନ୍।


**ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ,**
**ଇଣ୍ଡିଆନ୍ ନ୍ୟୁଜ ସାଇଟ, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨**
**ମୋବାଇଲ: ୭୮୪୮୯୮୪୫୬**

# ମନ୍ଦିର ହେଉ ବା ମସଜିଦ, ଜବରଦଖଲ ହୋଇଥିଲେ ଭାଙ୍ଗ

**ନୂଆଦିଲ୍ଲୀ, ୧।୧୦:** ସର୍ବସାଧାରଣ ସ୍ଥାନରେ ଗଢ଼ି ଉଠିଥିବା ଧାର୍ମିକ ପୀଠ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ବୁଲଡୋଜର ଆକ୍ସନ ମାମଲାର ବିଚାର ବେଳେ ଲୋକଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, "ଲୋକଙ୍କ ସୁରକ୍ଷା ସର୍ବୋପରି। ସର୍ବସାଧାରଣ ସ୍ଥାନ, ରାସ୍ତା, ରେଳ ଟ୍ରାକ୍ କିମ୍ବା ଜଳାଶୟ ଭଳି ସ୍ଥାନରେ ମନ୍ଦିର, ମସଜିଦ, ଦରଗା, ଚର୍ଚ୍ଚ କିମ୍ବା କୌଣସି ଧାର୍ମିକ ପୀଠ ଥିଲେ ଏସବୁ ଉଚ୍ଛେଦ ହେବା ଆବଶ୍ୟକ।" ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ଧର୍ମ କିମ୍ବା ସମ୍ପ୍ରଦାୟ ନିର୍ବିଶେଷରେ ଆମେ ନିର୍ଦ୍ଦେଶନାମା ଜାରି କରୁଛୁ। ଏହା ସବୁ ଧର୍ମ ଏବଂ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ହେବ। ଯଦି ସର୍ବସାଧାରଣ ସ୍ଥାନରେ ଧାର୍ମିକ ପୀଠ ଥାଏ, ସେ ମନ୍ଦିର ହେଉ କିମ୍ବା ଦରଘା କିମ୍ବା ଗୁରୁଦ୍ୱାର ଏସବୁ ଉଚ୍ଛେଦ ହେବା ଆବଶ୍ୟକ। ଧାର୍ମିକ ପୀଠ ଜନସାଧାରଣଙ୍କ କାର୍ଯ୍ୟରେ ବାଧା ଦେଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପ୍ରକାଶ ଥାଉକି, ବିଭିନ୍ନ କାରଣକୁ ନେଇ ଉତ୍ତରପ୍ରଦେଶ ତଥା ଅନ୍ୟାନ୍ୟ ରାଜ୍ୟରେ ବୁଲଡୋଜର ଆକ୍ସନ ନିଆଯାଏ। ଏହା ବିରୋଧରେ ଜମିୟତ ଉଲେମା-ଇ-ହିନ୍ଦ ନାମକ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସେପ୍ଟେମ୍ବର ୧୭ରେ ଏ ଉପରେ ଶୁଣାଣି କରି ଅକ୍ଟୋବର ୧ରେ ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ବୁଲଡୋଜର ଆକ୍ସନ ଉପରେ ରୋକ୍ ଲଗାଇଥିଲେ ସର୍ବୋଚ୍ଚ ଅଦାଲତ। କିନ୍ତୁ ବେଆଇନ ଉଚ୍ଛେଦକୁ ଅନୁମତି ଦେଇଥିଲେ।

ଆଜି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବିଆର ଗବାଇ ଏବଂ ଜଷ୍ଟିସ କେ.ଭି ବିଶ୍ୱନାଥନଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସର୍ବସାଧାରଣ ସ୍ଥାନରେ ଉଚ୍ଛେଦକୁ ଅନୁମତି ଦେଇ ଥିବାବେଳେ ବ୍ୟକ୍ତିଗତ ସ୍ଥାନରେ ବୁଲଡୋଜର ଆକ୍ସନ ହୋଇପାରିବ ନାହିଁ ବୋଲି କହିଛନ୍ତି। ଯଦି କୌଣସି ବ୍ୟକ୍ତି, ସେ ଅଭିଯୁକ୍ତ ହୁଅନ୍ତୁ ଅବା ଦୋଷୀ ତାଙ୍କ ଘର କିମ୍ବା ବ୍ୟକ୍ତିଗତ ସଂସ୍ଥା ଉପରେ ବୁଲଡୋଜର ଆକ୍ସନ ନିଆଯାଇ ପାରିବ ନାହିଁ। ଏ ଉପରେ ଆମେ ଗାଇଡଲାଇନ ଜାରି କରିବୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।





## ନିଜ ବନ୍ଧୁକରୁ ଗୁଳି ଫୁଟି ଗୋବିନ୍ଦା ଆହତ

**ମୁମ୍ବାଇ, ୧।୧୦:** ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଗୁଳି ଫୁଟି ବଲିଉଡ଼ ଷ୍ଟାର ଗୋବିନ୍ଦା ଆହତ ହୋଇଛନ୍ତି। ତେବେ ସେ ବିପଦ ମୁକ୍ତ ଥିବା ଜଣାଯାଇଛି। ଏକ ଅଡିଓ ବାର୍ତ୍ତାରେ ଗୋବିନ୍ଦା କହିଛନ୍ତି ଯେ, ଈଶ୍ୱର ଓ ତାଙ୍କ ଗୁରୁଙ୍କ ଆଶୀର୍ବାଦ ତଥା ନିଜ ପରିବାର ବର୍ଗ ଏବଂ ବନ୍ଧୁ ତଥା ଶୁଭେଚ୍ଛୁଙ୍କ ସଦିଚ୍ଛା ବଳରେ ସେ ବର୍ତ୍ତି ଯାଇଛନ୍ତି। ମଙ୍ଗଳବାର ଭୋର ୪ଟା ୪୫ ମିନିଟ ସମୟରେ ଜୁହୁସ୍ଥିତ ନିଜ ବାସଭବନରେ ଥିବା ବେଳେ ଗୋବିନ୍ଦା ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତେବେ ସେ ବିପଦମୁକ୍ତ ଥିବା ତାଙ୍କ ମ୍ୟାନେଜର କହିଛନ୍ତି।

## ୫ରେ ପିଏମ କିଷାନର ୧୮ତମ କିସ୍ତି

**ନୂଆଦିଲ୍ଲୀ, ୧।୧୦:** ଆସନ୍ତା ୫ ତାରିଖରେ ପିଏମ କିଷାନ ଯୋଜନାର ୧୮ତମ କିସ୍ତି ଚାଷୀଙ୍କ ଖାତାକୁ ଆସିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହିଦିନ ମହାରାଷ୍ଟ୍ରରେ ଆୟୋଜିତ ହେବାକୁ ଯାଉଥିବା ଏକ ସମାରୋହରେ ଏହା ପ୍ରଦାନ କରିବେ। ଉଲ୍ଲେଖ ଯୋଗ୍ୟ ଯେ, ଏହି ଯୋଜନାରେ ଚାଷୀଙ୍କ ଖାତା ବର୍ଷକୁ ୬ ହଜାର ଟଙ୍କା ଡିବିଟି ମାଧ୍ୟମରେ ତିନଟି ସମାନ କିସ୍ତିରେ ଯାଇଥାଏ। ପ୍ରତି କିସ୍ତିରେ ୨ ହଜାର ଟଙ୍କା ମିଳିଥାଏ। ଗତ ଜୁନରେ ୧୭ତମ କିସ୍ତି ଟଙ୍କା ଚାଷୀଙ୍କ ଖାତାକୁ ଯାଇଥିଲା। ୨୦୧୯ରେ ଏହି ଯୋଜନା ଆରମ୍ଭ ହୋଇଥିଲା।

## ଫ୍ଲିପକାର୍ଟରୁ ଆଇଫୋନ୍ ମଗାଇଥିଲେ ଡେଲିଭରି ବୟର ତଣ୍ଟି ଚିପି ହତ୍ୟା

ଫ୍ଲିପକାର୍ଟରେ ଆଇଫୋନ୍ ମଗାଇଥିଲେ।ଡେଲିଭରି ବୟ ଫୋନ୍ ଦେଇ ଟଙ୍କା ମାଗିବାରୁ ଚିପି ଦେଲେ ତଣ୍ଟି। ଏପରି ଅଭିଯୋଗ ଆସିଛି ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରୁ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତର ସହଯୋଗୀକୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ମୃତ ଡେଲିଭରି ବୟ ଜଣଙ୍କ ହେଲେ ଭରତ ସାହୁ(୩୫)। ଲକ୍ଷ୍ନୌରେ ରହୁଥିବା ଗଜାନନ ଫ୍ଲିପକାର୍ଟରେ ଆଇଫୋନ୍ ମଗାଇଥିଲେ। ଗତ ୨୩ ତାରିଖରେ ଡେଲିଭରି ବୟ ଗଜାନନଙ୍କୁ ଫୋନ୍ ନିଜ ଘରେ ଦେଇଥିଲେ। ଆଇଫୋନ ମୂଲ୍ୟ ଦେଢ଼ ଲକ୍ଷ ଥିବାବେଳେ ଗଜାନନଙ୍କୁ ଟଙ୍କା ମାଗିଥିଲେ ଭରତ। ଗଜାନନ ଟଙ୍କା ଦେବାକୁ ଅରାଜି ହୋଇଥିଲେ। ଏହାକୁ ନେଇ ଗଜାନନ ଓ ଭରତଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଗଜାନନ ଉତ୍ତ୍ୟକ୍ତ ହୋଇ ଭରତର ତଣ୍ଟିଚିପି ଦେଇଥିବା ଅଭିଯୋଗ ହୋଇଛି। ପରେ ଭରତଙ୍କ ମୃତଦେହକୁ ଅଖାରେ ଭିତରେ ପୂରାଇ ଗଣ୍ଡକୁ ଫିଙ୍ଗି ଦେଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।



## ସ୍କୁଲ ବସ୍‌ରେ ନିଆଁ, ୨୫ ଦଗ୍ଧ

**ବ୍ୟାଙ୍କକ, ୧।୧୦:** ସ୍କୁଲ ପିଲା ଓ ସେମାନଙ୍କ ଶିକ୍ଷକମାନଙ୍କୁ ନେଇ ଯାଉଥିବା ଗୋଟିଏ ବସ୍‌ରେ ଲାଗିଛି ଭୟଙ୍କର ନିଆଁ। ଅଗ୍ନିକାଣ୍ଡରେ ବସ୍‌ଟି ସଂପୂର୍ଣ୍ଣ ପୋଡ଼ିଜଳି ପାଉଁଶ ହୋଇଯାଇଥିବା ବେଳେ ଏଥିରେ ୨୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ବ୍ୟାଙ୍କକ ଉପକଣ୍ଠରେ ଏପରି ଭୟଙ୍କର ଘଟଣା ଘଟିଛି। ବସ୍‌ରେ ଶିକ୍ଷକ ଓ ସ୍କୁଲ ପିଲାଙ୍କୁ ମିଶାଇ ମୋଟ ୪୪ ଜଣ ରହିଥିଲେ। ସମସ୍ତେ କେନ୍ଦ୍ରୀୟ ଉଥାଇ ଥାନି ପ୍ରଦେଶରୁ ବୁଲିବା ପାଇଁ ଆୟୁଥାୟା ଯାଉଥିଲେ। କିନ୍ତୁ ମଧ୍ୟାହ୍ନ ସମୟରେ ବସ୍‌ଟି ପାଥୁମ ଥାନି ପାଖରେ ଥିବା ବେଳେ ଘଟିଥିଲା ଅଘଟଣ। ହଠାତ୍ ଚଳନ୍ତା ବସ୍‌ରେ ଲାଗି ଯାଇଥିଲା ନିଆଁ। ଏହା ଏତେ ଭୟଙ୍କର ଥିଲା ଯେ ଆଖି ପିଛୁଳାକେ ପୂରା ବସ୍‌କୁ ବ୍ୟାପିଯାଇଥିଲା। ଫଳରେ ଭିତରେ ଥିବା ଅଧିକାଂଶ ପିଲା ଓ ଶିକ୍ଷକ ଫସି ଯାଇଥିଲେ। ସେମାନଙ୍କ ମଧ୍ୟରୁ କିଛି ଜଣ ବାହାରକୁ ଆସିବାକୁ ସକ୍ଷମ ହୋଇଥିଲେ ହେଁ ବାକି ୨୫ ଜଣ ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି। ଅନ୍ୟମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ କିଛି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ଆଭ୍ୟନ୍ତରୀଣ ମନ୍ତ୍ରୀ ଅନୁତିନ ଚାରନଭିରକୁଲ କହିଛନ୍ତି ଯେ ତଦନ୍ତ ଏଯାଏ ସରିନି। କିନ୍ତୁ ଆହତଙ୍କ ସଂଖ୍ୟାକୁ ଦେଖି ୨୫ ଜଣ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ବସ୍ ଏତେ ଜୋରରେ ଗରମ ରହିଛି ଯେ ତା' ଭିତରକୁ ଯିବା ଏବେ ବି ସମ୍ଭବ ହେଉ ନାହିଁ। ମୃତଦେହଗୁଡ଼ିକ ବସ୍ ମଧ୍ୟରେ ରହିଥିବା ସେ କହିଛନ୍ତି।

ମହାରାଷ୍ଟ୍ର ରାଜନୀତିରେ ହଇଚଇ

# ଏନ୍‌ଡିଏକୁ ଉଦ୍ଧବ ଫେରିବା ଚର୍ଚ୍ଚା

**ମୁମ୍ବାଇ, ୧।୧୦:** ଆଗକୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ। ଏଥିପାଇଁ ସବୁ ରାଜନୈତିକ ଦଳ ପୂରା ଜୋରସୋର୍‌ରେ ପ୍ରସ୍ତୁତି ଚଳାଇଛନ୍ତି। ଏହାରି ଭିତରେ ପଲଟି ମାରିବାକୁ ଚାଲିଛି ପ୍ଲାନ୍। ରାତି ଅଧରେ ବିଜେପିର ଶୀର୍ଷ ନେତାଙ୍କୁ ଭେଟିଛନ୍ତି ଶିବସେନା ସାଂସଦ(ୟୁବିଟି) ସଞ୍ଜୟ ରାଉତ। ସେହିପରି ଦେବେନ୍ଦ୍ର ଫଡନାଭିସଙ୍କୁ ଭେଟିଛନ୍ତି ଉଦ୍ଧବ ଠାକରେ। ଏକଥା ଆମେ କହୁନୁ ଏଭଳି କିଛି ଦାବି କରିଛି ବଞ୍ଚିତ ବହୁଜନ ଆଘାଡି।

୨୦୧୯ ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ମହାରାଷ୍ଟ୍ରରେ ରାଜନୈତିକ ହଟଚମଟ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଶିବସେନା ଓ ବିଜେପି ମଧ୍ୟରେ ମତଭେଦ ହୋଇଥିଲା। ଉଦ୍ଧବ ଠାକରେ ସିଧାସଳଖ କଂଗ୍ରେସ-ଏନସିପି ସହ ହାତ ମିଳାଇଥିଲେ। ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ଅନେକ ରାଜନୈତିକ ଭୂମିକମ୍ପ ହୋଇଛି। ଏବେ ପୁଣିଥରେ ବଞ୍ଚିତ ବହୁଜନ ଆଘାଡିର ମୁଖ୍ୟ ମୁଖପାତ୍ର ତଥା ଉପାଧ୍ୟକ୍ଷ ସିଦ୍ଧାର୍ଥ ମୋକଲେଙ୍କ ଏହି ସନ୍ଦେହଜନକ ଦାବି ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

ସେ ଦାବି କରିଛନ୍ତି ଯେ ମାତୋଶ୍ରୀରେ ଉଦ୍ଧବ ଠାକରେ ଏବଂ ଦେବେନ୍ଦ୍ର ଫଡନାଭିସଙ୍କ ଏକ ଗୁପ୍ତ ବୈଠକ ହୋଇଥିଲା। ଏହି ବୈଠକ ପରେ ଠାକରେ ଦିଲ୍ଲୀ ଯାଇଥିଲେ। ସେହିପରି ଶିବସେନା ସାଂସଦ ସଞ୍ଜୟ ରାଉତ ଜୁଲାଇ ୨୫ ତାରିଖ ରାତି ୨ଟାରେ ୭-ଡି ମୋତିଲାଲ



ମାର୍ଗରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟିଥିଲେ। ବଞ୍ଚିତ ବହୁଜନ ଆଘାଡି ମୁଖପାତ୍ର ଦେଇଥିବା ସୂଚନା ଅନୁଯାୟୀ ଅଗଷ୍ଟ ୫ ତାରିଖ ଦିନ ୧୨ଟାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ମାତୋଶ୍ରୀ ବଙ୍ଗଳାକୁ ଯାଇଥିଲେ। ସେ ନିଜେ ଗାଡି ଚଳାଇ ଏକୁଟିଆ ଆସିଥିଲେ। ଠାକରେ ଏବଂ ଫଡନାଭିସ ଦୁଇ ଘଣ୍ଟା ଧରି ବୈଠକ କରିଥିଲେ। ଏହାପରେ ଅଗଷ୍ଟ ୬ ତାରିଖରେ ଉଦ୍ଧବ ଠାକରେ ଦିଲ୍ଲୀ ଯାଇଥିଲେ। ଉଦ୍ଧବ ଠାକରେ ଦିଲ୍ଲୀ ଯିବା ବାଟରେ ତାଙ୍କ ସହ କିଏ ଥିଲେ ଏବଂ ଦିଲ୍ଲୀରେ କାହାକୁ ଭେଟିଥିଲେ ତାହା ସର୍ବଜନୀନ କରିବା ଉଚିତ।

ସେ କହିଛନ୍ତି, ରାଜ୍ୟରେ ସଂରକ୍ଷଣ ଭିତ୍ତିକ ଭୋଟରମାନେ ନିଶ୍ଚିତ ଭାବରେ ଜାଣନ୍ତି ଯେ ବିଜେପି ଏବଂ ଏହାର ସହଯୋଗୀ ମାନେ ସଂରକ୍ଷଣ ବିରୋଧୀ। ତେବେ ଏହି ସଂରକ୍ଷଣ ଭିତ୍ତିକ ଭୋଟରମାନେ ଶିବସେନାର ଉଦ୍ଧବ ଠାକରେ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛନ୍ତି। ଭିବିଏ ଏକ ବିବୃତିରେ କହିଛି ଯେ ଗତ ୫ ବର୍ଷ ମଧ୍ୟରେ ମହାରାଷ୍ଟ୍ରରେ ଘଟିଥିବା ଘଟଣାକୁ ଦୃଷ୍ଟିରେ ରଖି ଯଦି ପୁଣି ଥରେ କୌଣସି ବିପରୀତ ରାଜନୈତିକ ଘଟଣା ଘଟେ, ତେବେ ଆମେ ଏହି ସୂଚନା ଲୋକଙ୍କ ସାମ୍ନାରେ ରଖୁଛୁ। ଯାହାଦ୍ୱାରା ମହାରାଷ୍ଟ୍ରର ସଂରକ୍ଷଣ ଭିତ୍ତିକ ଭୋଟରମାନେ ଠକେଇର ଶିକାର ନହୁଅନ୍ତି।

ଆଗକୁ ମହାରାଷ୍ଟ୍ର ରାଜନୀତିରେ କ'ଣ ହେବ କେହି ଜାଣନ୍ତି ନାହିଁ। ୨୦୧୯ ବିଧାନସଭା ନିର୍ବାଚନରେ ଶିବସେନା ଓ ବିଜେପି ଏକାଠି ଲଢ଼ିଥିଲେ। ତେବେ

### ନଡ୍ଡାଙ୍କୁ ଭେଟିଲେ ସଞ୍ଜୟ

ମୁଖ୍ୟମନ୍ତ୍ରୀ ପଦକୁ ନେଇ ଉଭୟ ଦଳ ଅଲଗା ହୋଇଯାଇଥିଲେ। ସେଥିପାଇଁ ରାଜ୍ୟରେ ମହାବିକାଶ ଆଘାଡି ପ୍ରତିଷ୍ଠା ହୋଇଥିଲା। ଏହାପରେ ରାଜ୍ୟର ଦୁଇ ପ୍ରମୁଖ ଆଞ୍ଚଳିକ ଦଳ ଶିବସେନା ଓ ଏନସିପି ବିଭାଜିତ ହୋଇଥିଲେ। ନିକଟରେ ହୋଇଥିବା ଲୋକସଭା ନିର୍ବାଚନରେ ବିଜେପି ଓ ଠାକରେଙ୍କ ଶିବସେନାକୁ ଝଟକା ଲାଗିଥିଲା। ଗତଥର ବିଜେପିର ୨୩ ଓ ଶିବସେନାର ୧୮ ସାଂସଦ ନିର୍ବାଚିତ ହୋଇଥିଲେ। କିନ୍ତୁ ଏଥର ବିଜେପିର ୯ ଜଣ ଏବଂ ୟୁବିଟିର ୯ ଜଣ ସାଂସଦ ନିର୍ବାଚିତ ହୋଇଛନ୍ତି। କଂଗ୍ରେସର ଆସନ ସଂଖ୍ୟା ୧ରୁ ୧୩କୁ ବୃଦ୍ଧି ପାଇଥିବା ବେଳେ ଏନସିପିର ଆସନ ସଂଖ୍ୟା ୪ରୁ ୮କୁ ବୃଦ୍ଧି ପାଇଛି।

ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ

## ଶେଷ ପର୍ଯ୍ୟାୟରେ ୬୫.୫୮% ଭୋଟ୍

**ଶ୍ରୀନଗର ୧।୧୦ :** ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଲାଗି ୩ ପର୍ଯ୍ୟାୟ ଭୋଟ ଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟରେ ମତଦାନ ୬୫.୫୮% ରହିଥିବା ସିଇସି ରାଜୀବ କୁମାର ସୂଚନା ଦେଇଛନ୍ତି। ଆସନ୍ତା ୮ ତାରିଖରେ



ଭୋଟ ଗଣତି କରାଯିବ। ଧାରା ୩୭୦ ଉଚ୍ଛେଦ ହେବା ପରେ ପ୍ରଥମ ଥର ଲାଗି ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ ହୋଇଛି। ନିର୍ବାଚନ ପୂର୍ବରୁ ଆତଙ୍କବାଦୀମାନେ ଏହାକୁ ଭଣ୍ଡୁର କରିବା ଏବଂ ରାଜ୍ୟରେ ଭୟର ବାତାବରଣ ସୃଷ୍ଟି କରିବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ନିର୍ବାଚନ ବେଳେ କୌଣସି ସ୍ଥାନରେ ସେପରି କିଛି ଅଘଟଣ ଘଟିନାହିଁ ଏବଂ ଲୋକେ ନିର୍ଭୟରେ ଆସି ବହୁ ସଂଖ୍ୟାରେ ମତଦାନ କରିଛନ୍ତି। ଆଜି ଜାମ୍ମୁ-କାଶ୍ମୀରରେ ତୃତୀୟ ତଥା ଶେଷ ପର୍ଯ୍ୟାୟରେ ୭ଟି ଜିଲ୍ଲାର ୪୦ ଆସନରେ ଭୋଟ ଗ୍ରହଣ ହୋଇଛି। ଯେଉଁସବୁ ଜିଲ୍ଲାରେ ଆଜି ଭୋଟ ଗ୍ରହଣ ହୋଇଛି ସେଗୁଡ଼ିକ ହେଲା ବାରମୂଲା, ବାନ୍ଦିପୋରା, ଜାମ୍ମୁ, କାଠୁଆ, କୁପୱାରା, ଶମ୍ବା ଏବଂ ଉଧାମପୁର। ତିନିଟି ପର୍ଯ୍ୟାୟରେ ମୋଟ ୯୦ଟି ଆସନରେ ଭୋଟ ଗ୍ରହଣ ଶେଷ ହୋଇଛି।

# ମଧ୍ୟପ୍ରାଚ୍ୟରେ ଭୟଙ୍କର ସ୍ଥିତି

**ତେଲଆଭିଭ, ୧।୧୦:** ମଙ୍ଗଳବାର ରାତିରେ ଇସ୍ରାଏଲ୍ ଉପରେ ଇରାନର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ତୃତୀୟ ବିଶ୍ୱଯୁଦ୍ଧର

### ଅପରେସନ ନର୍ଥନ ଆରୋ



କଳାବାଦଲ ଘନେଇବାରେ ଲାଗିଛି। ଇରାନର ଆକ୍ରମଣ ପରେ ଇସ୍ରାଏଲବାସୀଙ୍କ ପାଇଁ ଆଲର୍ଟ ଜାରି ହୋଇଛି।

ସେପଟେ ହେଜବୁଲ୍ଲା ମୁଖ୍ୟ ହସନ ନସରଲ୍ଲା ଏବଂ ଅନ୍ୟ କମାଣ୍ଡରମାନେ ଇସ୍ରାଏଲ ସେନା ଆକ୍ରମଣରେ ନିହତ ହୋଇଛନ୍ତି। ହେଜବୁଲ୍ଲାର ଅନେକ ଗୁପ୍ତ ଆଡ୍ଡା ଏବଂ ଅସ୍ତ୍ରାଗାର ଧ୍ୱଂସ ହୋଇଛି। ଏହାର ମେରୁଦଣ୍ଡ ଭାଙ୍ଗି ଯାଇଛି। କିନ୍ତୁ ଇସ୍ରାଏଲ ଏତିକିରେ ସନ୍ତୁଷ୍ଟ ନୁହେଁ। ହେଜବୁଲ୍ଲାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ପର୍ଯ୍ୟନ୍ତ ଅପରେସନ ନର୍ଥନ ଆରୋ ଚାଲୁ ରହିବ ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଇସ୍ରାଏଲ ସେନା ସ୍ଥଳ ପଥରେ ଲେବାନନରେ ପ୍ରବେଶ କରିଛି। ଲେବାନନ ସୀମାରେ ଥିବା ହେଜବୁଲ୍ଲା ଇନଫ୍ରାଷ୍ଟ୍ରକଚରକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ହେଉଛି ଏହାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ। ଦକ୍ଷିଣ ଲେବାନନରେ ଇସ୍ରାଏଲ ସେନା କେତେକ ଗାଁକୁ ଟାର୍ଗେଟ କରି ଗୁଳିଗୋଳା ବର୍ଷଣ କରିଛି। ଇସ୍ରାଏଲ କହିଛି ଯେ, ଉଭୟ ଗାଜା ଏବଂ ବିରୁଟ ଉପରେ ଆକ୍ରମଣ ଜାରି ରହିବ। ଦକ୍ଷିଣ ଲେବାନନରେ କେତେକ ପାଲେଷ୍ଟାଇନ ନାଗରିକ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ଇସ୍ରାଏଲ ସେନା ଟାର୍ଗେଟ କରିଛି।

ହେଜବୁଲ୍ଲା ଡେପୁଟୀ ଲିଡର ନସିମ କାସିମ କହିଛନ୍ତି ଯେ, ଯଦି ଇସ୍ରାଏଲ ସେନା ସ୍ଥଳ ପଥରେ ଆକ୍ରମଣ କରିବ ତେବେ ହେଜବୁଲ୍ଲା ଏହାର ମୁକାବିଲା ଲାଗି ପ୍ରସ୍ତୁତ। ଇସ୍ରାଏଲକୁ ଏହାର ଜବାବ ଦିଆଯିବ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଦିନକୁ ଦିନ ଘନୀଭୂତ ହେଉଛି।

# ସିଦ୍ଧରମୈୟାଙ୍କ ପତ୍ନୀ ଫେରାଇବେ ୧୪ ପ୍ଲଟ୍

**ବେଙ୍ଗାଲୁରୁ, ୧।୧୦:** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଅଡୁଆ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗତକାଲି ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏହି ମାମଲା ମହୀଶୂର ଅରବାନ୍ ଡେଭଲପମେଣ୍ଟ ଅଥରଟି ଜମି ଦୁର୍ନୀତି ସହ ଜଡିତ। ଏହାରି ଭିତରେ ସ୍ୱାମୀଙ୍କ ଟେନ୍‌ସନ୍ ଦୂର କରିବା ପାଇଁ ସିଦ୍ଧରମୈୟାଙ୍କ ପତ୍ନୀ ବିଏମ୍ ପାର୍ବତୀ ନେଇଛନ୍ତି ବଡ଼ ପଦକ୍ଷେପ।

ସିଦ୍ଧରମୈୟାଙ୍କ ପତ୍ନୀ ପାର୍ବତୀ ମହୀଶୂର ନଗର ଉନ୍ନୟନ ପ୍ରାଧିକରଣ ଦ୍ୱାରା ତାଙ୍କୁ ଦିଆଯାଇଥିବା ୧୪ଟି ପ୍ଲଟ୍ ଫେରାଇବାକୁ ପ୍ରସ୍ତାବ ଦେଇଛନ୍ତି। ଏନେଇ ସେ ମୁଡା କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେ ଚିଠିରେ କହିଛନ୍ତି, ମୁଡା ପକ୍ଷରୁ



ମୋତେ ଦିଆଯାଇଥିବା ୧୪ଟି ପ୍ଲଟର ଡିଲ୍‌କୁ ରଦ୍ଦ କରି ମୁଁ ଏହାକୁ ଫେରାଇବାକୁ ଚାହୁଁଛି। ମୁଁ ପ୍ଲଟଗୁଡିକର ଅଧିକାରକୁ ମହିଶୂର ସହରୀ ବିକାଶ ପ୍ରାଧିକରଣକୁ ହସ୍ତାନ୍ତର କରୁଛି। ଦୟାକରି ଯଥାଶୀଘ୍ର ଏହି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ।' ଏହି ଜମି ଦୁର୍ନୀତି ସହ ଜଡିତ ଅର୍ଥ ହେରଫେର ମାମଲାରେ ଇଡି ସିଦ୍ଧରମୈୟା, ତାଙ୍କ ପତ୍ନୀ, ତାଙ୍କ ଶାଳକ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ଇଡି ମାମଲାରେ ସିଦ୍ଧରମୈୟାଙ୍କ ବିରୋଧରେ ପିଏମଏଲଏ ଧାରା ଲଗାଇଛି। ତେଣୁ ଇଡି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କୁ ଜେରା ପାଇଁ ଡକାଇପାରେ। ଆଇନଗତ ପ୍ରକ୍ରିୟା ଅନୁଯାୟୀ, ସିଦ୍ଧରମୈୟାଙ୍କୁ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନୁମତି ପାଇଛି। ତଦନ୍ତ ସମୟରେ ଇଡି ତାଙ୍କ ସମ୍ପତ୍ତି ମଧ୍ୟ ଜବତ କରିପାରେ।

## କମର୍ସିଆଲ ଗ୍ୟାସ୍ ଦର ବୃଦ୍ଧି

**ନୂଆଦିଲ୍ଲୀ, ୧।୧୦:** ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର। ପ୍ରତି ମାସର ପହିଲାରେ ଗ୍ୟାସ୍ ସିଲିଣ୍ଡର ଦରରେ ପରିବର୍ତ୍ତନ ହୁଏ। ଅକ୍ଟୋବର ୧ ତାରିଖରେ ମଧ୍ୟ ଅଏଲ ମାର୍କେଟିଂ କମ୍ପାନୀ ଗ୍ୟାସ୍ ଦରରେ ପରିବର୍ତ୍ତନ କରିଛି। ୧୯ କିଲୋଗ୍ରାମ ଗ୍ୟାସ୍ ଯୁକ୍ତ କମର୍ସିଆଲା ଏଲପିଜି ସିଲିଣ୍ଡରର ଦାମ୍ ବୃଦ୍ଧି ପାଇଛି। ସିଲିଣ୍ଡର ପିଛା ୪୮.୫୦ରୁ ୫୦ ଟଙ୍କା ଯାଏଁ ବଢ଼ିଛି। ଇଣ୍ଡିଆନ୍ ଅଏଲ୍‌ର ଅଫିସିଆଲ୍ ୱେବସାଇଟ୍ ଅନୁଯାୟୀ, ଏହି ବର୍ଦ୍ଧିତ ଦର ଲାଗୁ ହେବା ପରେ ବର୍ତ୍ତମାନ ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲପିଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୧୭୪୦ ଟଙ୍କାରେ ପହଞ୍ଚିଛି। ସେହିପରି ବର୍ଦ୍ଧିତ ଦର ଲାଗୁ ହେବା ପରେ ମୁମ୍ବାଇରେ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପିଛା ଦର ୧୬୯୨.୫୦ ଟଙ୍କା, କୋଲକାତାରେ ୧୮୫୦.୫୦ ଟଙ୍କା ଏବଂ ଚେନ୍ନାଇରେ ୧୯୩୦ ଟଙ୍କାରେ ଉପଲବ୍ଧ ହେବ। କମର୍ସିଆଲ ଗ୍ୟାସ୍ ସିଲିଣ୍ଡରା ଦାମ ବଢ଼ିବା ଯୋଗୁ ରେଷ୍ଟୁରାଣ୍ଟ, ହୋଟେଲ, ଢ଼ାବାରେ ଖାଇବା ମହଙ୍ଗା ହେବ। କମର୍ସିଆଲ ଏଲପିଜି ଗ୍ୟାସ୍ ସିଲିଣ୍ଡରଗୁଡିକ ଏହି ସ୍ଥାନଗୁଡିକରେ ସ୍ୱତନ୍ତ୍ର ଭାବରେ ବ୍ୟବହୃତ ହୁଏ।



## ରଜନୀକାନ୍ତ ହସ୍ପିଟାଲରେ

**ଚେନ୍ନାଇ,୧।୧୦:** ସାଉଥ ସୁପରଷ୍ଟାର ରଜନୀକାନ୍ତ ଚେନ୍ନାଇର ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ପେଟରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା, ଯେଉଁଠାରେ ସେ ଚିକିତ୍ସିତ ହେଉଛନ୍ତି ଏବଂ ଆଜି ଅର୍ଥାତ୍ ମଙ୍ଗଳବାର ଦିନ ତାଙ୍କୁ ଏକ ସ୍ୱତନ୍ତ୍ର ପ୍ରୋସେସ ଦେଇ ଗତି କରିବାକୁ ପଡିପାରେ। ବର୍ତ୍ତମାନ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ, ତାଙ୍କ ଅବସ୍ଥା ସ୍ଥିର ଅଛି ବୋଲି ଅଭିନେତାଙ୍କ ପତ୍ନୀ ତାଙ୍କ ହେଲ୍‌ଥ ଅପଡେଟ ଦେଇଛନ୍ତି। ସୁପରଷ୍ଟାର ରଜନୀକାନ୍ତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇ ଚେନ୍ନାଇ ପୋଲିସ କହିଛି ଯେ ପେଟରେ ଯନ୍ତ୍ରଣା ହେତୁ ତାଙ୍କୁ ଚେନ୍ନାଇର ଆପୋଲୋ ଗ୍ରିମସ ରୋଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥି ସହିତ ତାଙ୍କ ପତ୍ନୀ ମିଡିଆରେ ସୁପରଷ୍ଟାରଙ୍କ ସ୍ୱାସ୍ଥ୍ୟ ଅପଡେଟ ଦେଇଛନ୍ତି। ରଜନୀକାନ୍ତଙ୍କ ପତ୍ନୀ ଲତା କେବଳ କହିଛନ୍ତି ଯେ ବର୍ତ୍ତମାନ ସବୁ ଠିକ ଅଛି। ସୂଚନାଯୋଗ୍ୟ, ରଜନୀକାନ୍ତଙ୍କ ସ୍ୱାସ୍ଥ୍ୟ ଗତ କିଛି ବର୍ଷ ମଧ୍ୟରେ ଅନେକ ଥର ଖରାପ ହୋଇଯାଇଛି। ଏହି ଅଭିନେତା ୨୦୧୬ରେ ଆମେରିକାରେ କିଡନୀ ପ୍ରତିରୋପଣ ମଧ୍ୟ କରିଥିଲେ। ନିକଟରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ରାଜନୀତିରୁ ମଧ୍ୟ ଅବସର ନେଇଥିଲେ। ବର୍ତ୍ତମାନ ସେ ଭଲ ଅଛନ୍ତି। ତେବେ ଏହି ଖବର ଆସିବା ପରେ ରଜନୀକାନ୍ତଙ୍କ ପ୍ରଶଂସକଙ୍କ ଚିନ୍ତା ବଢ଼ିଛି ଏବଂ ସେମାନେ ସୁପରଷ୍ଟାରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଗରବାରେ ପ୍ରବେଶ ପାଇଁ ପିଇବାକୁ ପଡ଼ିବ ଗୋମୂତ୍ର

**ଇନ୍ଦୋର, ୧।୧୦:** ଗରବା ପେଣ୍ଡାଲକୁ ଏବେ ପ୍ରବେଶ କରିବାକୁ ହେଲେ ପିଇବାକୁ ପଡିବ ଗୋମୂତ୍ର। ଏଭଳି କିଛି ବିବାଦୀୟ ପ୍ରସ୍ତାବ ଦେଇଛନ୍ତି ବିଜେପି ନେତା। ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ବିଜେପିର ଇନ୍ଦୋର ଜିଲ୍ଲା ସଭାପତି ଚିଣ୍ଟୁ ବର୍ମା ନବରାତ୍ରୀ ଉତ୍ସବରେ ଅଣ ହିନ୍ଦୁମାନଙ୍କୁ ଗରବା ମଣ୍ଡପରେ ପ୍ରବେଶ ରୋକିବା ପାଇଁ ଗୋମୂତ୍ର ପିଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବର୍ମାଙ୍କ ଏହି ପ୍ରସ୍ତାବକୁ କଂଗ୍ରେସ କଡ଼ା ସମାଲୋଚନା କରିବା ସହ ଏହାକୁ ରାଜନୈତିକ ଧ୍ରୁବୀକରଣ କୌଶଳ ବୋଲି କହିଛି।

ବିଜେପି ନେତା ଚିଣ୍ଟୁ ବର୍ମା କହିଛନ୍ତି ଯେ ଗରବା ଦେବୀଙ୍କୁ ପୂଜା କରିବାର ଏକ ପର୍ବ। ଏଥିରେ ଅଧିକ ଲୋକ ଅଂଶଗ୍ରହଣ କରିବା ଉଚିତ୍ । ଗାଈକୁ ଗୋମାତା ଭାବରେ ବିବେଚନା କରାଯାଏ। ଏହାର ମୂତ୍ର ଲାଭଦାୟକ।



ଏଭଳି ସ୍ଥିତିରେ ହିନ୍ଦୁମାନେ ଗୋମୂତ୍ର ପିଇବାରେ କୌଣସି ଅସୁବିଧା ହେବ ନାହିଁ। ତେଣୁ ଗରବାରେ ଭାଗ ନେଉଥିବା ସମସ୍ତ ଲୋକଙ୍କୁ ପ୍ରସାଦ ରୂପେ 'ଗୋମୂତ୍ର' ପିଆଇବାକୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ବିଜେପି ସଭାପତି ଭିଡି ଶର୍ମା ଏହି ବୟାନରୁ ନିଜକୁ ଦୂରେଇ ରଖି କହିଛନ୍ତି ଯେ ଏହା ଦଳର ଆଭିମୁଖ୍ୟ ନୁହେଁ ବରଂ ବ୍ୟକ୍ତିଗତ ମତାମତ। ତେବେ କଂଗ୍ରେସ ବିଜେପି ନେତାଙ୍କ ଏହି ପ୍ରସ୍ତାବକୁ ତୀବ୍ର ନିନ୍ଦା କରିଛି। କଂଗ୍ରେସ ମୁଖପାତ୍ର ନୀଳଭ ଶୁକ୍ଲା ଦର୍ଶାଇଛନ୍ତି ଯେ ଅନେକ ଗରବା ମଣ୍ଡପ ବିଜେପି ନେତାଙ୍କ ଦ୍ୱାରା ଆୟୋଜନ କରାଯାଏ। ଗୋମୂତ୍ରକୁ ପ୍ରବେଶ ପାଇଁ ଏକ ଆବଶ୍ୟକତା ଭାବରେ ପ୍ରୋତ୍ସାହନ ଦେବା ସହିତ ଗୋମାଂସ କମ୍ପାନୀ ଗୁଡିକଠାରୁ ଚାନ୍ଦା ଗ୍ରହଣ କରିବାରେ ସେମାନଙ୍କ ରହସ୍ୟକୁ ସମାଲୋଚନା କରିଥିଲେ। ପୂର୍ବରୁ ଇନ୍ଦୋରର ଆୟୋଜକମାନେ ଆଧାର କାର୍ଡ ଯାଞ୍ଚ କରି ଗରବା ସ୍ଥଳକୁ ପ୍ରବେଶ ପାଇଁ ଅନୁମତି ଦେଇଥିଲେ। ତେବେ ଏହାକୁ ନେଇ ବୟାନବାଜି ଓ ରାଜନୀତି ତେଜିବା ପରେ ବର୍ମା ସ୍ପଷ୍ଟ କରିଛନ୍ତି ଯେ କେବଳ ହିନ୍ଦୁମାନେ ଯେପରି ଗରବା ଉତ୍ସବରେ ଅଂଶଗ୍ରହଣ କରିବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ବେଳେବେଳେ ଲୋକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେ କିଛି ଆଲୋଚନା ହୋଇଥାଏ। ଆଧାର କାର୍ଡକୁ ଏଡିଟ୍ କରାଯାଇପାରିବ। ତେବେ ଯଦି କୌଣସି ବ୍ୟକ୍ତି ହିନ୍ଦୁ ଅଟନ୍ତି, ତେବେ ଗୋମୂତ୍ର ପିଇବା ପରେ ହିଁ ସେ ଗରବା ମଣ୍ଡପରେ ପ୍ରବେଶ କରିବେ। ଏହାକୁ ମନା କରିବାର ପ୍ରଶ୍ନ ଉଠୁନାହିଁ ବୋଲି ବର୍ମା ଯୁକ୍ତି ବାଢ଼ିଛନ୍ତି।

# ଗ୍ରୀନପାର୍କରେ ଭାରତର ବିଜୟ

- ବାଂଲାଦେଶ ବିପକ୍ଷରେ ୨-୦ରେ ସିରିଜ ଜିତିଲା
- ଜୟସ୍ୱାଲ ମ୍ୟାନ ଅଫ ଦି ମ୍ୟାଚ
- ଅଶ୍ୱିନ ମ୍ୟାନ ଅଫ ଦି ସିରିଜ



**କାନପୁର, ୧।୧୦:** ଅଢ଼େଇ ଦିନ ବର୍ଷାରେ ଖେଳ ସମ୍ପୂର୍ଣ୍ଣ ଧୋଇଯିବା ସତ୍ତ୍ୱେ ଭାରତ ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ପ୍ରତିପକ୍ଷ ବାଂଲାଦେଶକୁ ୭ ୱିକେଟରେ ପରାଜିତ କରି ୨-୦ରେ ସିରିଜ ବିଜୟ ହାସଲ କରିଛି। ଅଧିନାୟକ ରୋହିତ ଶର୍ମାଙ୍କ ପଜିଟିଭ ବ୍ୟାଟିଂ ଏବଂ ଉପଯୁକ୍ତ ନେତୃତ୍ୱ ସହ ବିଜୟ ହାସଲ ଲାଗି ସଠିକ ରଣନୀତି ଯୋଗୁ ଭାରତ କାନପୁରରେ ଏକ ଅସମ୍ଭବ ବିଜୟ ହାସଲ କରିଛି। ମ୍ୟାଚର ଉଭୟ ଇନିଂସରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିବା ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ସିରିଜରେ ୧୧୪ ରନ ଏବଂ ୧୧ଟି ୱିକେଟ ନେଇ ଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଛି। ଦଳର ଏହି ଦମଦାର ବିଜୟରେ ବୋଲରଙ୍କ ଭୂମିକା ଏଥିରେ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ବିଶେଷ କରି ବାଂଲାଦେଶର ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରମାନେ ନିୟମିତ ୱିକେଟ ଦଖଲ କରିବା ଫଳରେ ଭାରତର ବିଜୟ ସହଜ ହେଲା।

ପ୍ରଥମ ଦିନ ମାତ୍ର ୩୫ ଓଭର ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ବାଂଲାଦେଶ ୩ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ବର୍ଷା ଯୋଗୁ ପରବର୍ତ୍ତୀ ଦୁଇଦିନ ଖେଳ ଆଦୌ ସମ୍ଭବ ହୋଇପାରିନଥିଲା। ଗତ କାଲି ଚତୁର୍ଥ ଦିନରେ ବାଂଲାଦେଶ ଏହାର ପ୍ରଥମ ଇନିଂସରେ ୨୩୩ ରନ କରି ଅଲ ଆଉଟ ହୋଇଯାଇଥିଲା। ଜବାବରେ ଭାରତ ଟି-୨୦ ଫର୍ମାଟ ଭଳି ଦଅୁତ ରନ ସଂଗ୍ରହ କରିଥିଲା ଏବଂ ୯ୱିକେଟରେ ୨୮୫ ରନ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଥିଲା। ପ୍ରଥମରୁ ଭାରତ ୩ ଓଭରରେ ୫୦ ଏବଂ ୧୦.୧ ସଭରରେ ୧୦୦ ରନ ସଂଗ୍ରହ କରି ଦଳର ଯୋଜନା ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇଥିଲେ। ଏହି ଇନିଂସରେ ଭାରତ ଓଭର ପିଛା ୮ରନରୁ ଅଧିକ ହାରରେ ରନ ସଂଗ୍ରହ କରିଥିଲା। ପ୍ରଥମ ଇନିଂସରେ ଭାରତଠାରୁ ୫୨ ରନ ପଛରେ ଥିବା ବାଂଲାଦେଶ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୨୬ ରନ ସଂଗ୍ରହ କରିଥିଲା।

ଆଜି ଖେଳର ପଞ୍ଚମ ତଥା ଶେଷ ଦିନରେ ଭାରତର ଲକ୍ଷ୍ୟ ଥିଲା ବାଂଲାଦେଶର ଦ୍ୱିତୀୟ ଇନିଂସକୁ କିପରି ଶୀଘ୍ର ଶେଷ କରିବା। ଏଥିରେ ଭାରତୀୟ ବୋଲରମାନେ ସଫଳ ହୋଇଥିଲେ। ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା ବାଂଲାଦେଶ ମାତ୍ର ୧୪୬ ରନରେ ଅଲ ଆଉଟ ହୋଇଯାଇଥିଲା। ଏଥିପାଇଁ ଭାରତୀୟ ବୋଲରଙ୍କୁ ୪୭ ଓଭର ବୋଲିଂ କରିବାକୁ ପଡ଼ିଥିଲା। ବାଂଲାଦେଶ ପକ୍ଷରୁ ଦ୍ୱିତୀୟ ଇନିଂସରେ ସଦମାନ ଇସଲାମ ସର୍ବାଧିକ ୫୦ ଏବଂ ମୁସଫିକର ରହିମ ୩୭ ରନ ସଂଗ୍ରହ କରିଥିଲେ। ଭାରତ ପକ୍ଷରୁ ବୁମରା, ଅଶ୍ୱିନ ଓ ଜାଡେଜା ୩ଟି ଲେଖାଏଁ ଏବଂ ଆକାଶଦୀପଙ୍କୁ ଗୋଟିଏ ୱିକେଟ ମିଳିଥିଲା। ବିଜୟ ହାସଲ ନିମନ୍ତେ ଭାରତକୁ ୯୫ ରନର ଆବଶ୍ୟକତା ଥିବା ବେଳେ ଆଉ ଗୋଟିଏ ସେସନ ବାକି ଥାଇ ଭାରତ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ପ୍ରଥମ ଇନିଂସ ଭଳି ଓପନର ଜୟସ୍ୱାଲ ଦ୍ରୁତ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ବିରାଟ କୋହଲି ୨୯ ରନ କରି ଅପରାଜିତ ରହିଥିଲେ। ଏହି ବିଜୟ ସହ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। କ୍ରମାଗତ ତୃତୀୟ ଥର ପାଇଁ ଭାରତ ଟେଷ୍ଟ ଚାମ୍ପିୟନସିପ ଫାଇନାଲ ଖେଳିବା ଆଶା ଉଜ୍ଜୀବିତ ହୋଇଛି।



## ଇରାନୀ ଟ୍ରଫି କ୍ରିକେଟ

# ରାହାଣେ ଓ ଆୟାରଙ୍କ ଅର୍ଦ୍ଧଶତକ

**ଲକ୍ଷ୍ନୌ, ୧।୧୦:** ଆଜିଙ୍କ୍ୟା ରାହାଣେ, ଶ୍ରେୟସ ଆୟାର ଓ ସର୍ଫରାଜ ଖାନଙ୍କ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇରାନୀ ଟ୍ରଫି କ୍ରିକେଟର ପ୍ରଥମ ଇନିଂସରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରୁ ଉଦ୍ଧାର ପାଇଛି। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୩୭ ରନରେ ୩ ୱିକେଟ ହରାଇ ବିପଦର ସମ୍ମୁଖୀନ ହୋଇଥିଲା। ତେବେ ପୂର୍ବତନ ଟେଷ୍ଟ ଖେଳାଳି ରାହାଣେ ଏବଂ ଶ୍ରେୟସ ଆୟାର ଚମତ୍କାର ବ୍ୟାଟିଂ କରି ଦଳକୁ ଶୋଚନୀୟ ପରିସ୍ଥିତିରୁ ଉଦ୍ଧାର କରିଥିଲେ। ଆୟାର ଆଉଟ ହେବା ପରେ ସର୍ଫରାଜ ଖାନ ଆସି ରାହାଣେଙ୍କ ସହ ଯୋଗ ଦେଇଥିଲେ। ମୁମ୍ବାଇ ପକ୍ଷରୁ ପୃଥ୍ୱୀ ଶ' ୪, ଆୟୁଷ ମାତ୍ରେ ୧୯ ଏବଂ ହାର୍ଦ୍ଦିକ ତାମୋରେ ଶୂନ ରନ କରି ଆଉଟ ହୋଇଥିବା ବେଳେ ଅବଶିଷ୍ଟ ଭାରତ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ଟି ଏବଂ ଯାସ ଦୟାଲ ଗୋଟିଏ ୱିକେଟ ଦଖଲ କରିଛନ୍ତି।

# ୨୮ ବର୍ଷ ବୟସରେ ଆଖି ବୁଜିଲେ କ୍ରିକେଟର ଆସିଫ ହୁସେନ



କ୍ରିକେଟ ଜଗତକୁ ସ୍ତବ୍ଧ କରିଛି ଗୋଟିଏ ଦୁଃଖଦ ଖବର। ୨୮ ବର୍ଷ ବୟସରେ ଜଣେ ଯୁବ କ୍ରିକେଟର ହଠାତ ମୃତ୍ୟୁ ହୋଇଛି। ବେଙ୍ଗଲ ପାଇଁ କ୍ରିକେଟ ଖେଳୁଥିବା ଆସିଫ ହୁସେନ ସୋମବାର ରାତିରେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି। କ୍ରିକେଟକୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ତାଙ୍କ ଅକାଳ ବିୟୋଗ ସହ ସେସବୁ ସ୍ୱପ୍ନ ହୋଇ ରହିଯାଇଛି।

ରିପୋର୍ଟ ଅନୁସାରେ, ଘଟଣା ପୂର୍ବରୁ ଆସିଫ ବେଶ ସୁସ୍ଥ ରହିଥିଲେ। କିନ୍ତୁ ସୋମବାର ରାତିରେ ସେ ଘରର ପାହାଚ ଓହ୍ଲାଉଥିବା ବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା। ସେ ଜୋରରେ ତଳେ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଗୋଟିଏ ଘରୋଇ ହସ୍ପିଟାଲକୁ ନିଆ ଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୁଣ୍ଡର ପଛ ପଟ ପାହାଚରେ ପିଟି ହୋଇଯାଇଥିବାରୁ ସେ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଥିଲେ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ବେଙ୍ଗଲ କ୍ରିକେଟ ପୂରା ସ୍ତବ୍ଧ ହୋଇଯାଇଛି। ବେଙ୍ଗଲ ଟିମକୁ ବିଭିନ୍ନ ବୟସ ବର୍ଗରେ ପ୍ରତିନିଧିତ୍ୱ କରି ଆସିଫ ସଫଳତା ପାଇଥିଲେ। ସେ ବେଙ୍ଗଲର ସିନିୟର ଟିମରେ ସ୍ଥାନ ପାଇବାକୁ ମଧ୍ୟ ଦାବିଦାର ଥିଲେ। ନିକଟରେ ଶେଷ ହୋଇଥିବା ବେଙ୍ଗଏ ଟି-୨୯ ଲିଗର ଗୋଟିଏ ମ୍ୟାଚ୍‌ରେ ସେ ୯୯ ରନର ଇନିଂସ ଖେଳି ସମସ୍ତଙ୍କୁ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ତାଙ୍କ ଅକାଳ ବିୟୋଗ ସମସ୍ତଙ୍କୁ ଚକିତ କରିଥିବା ବେଳେ ଆଜି ବେଙ୍ଗଲ ସିନିୟର ଟିମ ନିଜର ଅଭ୍ୟାସ ସେସନ୍ସ ପୂର୍ବରୁ ଆସିଫଙ୍କ ପାଇଁ ଗୋଟିଏ ମିନିଟର ନୀରବ ପ୍ରାର୍ଥନା କରିଛି।

# ଭାରତର ପ୍ରତିନିଧିତ୍ୱ କରିବେ ଓଡ଼ିଆ ଛାତ୍ର ରୋହିତ ପାତ୍ର



**କୋରାପୁଟ,୧।୧୦:** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଅକ୍ଟୋବର ୦୪ରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କୁ ଭାରତୀୟ ଦଳରେ ମନୋନୀତ ହୋଇଥିବାରୁ ଅଭିନନ୍ଦନ ଜଣାଇବା ସହ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଫେସର ତ୍ରିପାଠୀ କହିଛନ୍ତି, ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ରୋହିତଙ୍କ ଚୟନ ବିଶ୍ୱବିଦ୍ୟାଳୟ ଓ ଦେଶ ପାଇଁ ଗର୍ବର ବିଷୟ। ରୋହିତଙ୍କ ପାଇଁ ଏହା କେବଳ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ନୁହେଁ ବରଂ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ଓ ବିଶ୍ୱବିଦ୍ୟାଳୟ ପାଇଁ ସମ୍ମାନ ଆଣିବାର ଏକ ସୁଯୋଗ। ଆମେ ନିଶ୍ଚିତ ଯେ ସେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦେବେ ଓ ଦେଶକୁ ପାଇଁ ଗୌରବ ଆଣିବେ। କୋରାପୁଟ ଜିଲା ବାସିନ୍ଦା ରୋହିତ ବର୍ତ୍ତମାନ କୋରାପୁଟ ମ୍ୟୁନିସିପାଲିଟି ଜିମରେ ପାୱାରଲିଫ୍ଟିଂ ଅଭ୍ୟାସ କରୁଛନ୍ତି। ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି କ୍ରୀଡ଼ାରେ ନିଜର ପରିଚୟ ସୃଷ୍ଟି କରିସାରିଛନ୍ତି। ଆଗାମୀ ରାଜ୍ୟଗୋଷ୍ଠୀ ଚାମ୍ପିଅନଶିପରେ ସେ ସବ୍ ଜୁନିୟର, ୧୨୦+ କେଜି ବର୍ଗରେ ଭାଗ ନେବେ। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବର ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ରାଜ୍ୟଗୋଷ୍ଠୀ ଏକ୍ୟୁପଡ଼ ଓ କ୍ଲାସିକ ସବ୍ ଜୁନିୟର, ଜୁନିୟର ପାୱାରଲିଫ୍ଟିଂ ଏବଂ ସୁସଜ୍ଜିତ ଓ କ୍ଲାସିକ ସବ୍-ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବେଞ୍ଚ ପ୍ରେସ ଚାମ୍ପିୟନଶିପ ଅନୁଷ୍ଠିତ ହେବ। କୋରାପୁଟ ଜିଲ୍ଲାର ଦୁଇ ବାସିନ୍ଦା ବୈବ କୁମାର ତାଣ୍ଡି (ମାଷ୍ଟର୍ସ ବେଞ୍ଚ ପ୍ରେସ ଚାମ୍ପିଅନଶିପ, ମାଷ୍ଟର ୩, ୭୪ କେଜି ବର୍ଗ) ଏବଂ ରୋହିତ ପାତ୍ର (ସବ୍ ଜୁନିୟର, ୧୨୦+ କେଜି ବର୍ଗ) ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ରୋହିତ ହେଉଛନ୍ତି ନିରୋଦା ନନ୍ଦ ପାତ୍ର ଓ ଶ୍ରୀମତୀ ରମାଦେବୀ ପାତ୍ରଙ୍କ ସୁପୁତ୍ର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିରେ...

ସଦସ୍ୟ ବିଜୟ ମହାପାତ୍ର। ବିଜେଡିର ଅନେକ ନେତାଙ୍କ ମତ ହେଉଛନ୍ତି ବର୍ତ୍ତମାନର ବିପତ୍ତିରୁ ଦଳକୁ ଉଦ୍ଧାର ପାଇଁ ବିଜୟ ହିଁ ଶ୍ରେଷ୍ଠ ବିକଳ୍ପ। ବିଜୟ ଯଦିଓ କିଛି ଦିନ ପାଇଁ ବିଜେପିକୁ ଯାଇଥିଲେ, କିନ୍ତୁ ସେଠାରେ ସେ ଏକ ପ୍ରକାର ଅଲୋଡ଼ା ହେଲେ। ପରେ ନବୀନଙ୍କ ନିକଟତର ହୋଇଛନ୍ତି। ପୁଅ ଅରବିନ୍ଦ ଏବେ ବିଜେଡିର ବିଧାୟକ। ତେଣୁ ବିଜୟ ପୁଣିଥରେ ବିଜେଡିରେ ସକ୍ରିୟ ହେଲେ ଦଳ ଉଦ୍ଧାର ପାଇ ଯାଆନ୍ତା। ତାଙ୍କ କଥାକୁ ଛୋଟ ଠାରୁ ବଡ ପର୍ଯ୍ୟନ୍ତ ସମସ୍ତେ ମାନନ୍ତେ। କାରଣ ବିଜୟ ହିଁ ଏକମାତ୍ର ନେତା ଯିଏ ଓଡିଶା ରାଜନୀତିର ନାଡି ଚିପିବା ସହିତ ପୁରୀରୁ ମାଲକାନଗିରି ପର୍ଯ୍ୟନ୍ତ ସବୁଠାରେ ପରିଚିତ। ତେଣୁ ଦଳରେ ବର୍ତ୍ତମାନ ଯେଉଁ ବିଶୃଙ୍ଖଳା ଓ ଗୋଷ୍ଠିକନ୍ଦଳ ଦେଖାଦେଇଛି ଓ ବିଜେପି ଧିରେ ଧିରେ ବିଜେଡିକୁ ଗିଳିବାକୁ ବସିଛି ସେଥିରୁ ବିଜୟ ହିଁ ବିଜେଡିକୁ ରକ୍ଷାକରିପାରିବେ। ଏସବୁ ସତ୍ତ୍ୱେ ବି ବିଜେଡିରେ ଏବେ ନବୀନଙ୍କ ପରେ କିଏ ବୋଲି ପ୍ରଶ୍ନ କଲେ ଦଳର ବଡ ବଡ ନେତା ହଡବଡେଇ ଯାଉଛନ୍ତି। ଏଭଳି ସ୍ଥିତିରେ ଦଳ କିଭଳି ଆଗକୁ ଯିବ ତାହା ନେଇ ନିଜ ନିଜ ଭିତରେ ଆଲୋଚନା କରୁଛନ୍ତି ସିନା ହେଲେ ନବୀନଙ୍କ ଆଗରେ କହିବାକୁ ସାହସ କୁଳାଇ ପାରୁ ନାହାନ୍ତି। ବିଜେଡିର କିଛି ତୁଙ୍ଗ ନେତାଙ୍କ କହିବାକଥା ଯେ ଠିକଣା ସମୟରେ ଉତ୍ତରାଧିକାରୀ ଘୋଷଣା କରିନଥିବାରୁ ଜୟଲଳିତାଙ୍କ ଭଳି ଲୋକପ୍ରିୟ ନେତ୍ରୀଙ୍କ ହାତରେ ଥିବା ଆଞ୍ଚଳିକଦଳ ଏଆଇଏଡିଏମ୍କେ ଆଜି ଭାରତର ରାଜନୈତିକ ଦୃଶ୍ୟପଟରୁ ଏକପ୍ରକାର ଅଦୃଶ୍ୟ ହୋଇଗଲାଣି। ସେହିଭଳି ମାୟାବତୀଙ୍କ ଅବସ୍ଥା ହେବାକୁ ଯାଉଛି। ସେ ମଧ୍ୟ ନିଜର ବିଧିବଦ୍ଧ ଉତ୍ତରାଧିକାରୀ ଘୋଷଣା ନେଇ ଦ୍ୱନ୍ଦରେ ରହୁଛନ୍ତି। ଜୟଲଳିତା ଅବିବାହିତା ଥିବାବେଳେ ମାୟାବତୀ ମଧ୍ୟ ବିବାହ କରିନାହାନ୍ତି।

ତେବେ ଅନ୍ୟ ଆଞ୍ଚଳିକଦଳ ଓ ରାଜନୈତିକ ପରିବାର କିନ୍ତୁ ବେଳ ଥାଉଁ ଥାଉଁ ବନ୍ଧ ବାନ୍ଧିବା ଭଳି ନିଜ ନିଜର ଉତ୍ତରାଧିକାରୀ ଘୋଷଣା କରିବାରେ ଲାଗିଛନ୍ତି। ତୃଣମୂଳ କଂଗ୍ରେସର ମମତା ବାନାର୍ଜୀ ନିଜ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ନିଜର ଉତ୍ତରାଧିକାରୀ ଭାବେ ଘୋଷଣା କରିଛନ୍ତି। ଉଲ୍ଲେଖନୀୟ ଯେ ମମତା ମଧ୍ୟ ଜଣେ ଅବିବାହିତା ନେତ୍ରୀ। ସେହିଭଳି ଡିଏମ୍କେର ନେତା ଷ୍ଟାଲିନ୍ ତାଙ୍କ ପୁତ୍ର ଉଦୟନିଧିଙ୍କୁ ଉତ୍ତରାଧିକାରୀ ଭାବେ ଉପମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ କରିଛନ୍ତି। ସେହିଭଳି ରାଜନୈତିକ ପରିବାରଗୁଡିକ ମଧ୍ୟରେ ଫାରୁକ ଅବଦୁଲ୍ଲାଙ୍କ ଠାରୁ ଆରମ୍ଭ କରି ଶରଦ ପାୱାରଙ୍କ ପର୍ଯ୍ୟନ୍ତ ଅନେକ ନେତା ନିଜ ନିଜ ପିଲାଙ୍କୁ ରାଜନୀତିରେ ପ୍ରତିଷ୍ଠିତ କରିଛନ୍ତି।

ତେବେ ଅବିବାହିତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ନିଜର ଉତ୍ତରାଧିକାରୀ ଘୋଷଣା କରିନଥିଲେ ମଧ୍ୟ କ୍ୟାଡର ଭିତ୍ତିକ ଜାତୀୟ ଦଳ ବିଜେପି ଉପରେ ଏହାର କୌଣସି ପ୍ରଭା ପଡିନଥିଲା।

ହେଲେ ବିଜେଡି କିନ୍ତୁ ଏବେ ନବୀନଙ୍କ ଉତ୍ତରାଧିକାରୀ ଆବଶ୍ୟକ କରୁଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ନବୀନଙ୍କ ବିନା ମୋହରରେ ଦଳରେ ଉତ୍ତରାଧିକାରୀ ବାଛିବା ଅସମ୍ଭବ। ଯଦି ବି କେହି ଆତ୍ମଘୋଷିତ ଉତ୍ତରାଧିକାରୀ ବାହାରନ୍ତି ତାଙ୍କୁ ଓଡିଶାବାସୀ ଗ୍ରହଣ କରିବା ସମ୍ଭବ ନୁହେଁ। ତେଣୁ ନବୀନ ଯେତେଶୀଘ୍ର ନିଜର ଉତ୍ତରାଧିକାରୀ ଘୋଷଣା କରିବେ ବିଜେଡି ପାଇଁ ସେତେ ମଙ୍ଗଳ ହେବ।

ନଚେତ ଏହି ଦଳ ମଧ୍ୟ ଏଆଇଏଡିଏମ୍କେ ଓ ବିଏସ୍ପି ରାସ୍ତାରେ ଯିବା ନେଇ ଆଲୋଚନା ଚାଲିଛି।

### ଦୋଷୀକୁ ଫାଶୀ...

ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ମାମଲାରେ ଚାର୍ଜଶିଟ ଦାଖଲ କରାଯିବା ପରେ ପକ୍ସୋ କୋର୍ଟରେ ଶୁଣାଣି ଚାଲିଥିଲା। ମୋଟ ୨୫ ଜଣ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ପ୍ରମାଣ ଆଧାରରେ କୋର୍ଟ ପ୍ରଶାନ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହିତ ଫାଶୀ ଦଣ୍ଡାଦେଶ ଦେଇଛନ୍ତି।

### ମାହାଙ୍ଗା ଡବଲ...

ମାମଲାର ପୁଲିସ ତଦନ୍ତ ଚାଲୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତଦେହ ଟାଙ୍ଗୀ ଅନ୍ତର୍ଗତ ଗୋବିନ୍ଦପୁର ଅଞ୍ଚଳରୁ ରହସ୍ୟଜନକ ଭାବେ ଉଦ୍ଧାର କରାଯାଇଥିଲା। ପରବର୍ତ୍ତୀ ସମୟରେ ମାହାଙ୍ଗା ପୋଲିସ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ସେଥିରେ ପ୍ରତାପ ଜେନାଙ୍କ ନାଁ ନ ଥିଲା । ଚାର୍ଜସିଟ୍‌ରୁ ଶ୍ରୀ ଜେନାଙ୍କ ନାଁ କଟିବା ଉପରେ ଆପତ୍ତି ଉଠାଇ ଏତଲାକାରୀ ରମାକାନ୍ତ ବରାଳ କୋର୍ଟରେ ଆବେଦନ କରିଥିଲେ। ରମାକାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ଭାଇ ରଞ୍ଜିତ୍ କୁମାର ବରାଳ ଏହା ଉପରେ ପ୍ରୋଟେଷ୍ଟ ପିଟିସନ୍ ଦାଖଲ କରିଥିଲେ।

ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରି ପ୍ରତାପ ଜେନାଙ୍କ ବିରୋଧରେ ମାମଲା ଚଳାଇବାକୁ ଗତବର୍ଷ ସେପ୍ଟେମ୍ବରରେ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟ କହିଥିଲେ ଯେ ଅଭିଯୋଗକାରୀ ଓ ସାକ୍ଷୀମାନଙ୍କର ବୟାନ ଏବଂ ବିଭିନ୍ନ ରେକର୍ଡପତ୍ରଗୁଡ଼ିକୁ ଦେଖିଲେ ଆପାତତଃ ପ୍ରତାପ ଜେନାଙ୍କ ବିରୋଧରେ ପ୍ରମାଣଯୋଗ୍ୟ ତଥ୍ୟ ରହିଛି । କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ପୁଲିସ ତାଙ୍କ ନାଁ ମାମଲାରେ ଯୋଡିଥିଲା। ତେବେ ତଳକୋର୍ଟରେ ତାଙ୍କ ନାଁ ଯୋଡ଼ାଯିବା ପରେ ତାହାକୁ ଚାଲେଂଜ କରି ଶ୍ରୀ ଜେନା ହାଇକୋର୍ଟ ଯାଇଥିଲେ। ହାଇକୋର୍ଟରୁ ଆଜି କ୍ଲିନଚିଟ୍ ମିଳିବା ପରେ ଶ୍ରୀ ଜେନା ତାଙ୍କ ଏକ୍ସରେ ଏକ ପୋଷ୍ଟ କରି ସତ୍ୟର ସବୁବେଳେ ଜୟ ହୁଏ, ଯେଉଁଠାରେ ଠାକୁର ଶ୍ରୀଜଗନ୍ନାଥ ଅଛନ୍ତି, ସେଠାରେ ଅନ୍ୟାୟ କେବେ ବି ତିଷ୍ଠି ପାରିବ ନାହିଁ ବୋଲି ଲେଖିଛନ୍ତି।

### ଶଙ୍ଖ ମାୟାରେ...

ଯାଏ ସବୁ କରୁଥିଲେ। ସେତିକିବେଳେ ଟ୍ରାକ ବାହାରକୁ ଯାଇ କିଛି ସେବା ବି ଯୋଗାଇଥିଲେ। ଯାହାର ଫଳ ସ୍ୱରୂପ ପୂର୍ବ ସରକାରର ଅନେକ ଗେହ୍ଲାପୁଅ ତଡିପାର ହୋଇଥିବାବେଳେ ଇଏ କିନ୍ତୁ ଶଙ୍ଖଭବନ ବର୍ଡର ଟପିପାରୁ ନାହାନ୍ତି। ସରକାର ତାଙ୍କର କେବେ ହେଲେ ବଦଳି କରିବେ ନାହିଁ, ଯଦି କରିବେ ତେବେ ସିଏ ଚାକିରି ଛାଡିଦେବେ ବୋଲି କହି ବୁଲୁଥିଲେ। ଏବେ କିନ୍ତୁ ବଦଳି ତାଲିକାରେ ତାଙ୍କର ନାଁଟି ନଥିବାରୁ କୁଆଡେ ତାଙ୍କ ମୁହଁଟି ଉଦିତ ରବି ଭଳି ଚକ୍ ଚକ୍ କରୁଛି। ଅବଶିଷ୍ଟ ଚାକିରି ତକ ସିଏ କୁଆଡେ ନବୀନ ନିବାସ ଓ ଶଙ୍ଖଭବନରେ ଚକ୍କର କାଟି ସାରିଦେବେ ବୋଲି କହି ବୁଲୁଛନ୍ତି।

### ସଞ୍ଜୀବଙ୍କ...

କରୁଥିବା ବେଳେ ଏକ ଘରୋଇ କଲେଜ ମାଲିକଙ୍କୁ ଅନୁକମ୍ପା ଦେଖାଇ ଉପାନ୍ତ ଅଞ୍ଚଳକୁ ତଡା ଖାଇଥିଲେ ଏହି ବାବୁ ଜଣଙ୍କ। ଯୁଆଡେ ଗଲେ ସେଠାରେ ବାଲିଘାଟ ମାଲିକ, ମଦ ମାଫିଆଙ୍କ ପାର୍ଟନର ମଧ୍ୟ ହେଲେ। ପରେ ପୁରୀ ଜିଲ୍ଲାକୁ ବଦଳି ହେବାପରେ ମଧ୍ୟ ବିଲ୍ଡର ଙ୍କୁ ଅନୁକମ୍ପା ଦେଖାଇବାକୁ ଯାଇ ସମ୍ପର୍କୀୟଙ୍କ ନାଁରେ ସି ବିଚ ନିକଟରେ ଜମି କିଣିଥିଲେ। କିନ୍ତୁ ବାବୁଙ୍କୁ ବାୟା କରିଥିଲା କ୍ୟାପିଟାଲ ମୋହ। କାରଣ ଏଠି କିଛି ଚିଟଫଣ୍ଡ ଅଭିଯୁକ୍ତଙ୍କ ସହ ବାବୁଙ୍କ କ୍ଷୀର ନିର ର ସମ୍ପର୍କ। ଏସବୁ କୁଆଡେ ନୂଆ କମିଶନର ଜାଣିବା ପରେ ରାଗି ପାଚି ଲାଲ ହୋଇଥିବା ଜଣାପଡିଛି।

ସେପଟେ ଡିଜିପିଙ୍କ ବିରୋଧରେ ଭରତପୁର ଘଟଣାରେ ହୋଇଥିବା ମେଳିରେ ମଧ୍ୟ ଏ ବାବୁଙ୍କ ସହ ଆଉ କିଛି ଏସିପିଙ୍କ ସମ୍ପୃକ୍ତି ସମ୍ପର୍କରେ ଜାଣିବାକୁ ମିଳିଛି। କିଛି ଆଇପିଏସଙ୍କ ପ୍ରରୋଚନା ତଥା ପାଣ୍ଡିଆନଙ୍କ ଅନୁଗତ ମାନେ ପୋଲିସ ସେବା ଭବନ ଓ ଭୁବନେଶ୍ୱରରେ ରହିବା ସହ ନୂଆ ଡିଜିପିଙ୍କ ବିରୋଧରେ ମେଳି କରୁଥିଲେ। ଯାହାର ସିସିଟିଭି ଓ ରେଜିଷ୍ଟରକୁ କଲେକ୍ଟ କରାଯାଇଛି। ଖୁବଶୀଘ୍ର ଏ ଷଡଯନ୍ତ୍ରକାରୀ ବାବୁଙ୍କ ଲିଷ୍ଟ ପ୍ରସ୍ତୁତ କରିବା ସହ ସେମାନଙ୍କୁ ପନିସମେଣ୍ଟ ପୋଷ୍ଟିଂ ମିଳିବ ବୋଲି କହିଛନ୍ତି ଜନୈକ ବରିଷ୍ଠ ପୋଲିସ ଅଧିକାରୀ।

### ହକିର ହାୟ...

ଦେଇନଥିବାରୁ ଖେଳକୁ କ୍ୟାରିୟର କରିବା ପାଇଁ ଯେଉଁ ପ୍ରତିଭାମାନେ ଆସିଥିଲେ ସେମାନେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିନାହାନ୍ତି। ଏପରିକି ଖେଳାଳୀମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଲୋଭନୀୟ ପଦବୀ ଦେଉନଥିବାରୁ ରାଜ୍ୟରେ ଭଲ ଖେଳାଳୀ ତିଆରି ହୋଇପାରୁନାହାନ୍ତି ବୋଲି ମଧ୍ୟ ଅଭିଯୋଗ ହୁଏ। ଯଦି ଆମେ ନବୀନ ସରକାରଙ୍କ ସମୟରେ ଖେଳାଳୀମାନଙ୍କୁ ନିଯୁକ୍ତି ବ୍ୟବସ୍ଥାକୁ ଦେଖିବା ତେବେ ଏହି ଅଭିଯୋଗ ଅମୂଳକ ନୁହେଁ। ଗତ ୫ବର୍ଷ ମଧ୍ୟରେ ମାତ୍ର ୧୯୨ଜଣ ଖେଳାଳୀଙ୍କୁ ସରକାର ଖେଳ କୋଟାରେ ନିଯୁକ୍ତି ଦେଇଛନ୍ତି। ଏହି ୧୯୨ଜଣଙ୍କ ମଧ୍ୟରୁ ୪୦ଜଣଙ୍କୁ କନଷ୍ଟେବଳ, ୧୩୦ଜଣଙ୍କୁ ଗ୍ରୁପ୍ 'ସି' ପଦବୀରେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଅବଶିଷ୍ଟ ୨୨ଜଣଙ୍କ ମଧ୍ୟରେ ୧୮ଜଣଙ୍କୁ ଗ୍ରୁପ୍ 'ବି' ଓ ୪ଜଣଙ୍କୁ ଗ୍ରୁପ 'ଏ' ପଦବୀରେ ନିଯୁକ୍ତି ମିଳୁଛି। ଯେଉଁ ହକି ଖେଳକୁ ନବୀନ ସରକାର ପ୍ରଯୋଜକ ସାଜି ବାହାବା ନେବାକୁ ଅପଚେଷ୍ଟା କରିଥିଲେ ସେହି ହକି ଖେଳରୁ ମାତ୍ର ୧୮ଜଣଙ୍କୁ କନଷ୍ଟେବଳ ଓ ଗ୍ରୁପ୍ 'ସି' ପଦବୀରେ ନିଯୁକ୍ତି ଦେଇଛନ୍ତି।

ଅପର ପକ୍ଷରେ ଦେଶର ଅନ୍ୟ ରାଜ୍ୟରେ ଖେଳାଳୀମାନଙ୍କୁ ଗୁରୁତ୍ୱ ଦିଆଯାଇ କୃତୀ ଖେଳାଳୀମାନଙ୍କୁ ଡିଏସ୍‌ପି ପଦବୀରେ ନିଯୁକ୍ତି ଦିଆଯାଉଥିବାର ନଜିର ମଧ୍ୟ ରହିଛି। ଯଦି ଓଡ଼ିଶାର ଖେଳାଳୀମାନଙ୍କୁ କନଷ୍ଟେବଳ ଓ ଗ୍ରୁପ୍ 'ସି' ପଦବୀରେ ନିଯୁକ୍ତି ମିଳିବ ସେମାନଙ୍କର ମନୋବଳ କିପରି ବୃଦ୍ଧି ପାଇବ ବୋଲି ଆଲୋଚନା ହେଉଛି। ଏବେ ରାଜ୍ୟରେ ସରକାର ବଦଳିଛି। କ୍ରୀଡ଼ା ମନ୍ତ୍ରୀ ଓ ସଚିବ ମଧ୍ୟ ବଦଳିଛନ୍ତି। ଅନ୍ୟ ରାଜ୍ୟ ଭଳି ଓଡ଼ିଶାର ଖେଳାଳୀମାନଙ୍କୁ ଲୋଭନୀୟ ଦରମା ସହିତ ଉଚ୍ଚ ପଦବୀରେ ନିଯୁକ୍ତି ଦେବା ଆବଶ୍ୟକ। ଏପରିକି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସରକାରୀ ଉଦ୍ୟୋଗଗୁଡ଼ିକରେ ଅନ୍ୟ ରାଜ୍ୟ ଭଳି ନିଯୁକ୍ତି ଦିଆଯିବା ଆବଶ୍ୟକ। ଏଥିପାଇଁ ରାଜ୍ୟର ବିଜେପି ସରକାର କେନ୍ଦ୍ର ସରକାରଙ୍କ ଆଲୋଚନା କରିବା ପାଇଁ ବର୍ତ୍ତମାନର ସଚିବ ଭାସ୍କରଜ୍ୟୋତି ଶର୍ମା ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ବିଗତ ଦନରେ ଭିନିଲ କ୍ରିଷ୍ଣା ଯେଉଁ ଭୁଲ କରିଛନ୍ତି ସେଥିରୁ ବର୍ତ୍ତମାନର ସଚିବ ଶିକ୍ଷାଲାଭ କରି ଉଚିତ ପଦକ୍ଷେପ ନେବା ଜରୁରୀ ବୋଲି ମତପ୍ରକାଶ ପାଉଛି।

### ଇସ୍ରାଏଲ୍...

କରିବା କ୍ଷଣି ଇସ୍ରାଏଲ ପକ୍ଷରୁ ଏୟାର ଡିଫେନ୍ସ ସିଷ୍ଟମକୁ ଆକ୍ଟିଭ କରାଯାଇଛି। ଲୋକମାନଙ୍କୁ ବୋମା ପ୍ରତିହିତ କରିପାରୁଥିବା ଆଶ୍ରୟ ସ୍ଥଳରେ ଲୁଚିବାକୁ କୁହାଯାଇଛି। ପୂରା ଦେଶରେ ଏପରି ସତର୍କ ସୂଚନା ଜାରି କରାଯାଇଛି। ଇସ୍ରାଏଲ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ କିଛି କ୍ଷଣ ପୂର୍ବରୁ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ମିସାଇଲ ଓ ରେକଟ ମାଡ଼ କରାଯାଇଛି। ଇସ୍ରାଏଲବାସୀଙ୍କୁ ଆଲର୍ଟରେ ରହିବାକୁ କୁହାଯାଉଛି। ସମସ୍ତେ ହୋମ ଫ୍ରଣ୍ଟ କମାଣ୍ଡଙ୍କ ନିର୍ଦ୍ଦେଶକୁ ଅନୁପାଳନ କରନ୍ତୁ। କିଛି ସମୟ ପୂର୍ବରୁ ପୂରା ଦେଶର ଅନେକ ସ୍ଥାନରେ ହୋମ ଫ୍ରଣ୍ଟ କମାଣ୍ଡ ଜୀବନ ରକ୍ଷାକାରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଇସ୍ରାଏଲବାସୀଙ୍କ ସୁରକ୍ଷା ପାଇଁ ଆଇଡିଏଫ ସବୁ କାମ କରୁଛି ଓ ଆଗକୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ।କାହାର ବି କିଛି ହେବ ନାହିଁ ଇସ୍ରାଏଲ ସରକାର ଟ୍ୱିଟ କରିଛନ୍ତି।


ଇରାନ ସମର୍ଥିତ ବିଦ୍ରୋହୀ ସଂଗଠନ ହେଜବୁଲ୍ଲା ବିରୋଧରେ ଇସ୍ରାଏଲ ସେନା ଲେବାନନରେ ଗ୍ରାଉଣ୍ଡ ଅପରେସନ ଆରମ୍ଭ କରିବା ପରେ ଇରାନ ଭୟଙ୍କର ଆକ୍ରମଣ କରିଛି। ଇରାନର ରିଭୋଲ୍ୟୁସନାରି ଗାର୍ଡ ପକ୍ଷରୁ ବିବୃତ୍ତିରେ କୁହାଯାଇଛି, ହମାସ ନେତା ଇସ୍‌ମାଇଲ ହନିୟେ, ଲେବାନନ ମୁଖ୍ୟ ହାସନ ନସ୍ରାଲା ଓ ଅନ୍ୟମାନଙ୍କ ହତ୍ୟାର ପ୍ରତିଶୋଧ ସ୍ୱରୂପ ଆକ୍ରମଣ କରାଯାଇଛି। ଯଦି ଇସ୍ରାଏଲ ପ୍ରତିଶୋଧ ନେବାକୁ ଉଦ୍ୟମ କରେ ପରିଣାମ ଆହୁରି ଭୟଙ୍କର ହେବ। ଆକ୍ରମଣ ପାଇଁ ଇରାନର ସୁପ୍ରିମ ଲିଡର ଆୟୋତୋଲା ଅଲ୍ଲି ଖାମେନି ନିର୍ଦ୍ଦେଶ ଦେଇଥିବା ଜରେ ବରିଷ୍ଠ ଇରାନୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ସୀମା ଟପିଲେ...

ବେଗୁନିଆ ବିଧାୟକ ପ୍ରଦୀପ ସାହୁ ସେଠାରେ 'ନିଆଁରେ ଘିଅ ଢ଼ାଳିବା' ଭଳି ଶ୍ରୀମୟୀଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ ଓ ଅରୁଚିକର ଟିପ୍ପଣୀ ଦେଇଥିଲେ ବୋଲି ଜଣାପଡ଼ିଛି । ଯାହାକୁ ନେଇ ସେଠାରେ ତୁମୂଳକାଣ୍ଡ ହୋଇଥିଲା । ସେଠାରେ ଥିବା ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ବିଜୟ ନାୟକ, ଅମର ପଟ୍ଟନାୟକ ପ୍ରମୁଖ ସମସ୍ତଙ୍କୁ ବସାଇ ସମାଧାନ ପାଇଁ ପ୍ରୟାସ କରିବାବେଳେ ମନ୍ମଥ ଖୋଲାଖୋଲି ଭାବେ ଦଳୀୟ ସଂଗଠନକୁ ସମାଲୋଚନା କରିଥିଲେ । ଆଉ ଶ୍ରୀମୟୀଙ୍କ ଦଳରେ ଅବଦାନ କ'ଣ ବୋଲି ପ୍ରଶ୍ନ କରିବାରୁ ବରିଷ୍ଠ ନେତାମାନେ ଆପତ୍ତି ଉଠାଇଥିଲେ । ଏପରିକି ଶ୍ରୀମୟୀ ଛାତ୍ରାବସ୍ଥାରୁ ଦଳରେ ସକ୍ରିୟ ଅଛନ୍ତି ଓ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି ବୋଲି ଅତନୁଙ୍କ ସମେତ କିଛି ବରିଷ୍ଠ ନେତା କହିବା ସହ ମନ୍ମଥଙ୍କୁ ଆକଟ କରିଥିବା ଜଣାପଡ଼ିଛି । ଏହାପରେ ମନ୍ମଥ ବୈଠକସ୍ଥଳୀ ଛାଡ଼ି ପଳାଇଥିଲେ । ଆଉ ପ୍ରଦୀପ ନିଜେ ଦେଇଥିବା ଟିପ୍ପଣୀ ପାଇଁ ଦୁଃଖପ୍ରକାଶ କରିବା ପରେ ମାମଲା ଶାନ୍ତ ପଡ଼ିଥିଲା । ମାତ୍ର ମନ୍ମଥଙ୍କ ଏଭଳି ଆଚରଣକୁ ନେଇ ଦଳ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଜଣାପଡ଼ିଛି । ଗତ କିଛିଦିନ ତଳେ ଭରତପୁର ଥାନାରେ ପୁଲିସ ନିର୍ଯାତନା ଘଟଣାରେ ସେନା ଅଫିସରଙ୍କ ବାନ୍ଧବୀଙ୍କୁ ନ୍ୟାୟ ଦେବା ପାଇଁ ଗଣମାଧ୍ୟମ ଆଗରେ ଯୁକ୍ତି ବାଢ଼ୁଥିବା ମନ୍ମଥ କିଭଳି ନିଜ ଦଳର ଜଣେ ନେତ୍ରୀଙ୍କ ପ୍ରତି ଏଭଳି ଅରୁଚିକର ଟିପ୍ପଣୀ ଓ ଆଚରଣ କଲେ ତାହା ଏବେ ବିଜେଡି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଓଡ଼ିଶା ଉଠା ଜଳସେଚନ ନିଗମର ୫୨ତମ ପ୍ରତିଷ୍ଠା ଦିବସ

# ଜଳସେଚନ ସାମର୍ଥ୍ୟ ବୃଦ୍ଧି ପାଇଁ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ଚାଷୀମାନଙ୍କ ପାଇଁ ପାଣି ହେଉଛି ପ୍ରମୁଖ ଆବଶ୍ୟକତା। ଯେଉଁରାଜ୍ୟମାନେ କୃଷିରେ ଭଲ ପ୍ରଦର୍ଶନ କରିଛନ୍ତି, ସେମାନେ ଜଳସେଚନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ଉଠାଜଳସେଚନ ନିଗମ(ଓଏଲଆଇସି) ଜରିଆରେ ଓଡ଼ିଶା ରାଜ୍ୟ ସରକାର ଗଭୀର ନଳକୂପଓ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଜରିଆରେ ଜଳସେଚନ ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହାକୁ ହାସଲ କରିବାରେ ଓଏଲଆଇସିର ଉଦ୍ୟମ ପ୍ରଶଂସନୀୟ ରହିଛି ଓ ଏହି ପ୍ରୟାସ ଜାରି ରଖିବାକୁ ଆଜି ଓଏଲଆଇସିର ୫୨ତମ ପ୍ରତିଷ୍ଠାଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରକାଶ କରିଛନ୍ତି।

ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଅନୁଷ୍ଠିତ ନିଗମର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ କହିଥିଲେ ଯେ, ଓଏଲଆଇସି ଜରିଆରେ ଜଳସେଚନ ବୃଦ୍ଧି ପାଇଁ ପାଣିପଂଚାୟତ ଓ ଏଥି ସହିତ ଜଡିତ ଚାଷୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଚାଷୀମାନଙ୍କର ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ନୂଆନୂଆ ଜ୍ଞାନକୌଶଳର ଉପଯୋଗ କୃଷିର ଅଭିବୃଦ୍ଧିରେ ସହାୟକ ହେଉଛି। ଡିଜିଟାଲ ମାଧ୍ୟମ ଏଥିପାଇଁ ସହାୟକ ହେଉଛି। ପାଣିପଂଚାୟତକୁ ଅଧିକ ସୁଦୃଢ଼ କରିବା, ଅଧିକ ଜ୍ଞାନ ଆହରଣ ପାଇଁ ସେମାନଙ୍କ ନିମନ୍ତେ ଅନ୍ୟ ବିଭିନ୍ନ ରାଜ୍ୟକୁ କ୍ଷେତ୍ରପରିଦର୍ଶନ ବ୍ୟବସ୍ଥା କରାଇବାକୁ ମୁଖ୍ୟଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ।

ସମ୍ମାନିତ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଶ୍ରୀମତୀଅନୁଗର୍ଗ ଯୋଗଦେଇ କହିଥିଲେ ଯେ, ବିଗତ୫ବର୍ଷରେ ଓଏଲଆଇସି ଜରିଆରେ ଜଳସେଚନ କାର୍ଯ୍ୟକ୍ରମ ଅଧିକ ତ୍ୱରାନ୍ୱିତ ହୋଇଛି। ନିଗମର ଆର୍ଥିକସ୍ଥିତି ମଧ୍ୟସୁଦୃଢ଼ ହୋଇଛି। ରାଜ୍ୟରେ ଯେତେପରିମାଣରେ ଜଳସେଚନ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ମାଧ୍ୟମରେ କରାଯାଉଛି, ଏହାର ପ୍ରାୟ ୫୦ପ୍ରତିଶତ ଜଳସେଚନ ଓଏଲଆଇସିଜରିଆରେ ହେଉଛି। ଏବେ ବର୍ଷକୁ ପ୍ରାୟ୧୮୦୦୦ ପ୍ରକଳ୍ପ ସ୍ଥାପନ କରାଯାଇ ପାରୁଛି। କ୍ଷୁଦ୍ରଜଳସେଚନ ପ୍ରକଳ୍ପ, ଭୂତଳ ଜଳ ବିଭାଗ ଆଦି ସହ ସମନ୍ୱୟ କରାଯାଇ ଯେଉଁଠାରେ ଉଠାଜଳସେଚନ ସୁବିଧା ହେଉଛି, ସେଠାରେ ନିରନ୍ତରତା ଭିତ୍ତିରେ ପ୍ରକଳ୍ପ ସ୍ଥାପନ କରାଯାଉଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ।

କିରାଣି ନିଯୁକ୍ତି, ପରିଚାଳନା କମିଟି ଗଠନରେ ଅନିୟମିତତା

# ଜିଲ୍ଲାପାଳ ଓ ଜିଲ୍ଲାଶିକ୍ଷା ଅଧିକାରୀଙ୍କୁ ଜାକେଡ଼ାବାସୀ ଫେରାଦ



**ନୟାଗଡ଼, ୧।୧୦ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଶିମିଳିସାହି ପଞ୍ଚାୟତ ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ନାନାଦି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଫେରାଦ ହୋଇ ଅଭିଯୋଗ କରିଥିବା ସୂଚନା ମିଳିଛି । ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମୀନତି କୁମାର ତ୍ରିପାଠୀ କରିଥିବା ଅନେକ ଜାଲିଆତି ନେଇ ସେମାନେ ଅଭିଯୋଗ କରିଛନ୍ତି । ଶ୍ରୀମତି ତ୍ରିପାଠୀ ଅସତ ଉପାୟରେ ତାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ହୋତାଙ୍କୁ ବିଦ୍ୟାଳୟରେ କିରାଣୀ ଭାବେ ନିଯୁକ୍ତି କରିଥିବା ଏବଂ ଶିକ୍ଷା ବିଭାଗରେ ଟଙ୍କା ପଇସା ଦେଇ ଉକ୍ତ ପୋଷ୍ଟକୁ ଆପ୍ରୁଭାଲ କରାଇଥିବା ଅଭିଯୋଗ ହୋଇଛି। ଏପରିକି ଉକ୍ତ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ସାଧାରଣ ସଭା ଆୟୋଜନ କରିବା ବଦଳରେ ଲୁଚାଛପାରେ କମିଟି ଗଠନ କରାଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।

ସମାନ ଭାବେ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ନିଯୁକ୍ତିରେ ଜାଲିଆତି କରାଯାଇଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟରେ ପ୍ରମୋଦ କୁମାର ନନ୍ଦ ନାମକ ଜୈନିକ ବ୍ୟକ୍ତି ପ୍ରଥମେ ହିନ୍ଦୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ । ପରିଚାଳନା କମିଟିକୁ ହାତ କରି ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ତାଙ୍କୁ ହଇରାଣ କରିବା ସହ ଅର୍ଥ ଦାବି କରିଥିଲେ । କୌଶଳ କ୍ରମେ ତାଙ୍କୁ ବାହାର କରି ୨ ଲକ୍ଷ ଟଙ୍କା କାରବାରରେ ସ୍ୱାଗତ କୁମାର ସାହୁଙ୍କୁ ନିଯୁକ୍ତି କରାଇଥିବା ଅଭିଯୋଗ ହୋଇଛି । ଏନେଇ ହିନ୍ଦୀ ଶିକ୍ଷକ ଶ୍ରୀଯୁକ୍ତ ନନ୍ଦ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଥିବା ବେଳେ ପ୍ରଧାନଶିକ୍ଷୟତ୍ରୀ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନଥିବା ଅଭିଯୋଗ ହୋଇଛି । ଏହା ସହିତ ଅନେକ ଅଭିଯୋଗ ସ୍ଥାନୀୟ ବାସିନ୍ଦା କରିଥିବା ବେଳେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

ଏନେଇ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ପଚାରିବାରୁ, ପ୍ରଥମେ ମନା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ହଁ ମୋ ପାଖକୁ ଆସିଥିଲେ ଏବଂ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଓ ତାଙ୍କ ସ୍ୱାମୀ କିରାଣୀ ଯିଏ ଅଛନ୍ତି ଅନ୍ୟତ୍ର ବଦଳି କରିବାକୁ କହି ଦାବି ପତ୍ର ଦେଇଛନ୍ତି । କିନ୍ତୁ ମୁଁ ତାକୁ ସଠିକ ଭାବେ ଦେଖିନାହିଁ ବୋଲି ଜିଲ୍ଲା ଶିକ୍ଷାଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳିତ

**ନୂଆପଡା, ୧।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡିଆଳ କଲ୍ୟାଣ ମଣ୍ଡପ ଠାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ଉପଲକ୍ଷେ ସ୍କୁଲ ଏବଂ କଲେଜ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ଦୁଇ ପ୍ରତିଯୋଗିତାରେ ସ୍ୱଚ୍ଛତା ହିଁ ସେବା ବିଷୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଝନିତା ପଟେଲ ପ୍ରଥମ, ମହାମାୟା ପବ୍ଲିକ ସ୍କୁଲର ଛାତ୍ରୀ ଶିଖାରଣୀ ବାରିକ ଦ୍ୱିତୀୟ,



ମହିଳା ମହାବିଦ୍ୟାଳୟର ଛାତ୍ରୀ ବବିନା କୈବର୍ତ୍ତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଯାମିନା ମେରିକମ ସିଂ ପ୍ରଥମ, ଖଡ଼ିଆଳ ମୁସ୍କାନ ପବ୍ଲିକ ସ୍କୁଲର କାଜଲ ବଡକଛିଆ ଦ୍ୱିତୀୟ, ମହାମାୟା ପବ୍ଲିକ ସ୍କୁଲର ଛାତ୍ରୀ ଦିଶା ସରକାର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ସରକାରୀ ବାଳିକା ବିଦ୍ୟାଳୟର ମିତା ସାହୁ ପ୍ରଥମ, ଖଡ଼ିଆଳ ପବ୍ଲିକ ସ୍କୁଲର କୁନାଲ ମେହେର ଦ୍ୱିତୀୟ , ସରକାରୀ ବିଦ୍ୟାଳୟର ଶିଖା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମରେ ଖଡ଼ିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଯୋଗାଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଉର୍ବଶୀ ପାଣିଗ୍ରାହୀ, ପଲ୍ଲଭି ମହାନ୍ତି, ରାଜୀବ ଲୋଚନ ସ୍ୱାଇଁ, ଗୁରୁଦେବ ପାତ୍ର, ରେଣୁକା ପ୍ରଧାନ, ଠାକୁର ସେନାପତି ସମେତ ଏନଏସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବି

# ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ, ବିଜେଡି ସାମିଲ



**ନବରଙ୍ଗପୁର, ୧।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ଭିଭିକ ନିଯୁକ୍ତି ଦାବି ଘଟଣା ଭିନ୍ନ ମୋଡ ନେଇଛି। ପ୍ରଥମେ କନିଷ୍ଠ ଶିକ୍ଷକ ନିଯୁକ୍ତି ଚୁକ୍ତିସ୍ୱାକ୍ଷର ପ୍ରକ୍ରିୟାକୁ ବିରୋଧରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ବର୍ତ୍ତମାନ ବିରାଟ ରୂପ ନେଇଛି। ଏହି ପରିପ୍ରେକ୍ଷୀରେ ରବିବାର ଦିନ ଡାବୁଗାଁ ଆରଏମସି ଗୋଦାମ ପରିସରରେ ଏକ ବିରାଟ ଜନସଭା ଅନୁଷ୍ଠିତ ହୋଇଥିଲା। ସେଠାରେ ଜିଲ୍ଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ ସମେତ କଂଗ୍ରେସ ଓ ବିଜେଡି ଦଳର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ସଂଗଠନ ମାନଙ୍କୁ ନେଇ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଦଶ ଗୋଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରେ ଆବାହକ ଚୟନ କରାଯାଇଥିଲା ।

ବୈଠକର ନିଷ୍ପତି କ୍ରମେ ଏହି କମିଟି ଅକ୍ଟୋବର ୧ ରୁ କାର୍ଯ୍ୟ ଆରମ୍ଭ କରିବ। ଏହି ଦିନ ପ୍ରତ୍ୟେକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯିବ। ୨ ତାରିଖ ଦିନ ସଦର ମହକୁମା ସ୍ଥିତ ଗାନ୍ଧିଙ୍କ ପ୍ରତିମୂର୍ତ୍ତୀ ନିକଟରେ ମୁହଁରେ କଳାପଟି ପିନ୍ଧି ଅନଶନରେ ବସିବେ। ୩ ତାରିଖ ଦିନ ବନ୍ଦ ପାଳନ ପାଇଁ ପ୍ରସ୍ତୁତି ଓ ୪ ତାରିଖ ଦିନ ସଂପୃକ୍ତ ଜିଲ୍ଲାବାସୀଙ୍କ ସହମତି ଭିତିରେ ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ ଡାକରା ଦିଆଯିବ। ଏତଦ ବ୍ୟତୀତ ଡାବୁଗାଁ ପୂର୍ବତନ ବିଧାୟକ ଭୂଜବଳ ମାଝୀଙ୍କ ପ୍ରଚେଷ୍ଟାରେ କଂଗ୍ରେସ ଦଳର ନେତା ରାମଚନ୍ଦ୍ର କାଡାମ୍‌ଙ୍କ ସହଯୋଗରେ ୧୩ ଜଣିଆ ବିଧାୟକ ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବେ।

ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ଗୃହର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଏସଂକ୍ରାନ୍ତରେ ୫୧ ଜଣ ବିଧାୟକଙ୍କ ସମ୍ବାକ୍ଷର ସମ୍ବଳିତ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବେ। ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ପୂର୍ବରୁ ହୋଇଥିବା ଜିଲ୍ଲା ଭିତିକ ନିଯୁକ୍ତି ସମ୍ପର୍କୀତ ରେଜୁଲେସନକୁ ସରକାରଙ୍କୁ ପ୍ରେରଣ କରିବେ ଓ ଆବଶ୍ୟକ ପଡିଲେ ଆଇନର ଆଶ୍ରୟ ନେବେ ବୋଲି କମିଟି ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛି।

ଏହି ଆନ୍ଦୋଳନକୁ ଜିଲ୍ଲା ବିଜେଡି ଦଳ ବିଧି ବଦ୍ଧ ଭାବରେ ସମର୍ଥନ ଜଣାଇଥିବା ନଗର ବିଜେଡି ସଭାପତି ପ୍ରମୋଦ ରଥ ସୂଚନା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମତିରାମ ନାୟକ, ଅର୍ଜୁନ ଭତ୍ରା, ମୁନା ତ୍ରିପାଠୀ, ରାଜେଶ ଜାନି, ସିରାଜୁଦ୍ଦିନ ଅହମ୍ମଦ, ରତନ ମାଝୀ, ଜଳନ୍ଧର ମାଝୀ, ଦିବାକର ପୂଜାରୀ, ବୃନ୍ଦାବନ ତ୍ରିପାଠୀ, ଦିଲ୍ଲୀପ ପ୍ରଧାନୀ, ଅନାମୁ ଦିଆନ ପ୍ରମୁଖ ନେତୃ ମଣ୍ଡଳୀ ମାନେ ଉପସ୍ଥିତ ରହିଥିଲେ।

# ଆଦର୍ଶ ବିଦ୍ୟାଳୟରେ ୮ ଛାତ୍ରୀ ଅସୁସ୍ଥ

**କେନ୍ଦ୍ରାପଡ଼ା, ୧।୧୦ (ସଂଚାର ବ୍ୟୁରୋ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଧ୍ୟାହ୍ନ ବିରତି ପରେ ଆଠ ଜଣ ଛାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଅଞ୍ଚଳରେ ମଙ୍ଗଳବାର ଦିନ ଦେଖିବାକୁ ମିଳିଛି। ଅସହ୍ୟ ଗୁଳୁଗୁଳି ଓ ଗରମ ପାଇଁ ଶ୍ୱାସକ୍ରୀୟାରେ କଷ୍ଟ ଅନୁଭବ କରି ଅସୁସ୍ଥ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଆଳୀରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ସେହି ବିଦ୍ୟାଳୟରେ ୯ଜଣ ଛାତ୍ରୀ ଜଣକ ପରେ ଜଣେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ବିଦ୍ୟାଳୟର ନିରୁପମା ବେହେରା, ଶୁଭଦର୍ଶୀନି ସାମଲ, ଆଦ୍ୟାସ୍ୟ ମହାନ୍ତି, ପ୍ରିତିପଦା ପାତ୍ର, ଲଭଲି ବେହେରା, ଅପ୍ରିତା ସାମଲ, ଜସ୍ୱିସି ତୃପ୍ତି ତନୁଜା, ଲକ୍ଷ୍ମୀପ୍ରିୟା ସାହୁ ଓ ଶ୍ରଦ୍ଧାଞ୍ଜଳି ରାଉତ ଅସୁସ୍ଥ ହୋଇପଡ଼ିଥିଲେ।

# କୋଇଲା ଛାଇ ଚୋରି ଅଭିଯୋଗରେ ଜଣେ ଗିରଫ

**ଟାଙ୍ଗୀ-ଚୌଦ୍ୱାର, ୧।୧୦ (ସଂଚାର ବ୍ୟୁରୋ):** ଗୋପାଳପୁରସ୍ଥିତ ଇଡ଼କୋ ଶିଳ୍ପାଞ୍ଚଳ ଭିତରେ ଥିବା ପୋଡ଼ା କୋଇଲା ଖାଦାନରୁ ନିୟମିତ ପୋଡ଼ା କୋଇଲା ଛାଇ ଚୋରା ଚାଲାଣ ହେଉଥିବା ପୋଲିସ୍ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ପୋଲିସ ଏହି ଘଟଣା ଉପରେ ନଜର ରଖିଥିଲା। ପୋଡ଼ା କୋଇଲା ଛାଇ ଖୋଳା ଚାଲିଥିବା ବିଶେଷ ସୁତ୍ରରୁ ଖବର ପାଇ ସୋମବାର ରାତିରେ ପୋଲିସ୍ ଉକ୍ତ ସ୍ଥାନରେ ଚଢ଼ଉ କରି କୋଇଲା ଛାଇ ଖୋଳୁଥିବା ବେଳେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବଡ଼ସାମନ୍ତରାପୁର ପଞ୍ଚାୟତ ଅଧିନ ବଡ଼ପଦାଗାଁର ତପନ କୁମାର ରାଉତ। ପୋଲିସ୍ ଘଟଣାସ୍ଥଳରୁ କୋଇଲା ଛାଇ ବୋଝେଇ ହୋଇଥିବା ଏକ ହାଇୱା ଗାଡ଼ିକୁ ମଧ୍ୟ ଜବତ କରି ଥାନାକୁ ଆଣିଛନ୍ତି।

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

# ବରିଷ୍ଠ ନାଗରିକଙ୍କ ପାଇଁ ସମାଜ ସଙ୍କୁଚିତ ହୋଇଯାଉଛି : ଅରୁଣ

**ନୟାଗଡ଼, ୧।୧୦ (ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପଠାଣି ସାମନ୍ତ ଅଡିଟୋରିୟମରେ ପାଳିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇ. ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସନାତନ କାଲୋ ପ୍ରମୁଖ ଯୋଗଦେଇଥିଲେ।



ପ୍ରଥମେ ଅତିଥିମାନେ ସ୍ୱାଧୀନତା ସଂଗ୍ରାମୀ ହରିବନ୍ଧୁ ପାତ୍ର, ଶତ୍ରୁଘ୍ନ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ନୂଆପିଢ଼ି ପାଇଁ ନିହାତି ଆବଶ୍ୟକ ବୋଲି ଜିଲ୍ଲାପାଳ କହିଥିଲେ। ମାଣିକେଶ୍ୱରୀ ପୀଠ ମୋର ଜନ୍ମଭୂମି ହେଇଥିବା ବେଳେ ନୟାଗଡ଼ ମାଟି ମୋତେ ପୁନର୍ଜନ୍ମ ଦେଇଛି । ମୁଁ ନୟାଗଡ଼ ମାଟିକୁ ଭୁଲି ପାରିବିନି ବୋଲି ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ପ୍ରକାଶ କରିଛନ୍ତି। ସମାଜ ବରିଷ୍ଠ ନାଗରିକଙ୍କ ପାଇଁ କଣ କରି ପାରିବ ତାହା ଚିନ୍ତା କରିବା ଆବଶ୍ୟକ ବୋଲି କହିଥିଲେ। ପ୍ରତିଯୋଗିତା ମୂଳକ ସମାଜରେ ବସବାସ କରୁଥିବା ଲୋକଙ୍କ ପିତାମାତା ବୃଦ୍ଧାଶ୍ରମ ଠିକଣା ଖୋଜୁଥିବା ବେଳେ ଗାଁରେ ଚାଷ କରୁଥିବା ଯୁବକର ବାପାମାଆ ତା ପାଇଁ ଆଜି ବି ଭଗବାନ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ପଟ୍ଟନାୟକ ମତ ବ୍ୟକ୍ତ କରିଥିଲେ । ଆମେ ଆପଣଙ୍କ ପୁଅ, ସବୁବେଳେ ଆପଣଙ୍କ ସହ ଅଛୁ ବୋଲି ଖଣ୍ଡପଡ଼ା ବିଧାୟକ ବକ୍ତବ୍ୟ ରଖିଥିଲେ। ନୟାଗଡ଼ ବିଧାୟକ ଡ. ସାହୁ ସମାଜ ବିସ୍ତାରିତ ହେବା ବେଳକୁ ବରିଷ୍ଠ ନାଗରିକଙ୍କ ପ୍ରତି ସମାଜ ସଙ୍କୁଚିତ ହୋଇଯାଉଛି ବୋଲି କହିଥିଲେ। ସମୟକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି, ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି।

ଆଜିର ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରୀକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ ଅଭିଭାଷଣ ରଖିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୁଚନା ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅନେକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ସକାଳୁ ସକାଳୁ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏଥି ସହିତ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା ।

# କଳିଙ୍ଗ ଛକରେ ଗଳିପୋଲ ପାଇଁ ସ୍ଥିତି ପରଖିଲେ ସାଂସଦ

**ଟାଙ୍ଗୀ-ଚୌଦ୍ୱାର, ୧।୧୦(ସଂଚାର ବ୍ୟୁରୋ):** ଚୌଦ୍ୱାର ସହର ମଧ୍ୟଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର କଳିଙ୍ଗଛକଠାରେ ଏକ ଗଳିପୋଲ ନିର୍ମାଣ କରିବା ପାଇଁ କଳିଙ୍ଗ ବଜାର କମିଟି କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ପୂର୍ବରୁ ଏକ ଲିଖିତ ଆବେଦନ କରିଥିଲେ। ବ୍ୟସ୍ତ ବହୁଳ କଳିଙ୍ଗ ଛକରେ ଜାତୀୟ ରାଜପଥରରେ ଗଳିପୋଲି ନିର୍ମାଣ ସମ୍ପର୍କରେ ଅନୁଧ୍ୟାନ ପାଇଁ ସାଂସଦ ଶ୍ରୀ ମହତାବ ସୋମବାର ଦିନ କଳିଙ୍ଗଛକରେ ପହଞ୍ଚିଥିଲେ। କଳିଙ୍ଗ ବଜାର କମିଟି ତରଫରୁ କିଶୋର କୁମାର ସାହୁ, ସୋରେନ୍ ବେହେରା, ପ୍ରମୋଦ କୁମାର ସାହୁ, ମାନସ କୁମାର ସାହୁ, ମାନସ ପରିଡ଼ା ପ୍ରମୁଖଙ୍କ ନେତୃତ୍ୱରେ ବଜାରର ବହୁ ବ୍ୟବସାୟୀ ମହତାବଙ୍କୁ ପ୍ରସ୍ତାବିତ ଗଳିପୋଲ ସ୍ଥାନ ବୁଲାଇ ଦେଖାଇବା ସହିତ ଜନ ସାଧାରଣ ଓ ବ୍ୟବସାୟୀ ମାନଙ୍କ ସୁବିଧା ଦୃଷ୍ଟିରୁ ଉକ୍ତ ସ୍ଥାନରେ



ଏକ ଗଳିପୋଲ ନିର୍ମାଣ କରିବା ନିତ୍ୟାନ୍ତ ଜରୁରୀ ବୋଲି ପ୍ରକାଶ କରି ଏଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ଚାରବାଟିଆରୁ କଳିଙ୍ଗଛକକୁ ସଂଯୋଗ କରୁଥିବା ରାସ୍ତାରେ ଚୌଦ୍ୱାର ସହର ଓ ଏହାର ଆଖପାଖ ଗ୍ରାମାଞ୍ଚଳର ହଜାର ହଜାର ସଂଖ୍ୟାରେ ଜନସାଧାରଣ ପ୍ରତିଦିନ ଯାତାୟତ କରୁଥିବାବେଳେ ଏହି ଛକରେ ରାଜପଥରେ ଗଳିପୋଲ ବ୍ୟବସ୍ଥା ରଖା ଯାଇ ନଥିବାରୁ ଚୌଦ୍ୱାର ଭିତରକୁ କିମ୍ବା କଳିଙ୍ଗ ଛକକୁ ଯିବାପାଇଁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କମିଟି ପ୍ରତିନିଧି ମାନେ ଅଭିଯୋଗ କରିଥିଲେ। ଏଥି ସହିତ ବ୍ୟବସାୟୀଙ୍କ ଜୀବୀକା ଉପରେ ଘୋର ନାକାରତ୍ମକ ପ୍ରଭାବ ପକାଇଥିବା ଅଭିଯୋଗ ମଧ୍ୟ କରିଥିଲେ। ଶ୍ରୀ ମହତାବ ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରି ଏସମ୍ପର୍କରେ ରାଜପଥ ପ୍ରଧିକରଣ ସହିତ ଆଲୋଚନା କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କ୍ରେଡିଟ କୋ-ପରେଟିଭ ସୋସାଇଟିର ବାର୍ଷିକ ସାଧାରଣ ସଭା




**କେନ୍ଦ୍ରାପଡ଼ା, ୧।୧୦ (ସଂଚାର ବ୍ୟୁରୋ):** ଦେଶ ଓ ରାଜ୍ୟରେ ସମବାୟ ଆନ୍ଦୋଳନର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍‌ର ସଭାପତି ପ୍ରମୋଦ ସାହୁ ଆହ୍ୱାନ ଦେଇଛନ୍ତି । କେନ୍ଦ୍ରାପଡା ସହରର ଇଚ୍ଛାପୁର ସ୍ଥିତ ଶ୍ରୀଶ୍ରୀ ସିଦ୍ଧବଳଦେବଜୀଉ ଯାତ୍ରୀ ନିବାସ ପରିସରରେ ସମିତିର ୨୨ତମ ବାର୍ଷିକ ସାଧାରଣ ସଭାରେ ସଭାପତିତ୍ୱ କରି ଶ୍ରୀ ସାହୁ କହିଛନ୍ତି । ଶ୍ରୀ ସାହୁ କହିଲେ ପ୍ରତି ପରିବାରର ସଦସ୍ୟ ଓ ସଦସ୍ୟାମାନେ ସମବାୟ ଆନ୍ଦୋଳନରେ ତୃଣମୂଳ ସ୍ତରରେ ଜଡିତ ହେଲେ ସୁଫଳ ପାଇପାରିବେ । ଏହାଦ୍ୱାରା ରାଜ୍ୟ ଓ ଦେଶରେ ସମବାୟ ଆନ୍ଦୋଳନ ସ୍ୱାଭଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିବ । ଏହା ସଙ୍ଗେସଙ୍ଗେ ତଳସ୍ତରର ଗରିବ, ଖଟିଖିଆ ଓ ମେହନତି ମଣିଷ ଦୁଃଖ ଓ ଦାରିଦ୍ରରୁ ମୁକ୍ତି ପାଇପାରିବ। ଫଳରେ ସମବାୟ ଆନ୍ଦୋଳନ ଦୃଢ ଓ ଶକ୍ତିଶାଳି ହୋଇପାରିବ। ଏହି ବାର୍ଷିକ ସାଧାରଣ ସଭାରେ ସମିତିର ସମ୍ପାଦକ ପ୍ରହଲ୍ଲାଦ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଋଣ ଲଗାଣ, ଋଣ ଆଦାୟ, ଖିଲାପି ଋଣିଙ୍କ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଚଳିତ ଆର୍ଥିକ ବର୍ଷ ପାଇଁ ନୂତନ ସଭ୍ୟ ସଂଗ୍ରହ, ଜମା ସଂଗ୍ରହ, ଋଣ ଲଗାଣ ଓ ଆଦାୟ ସମ୍ପର୍କରେ ଅଧିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚଳିତ ବର୍ଷ ମହିଳାମାନଙ୍କ ପାଇଁ ନୂତନ ଜମାଆଉଣ୍ଟ 'ତୁଳସୀ ଜମା ଏକାଉଣ୍ଟ' ପ୍ରଣୟନ କରାଯାଇଛି । ଏହି ସଭାରେ ଉପସଭାନେତ୍ରୀ ସାବ୍‌ନା ପରୱିନ, ନିର୍ଦ୍ଦେଶକ ସର୍ବଶ୍ରୀ କୈଳାସ ବେହେରା, ଭୀମସେନ ଭୁୟାଁ, ପ୍ରତାପ ମହାପାତ୍ର, ଅକ୍ଷୟ ଦାଶ, ଦିଲ୍ଲିପ ରାଉତ, ବଲ୍ଲବ ନନ୍ଦୀ, ପ୍ରଫୁଲ୍ଲ ମିସ୍ତ୍ରୀ, ସେକ୍ ରିୟାଜତ୍, ଅମିତାଭ ସାହୁ, ଅନୁଶୟା ସାମଲ, ଗିତାଞ୍ଜଳୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ନିର୍ଦ୍ଦେଶକ ଅକ୍ଷୟ ଦାଶ ଧନ୍ୟବାଦ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ସି.ଜି.ଏମ୍ ମନୋଜ ସାହୁ, ପ୍ରମୁଖ ସହଯୋଗ କରିଥିଲେ ।

# ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

**ବୈଶିଙ୍ଗା, ୧।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ବାଇପାସ ଛକର ୧୮ନଂ ଜାତୀୟ ରାଜପଥ ଉପରେ ମଙ୍ଗଳବାର ସନ୍ଧ୍ୟା ସମୟରେ ହୋଇଯାଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ ଆରୋହୀ ମୃତ । ମୃତକଙ୍କ ଜଣକ ହେଉଛନ୍ତି ବୈଶିଙ୍ଗା ଥାନା ଅଧୀନ ନଡପୁର ପଞ୍ଚାୟତର ଶିଳପୁରିଆ ଗୌରା ମହାନ୍ତର ପୁଅ ଟିଟୁ ମହାନ୍ତ(୪୫)। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ସମୟରେ ମୃତକ ଟିଟୁ ନିଜ ବାଇକ (ଓଆର ୦୧ଏମ ୫୯୪୭) ଯୋଗେ ବେତନଟୀ ପଟରୁ ଆସି ଆଗ୍ରିଆ ବାଇପାସ ଦେଇ ବିଶ୍ରାମପୁର-ନଡପୁର ପଟକୁ ଯାଉଥିବା ବେଳେ ବାଲେଶ୍ୱରରୁ ନଡପୁର ଅଭିମୁଖେ ଯାଉଥିବା ଏକ ଦୃତଗାମୀ ଟ୍ରକ (ଜେଏଚ ୦୯ ବିଡି ୨୧୬୦) ତାଙ୍କ ଉପରେ ଚଢି ଯାଇଥିଲା । ଟ୍ରକ ତଳେ ବାଇକ ସହ ଟିଟୁ ଚାପି ହୋଇ ମୃତ୍ୟୁବରଣ କରିଥିଲା। ସୁଯୋଗ ଦେଖି ଟ୍ରକ ଚାଳକ ଟ୍ରକଟିକୁ ଘଟଣାସ୍ଥଳରେ ଛାଡି ଫେରାର ହୋଇଯାଇଥିଲା। ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ଭାବଗ୍ରାହୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବୈଶିଙ୍ଗା ଡାକ୍ତରଖାନାକୁ ପଠାଇଦେଇଥିଲେ । ଏନେଇ ଏକ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ 'ଆଗମନ'

**ଖଲ୍ଲିକୋଟ, ୧।୧୦ (ସଂଚାର ବ୍ୟୁରୋ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦବୋଧନ ମୂଳକ କାର୍ଯ୍ୟକ୍ରମ 'ଆଗମନ' ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୌରୋହିତ୍ୟ ତଥା କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ରଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ ଏବଂ ସ୍ୱାଗତ ସଙ୍ଗୀତ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଛାତ୍ରଛାତ୍ରୀଙ୍କୁ ନୂତନ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ଡକ୍ଟର ବିଭୂତି ପ୍ରସାଦ ବାରିକ । ବିଭାଗ ମୁଖ୍ୟ ଡକ୍ଟର ସୁଶୀଳ କୁମାର ରାଠୋର ଜାତୀୟ ଶିକ୍ଷାନୀତି - ୨୦୨୦ ଅନ୍ତର୍ଗତ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ନୂତନ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ କରିଥିଲେ । ବିଭାଗର ଅନ୍ୟ ଅଧ୍ୟାପକ ଅଧ୍ୟାପିକା ତଥା ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଏ ସମ୍ପର୍କରେ ନବାଗତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସ୍ନାତକୋତ୍ତର ଦ୍ୱିତୀୟ ବାର୍ଷିକ ଛାତ୍ରୀ ପ୍ରୀତି ଓ ଧନ୍ୟବାଦ ଅର୍ପଣ କରିଥିଲେ ସ୍ନାତକୋତ୍ତର ଦ୍ୱିତୀୟ ବାର୍ଷିକ ଛାତ୍ରୀ ଦିବ୍ୟା । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିବା ସହ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଗାଁ ଗଣ୍ଡାରେ ଏବେ ବି ଢିଙ୍କିର ଆଦର

**ନବରଙ୍ଗପୁର/ଉମରକୋଟ, ୧।୧୦ (ସଂଚାର ବ୍ୟୁରୋ):** ସମୟ ସହ ତାଳଦେଇ ବଦଳି ଯାଇଛି ସବୁକିଛି । ହେଲେ ଏବେବି ଗାଁ ଗଣ୍ଡାରେ ବଂଚି ରହିଛି ଢିଙ୍କି। ଯେତେବେଳେ ଧାନ ମିଲ୍, ଗ୍ରାଉଣ୍ଡର ଏବଂ ଅନ୍ୟାନ୍ୟ ଆଧୁନିକ ଯନ୍ତ୍ରପାତି ନଥିଲା, ସେତେବେଳେ ଢିଙ୍କି ସାହଯ୍ୟରେ ଲୋକେ ଧାନ କୁଟୁଥିଲେ। ଧାନରୁ ଚାଉଳ, ଗହମ, ମାଣ୍ଡିଆ ଓ ସୁଆଁରୁ ଚୂନା ପ୍ରସ୍ତୁତ କରୁଥିଲେ। ଏବେ ଡିଜିଟାଲ୍ ଯୁଗ । ପାରମ୍ପାରିକ ଜିନିଷ ସବୁ ଲୋପ ପାଇଗଲାଣି। ଅଥଚ ଉମରକାଟ ବ୍ଲକର ଆଦିବାସୀ ଗାଁଗଣ୍ଡାରେ ଢିଙ୍କିର ଆଦର ଏବେବି ରହିଛି। ଲୋକେ ଏହି ଢିଙ୍କି ସାହାଯ୍ୟରେ ଧାନ କୁଟୁଛନ୍ତି ଏବଂ ବିଭିନ୍ନ ଚୂନା ତିଆରି କରୁଛନ୍ତି। ମକା, ବିରି ଓ ହରଡ ଡାଲିରୁ ଚୋପା ଛଡ଼ାଇ ଖାଦ୍ୟ ରୂପେ ବ୍ୟବହାର କରୁଛନ୍ତି।



ଗାଁର ମହିଳାମାନଙ୍କ କହିବା କଥା, ମିଲ୍ କୁଟାଠାରୁ ଢ଼ିଙ୍କି ଜୁଗ ଖାଦ୍ୟଶସ୍ୟର ସ୍ୱାଦ ଅଲଗା। ଏହା ଅଧିକ ସ୍ୱାଦିଷ୍ଟ ଏବଂ ପୌଷ୍ଟିକ। ଢିଙ୍କିରେ କୁଟିବା କାମ ଅତ୍ୟନ୍ତ କଷ୍ଟକର। ଏହି କାମରେ ତିନିଜଣ ନିହାତି ଦରକାର। ଜଣେ ଢିଙ୍କିରେ ଭରାଦେଇ କୁଟିବା ବେଳେ ଆଉ ଜଣେ ଢ଼ିଙ୍କି ମୁହଁରେ ବସି କୁଟା ଯାଇଥିବା ଶସ୍ୟକୁ ଏପଟସେପଟ କରିଥାନ୍ତି। ଅନ୍ୟ ଜଣେ ଏହି ଶସ୍ୟକୁ ପାହୁଡ଼ି ସଫାସୁତୁରା କରିଥାନ୍ତି। ଆଗରୁ ପାର୍ବଣ ସମୟରେ ଏହି ଢିଙ୍କିକୁଟା ଚୂନା ବ୍ୟବହାର କରାଯାଇ ଘରେ ଘରେ ବିଭିନ୍ନ ପିଠାପଣା କରାଯାଇଥିଲା । ଢିଙ୍କିକୁଟା।(ଅକାଣ୍ଡିଆ ଭାଇ) ଚାଉଳ ଦେହପକ୍ଷେ ଅତ୍ୟନ୍ତ ପୌଷ୍ଟିକ ଥିଲା। ଏବେ ସବୁଠି ଅତ୍ୟାଧୁନିକ ମିଲ, ଗ୍ରାଇଣ୍ଡର ସୁବିଧା ଥିବାରୁ ଗାଁଗହଳିର ଲୋକେ ବି ଏହାକୁ ଦାୟ ବ୍ୟୟ କରି ସାରିଲେଣି । କାଁଭାଁ କିଛି ଲୋକ ଏହାକୁ ବଂଚାଇ ରଖିଛନ୍ତି। ହୁଏତ ଆଉ କିଛିବର୍ଷ ପରେ ଢିଙ୍କି ଇତିହାସ ପାଲଟିଯାଇ କେବଳ ପଢା ବହିରେ ସୀମିତ ରହିଯିବ।

# ୩ ଜଣ ସୁପକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



**ପୁରୀ,୧।୧୦(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ରୋଷ ମଧ୍ୟରେ ଲୁହା କଡ଼େଇ ବ୍ୟବହାର ପ୍ରସଙ୍ଗରେ ତିନି ଜଣ ସୁପକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମସ୍ତ ତିନି ଜଣ ସୁପକାରଙ୍କ ଶ୍ରୀମନ୍ଦିର ପରିସର କିମ୍ବା ଶ୍ରୀମନ୍ଦିର ରୋଷରେ ପ୍ରବେଶ ନିଷିଦ୍ଧ କରାଯାଇଛି। ତିନି ସୁପକାରଙ୍କ ମଧ୍ୟରୁ ଜଣେ ପାଳିଆ ସେବକଙ୍କୁ ମହାପ୍ରଭୁଙ୍କ ସେବାପୂଜାରୁ ମଧ୍ୟ ନିଲମ୍ବିତ କରାଯାଇଛି। ଶ୍ରୀ ଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ର ୨୧ - ଖ (କ) ଧାରା ଅନୁସାରେ ଏହି ନିଲମ୍ବନ ଆଦେଶ ଜାରି କରାଯାଇଛି। ମହାପ୍ରଭୁଙ୍କ ସେବାପୂଜାରେ କୌଣସି ପରମ୍ପରା ବହିର୍ଭୂତ କାର୍ଯ୍ୟ ତଥା ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।
ଗତ ତା ୧୨-୦୯-୨୪ ରିଖରେ ଶ୍ରୀମନ୍ଦିର ରୋଷରେ ଅନ୍ନ ରନ୍ଧନରେ ଲୁହା କଡ଼େଇ ବ୍ୟବହାର ନେଇ ଅଭିଯୋଗ ଆସିବା ପରେ ତଦନ୍ତ ସହ କଡ଼େଇ ଜବତ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ପ୍ରଶାସକ। ସୁଆର ମହାସୁଆର ନିଯୋଗ, ବିଡୁଆ ପନ୍ତି ବଡୁ ନିଯୋଗ, ରୋଷପାଇକ ନିଯୋଗର ସମ୍ପାଦକ ଏବଂ ରୋଷ ଅମୀନ ତୁରନ୍ତ ରୋଷ ପରିଦର୍ଶନ କରି ଏହାକୁ ନିବାରଣ କରିବା ସହ କଡ଼େଇ ଜବତ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା। ସେହିପରି ପାଙ୍ଗଯୋଶୀ ମହାପାତ୍ର, ତଳିଚ୍ଛ ମହାପାତ୍ର ଏବଂ ଦେଉଳକରଣ ପ୍ରତିଦିନ ରୋଷଶାଳା ତନଖି କରି ଲୁହା କଡ଼େଇ ଜବତ କରିବାକୁ ମଧ୍ୟ ଜଣାଇଦିଆଯାଇଥିଲା। ଏହି ସମ୍ପୃକ୍ତ ସେବକଙ୍କ ଦ୍ୱାରା କଡ଼େଇ ଜବତ କାର୍ଯ୍ୟ ସମ୍ପାଦନ କରି କାର୍ଯ୍ୟକାରିତା ରିପୋର୍ଟ ଦାଖଲ କରିବାକୁ ଶ୍ରୀମନ୍ଦିର କମାଣ୍ଡର, ବରିଷ୍ଠ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ପ୍ରଶାସକ।



ରିପୋର୍ଟ ଆସିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୁଖ୍ୟ ପ୍ରଶାସକ। ପୂର୍ବ ନିର୍ଦ୍ଦେଶ ପରେ ଅନ୍ୟ ସୁପକାର ମାନେ କଡ଼େଇ ବାହାର କରି ନେଇଥିବା ଜଣାପଡ଼ିଛି। ତେବେ ଏହି ତିନି ସୁପକାର କୋଠଭୋଗ ରୋଷରେ ବାରଣ ସତ୍ତ୍ୱେ ଲୁହା କଡ଼େଇ ବ୍ୟବହାର କରି ଅନ୍ନ ଡାଲି ରୋଷେଇ କରିଥିବା ଜଣା ପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୁଖ୍ୟ ପ୍ରଶାସକ। ତିନି ସୁପକାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଶ୍ରୀମନ୍ଦିର ତଥା ରୋଷଘରେ ପ୍ରବେଶ ନିଷିଦ୍ଧ କରାଯାଇଛି। ପ୍ରବେଶ ନିଷିଦ୍ଧ କଟକଣା କାର୍ଯ୍ୟକାରି କରିବାକୁ ବିହିତ ପଦକ୍ଷେପ ନେବା ପାଇଁ ଶ୍ରୀମନ୍ଦିର କମାଣ୍ଡର ଏବଂ ଦେଉଳ କରଣଙ୍କୁ ଆଦେଶ ଜାରି କରିଛନ୍ତି ମୁଖ୍ୟ ପ୍ରଶାସକ।

# ମୌସୁମୀ ପରେ ଜିଲ୍ଲା ବୁଲିବେ ନବୀନ

## ଅନୁଗୁଳ ଜିଲ୍ଲାର ନେତୃମଣ୍ଡଳୀ ଓ ଦଳୀୟ କର୍ମକର୍ତ୍ତାଙ୍କ ସହ ବୈଠକ

**"ସମସ୍ତେ ଏକଜୁଟ ହୋଇ କାମ କର, ବିଜେପିର ମିଛ ଜଣାଅ"**




**ଭୁବନେଶ୍ୱର,୧।୧୦(ସଂଚାର ବ୍ୟୁରୋ):** ଆଜି ଶଙ୍ଖ ଭବନ ଠାରେ ଅନୁଗୁଳ ଜିଲ୍ଲା ର ସାଂଗଠନିକ ପଦାଧିକାରୀ ଓ ନେତୃ ବୃନ୍ଦଙ୍କ ବୈଠକ ଅନୁଷ୍ଠିତ ହୋଇ ସଂଗଠନ କୁ ମଜବୁତ କରିବା ସମ୍ପର୍କ ରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଉଦବୋଧନ ଦେଇ ଦଳ ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାର ର ୨୪ବର୍ଷ ଶାସନରେ ରାଜ୍ୟ ର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦେଇଥିଲା. ଶିଳ୍ପ ବିକାଶ କ୍ଷେତ୍ରରେ ଅନୁଗୁଳ ଏକ ଆଗୁଆ ଜିଲ୍ଲା। ବିଜେଡି ସରକାର ସମୟରେ ଜିଲ୍ଲା ର ବିକାଶ ପାଇଁ ଅନେକ କାମ ହୋଇଥିଲା। ବିଭିନ୍ନ ପଂଚାୟତ ଓ ପୌର ପରିଷଦ ରେ ବିଜେଡି ର ସ୍ଥିତି ମଜବୁତ ରହିଛି। ତେଣୁ ପୂର୍ବ ପରି ଅଧିକ ନିଷ୍ଠା ର ସହ ଲୋକଙ୍କ ସେବା ଜାରିରଖିବାକୁ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ସରକାର ସମୟ ରେ ଗରିବୀ ହ୍ରାସ ପାଇଁ ଅନେକ କାମ ହୋଇଛି. ଯାହା ଆଜି ସୁଫଳ ଦେଇଛି ଏବଂ ଏହା ୭୦% ରୁ କମି ୧୦%ରେ ପହଂଚିଛି। ବିକାଶ ର ବିଭିନ୍ନ ସୂଚକଙ୍କ ରେ ଓଡିଶା ଭଲ ପ୍ରଦର୍ଶନ କରିଛି। ବିଜେଡ଼ି ସରକାର ସମୟ ର ଭଲ କାମ ବିଷୟରେ ଲୋକ ଙ୍କୁ ସଚେତନ କରିବା ସହ ପଦଯାତ୍ରା ସମୟରେ ବିଜେପି ର ମିଛ ଲୋକଙ୍କୁ ଜଣାଇବାକୁ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ପଟନାୟକ କହିଥିଲେ ଲୋକଙ୍କ ସହିତ ସମ୍ପର୍କ କୁ ଅଧିକ ମଜବୁତ କରିବାକୁ ହେବ। ଏଥିପାଇଁ ଦଳ ର ପଦଯାତ୍ରା କାର୍ଯ୍ୟକ୍ରମ ଓ ସଭ୍ୟ ସଂଗ୍ରହ ଅଭିଯାନ ରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବାକୁ ପଟ୍ଟନାୟକ ଦଳୀୟ କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ। ମୌସୁମୀ ପରେ ଜିଲ୍ଲା ବୁଲିବେ ବୋଲି ପଟ୍ଟନାୟକ ସୂଚନା ଦେଇଥିଲେ। ବିଜେଡି ର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ବୈଠକ ସଂଯୋଜନା କରିଥିଲେ ଅନୁଗୁଳ ବିଜେଡି ଜିଲ୍ଲା ସଭାପତି ସ୍ୱାଗତ ଭାଷଣ ଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବ୍ରଜ ପ୍ରଧାନ ପୂଜାରୀ, ବିଧାୟକ ନଳିନୀ ପ୍ରଧାନ ପୂର୍ବତନ ବିଧାୟକ ମହେଶ ସାହୁ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ ପ୍ରମୁଖ ଜିଲ୍ଲା ର ବରିଷ୍ଠ ନେତୃ ମଣ୍ଡଳୀ, ପଂଚାୟତ ଓ ପୌର ପାଳିକା ର ପ୍ରତିନିଧି ମାନେ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।



ଝାଡ଼ଖଣ୍ଡ ଗସ୍ତ ସମୟରେ ଚାଇବାସା ପରିଷଦନ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିଜେପି ରାଜ୍ୟ ସଭାପତି ବାବୁଲାଲ ମାରାଣ୍ଡି,ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା ଓ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ

# ରାଜଧାନୀରେ ଲଜ୍ଜା

## ଚୋରି କରିବାକୁ ଆସି ମହିଳାଙ୍କୁ ଦୁଷ୍କର୍ମ



ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ଲଜ୍ଜା। ଲୁଟ୍ କରିବାକୁ ଆସି ମହିଳାଙ୍କ ଇଜ୍ଜତ ଲୁଟିଲେ ଦୁର୍ବୃତ୍ତ। ମୈତ୍ରୀ ବିହାର ଥାନା ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ଘଟିଛି ଏହି ଘଟଣା। ମହିଳା ଜଣଙ୍କ ଘଟଣା ସଂପର୍କରେ ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଗତ ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଦୁଇ ଜଣ ଲୁଟେରା ଲୁଟ୍ କରିବାକୁ ଏହି ମହିଳାଙ୍କ ଘରେ ପଶିଥିଲେ। ସେତେବେଳେ ମହିଳା ଜଣଙ୍କ ତାଙ୍କ ଛୋଟ ଝିଅ ସହିତ ଶୋଇଥିଲେ। ଘରେ ଆଉ କେହି ନଥିଲେ। ଏହାର ସୁଯୋଗ ନେଇ ଲୁଟେରା ଦ୍ୱୟ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ରାଜଧାନୀ ଭୁବନେଶ୍ୱରରେ ଏକ ଆପାର୍ଟମେଣ୍ଟରେ ଏମିତି ଏକ ଘଟଣା ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ପୂର୍ବରୁ ଅନେକ ଆପାର୍ଟମେଣ୍ଟରେ ଚୋରି ହୋଇଛି। କିନ୍ତୁ ଏଭଳି ଏକ ଘଟଣା କମିଶନରେଟ ପୁଲିସ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ହୋଟେଲ ଆଗରେ ଗାନ୍ଧୀ ଓ ଟାଗୋରଙ୍କ ପ୍ରତିମୂର୍ତ୍ତି

## ବିଦେଶ ମାଟିରେ ମହାପୁରୁଷଙ୍କୁ ଅସମ୍ମାନ





ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ): ମଧୁ ବାବୁଙ୍କୁ ଭାରତ ରତ୍ନ ଦାବିରେ ଦସ୍ତଖତ ସଂଗ୍ରହ ପାଇଁ ୨୦ଟି ରାଜ୍ୟ ପରେ ବିଦେଶ ମାଟିରେ ଦସ୍ତଖତ ସଂଗ୍ରହ ପାଇଁ ଯାଇଥିଲେ ଅଲ୍ ଓଡିଶା ଲୟର୍ସ ଫୋରମର ଆବାହକ ଡ. ଲିଙ୍ଗରାଜ ସାହୁ। ଥାଇଲାଣ୍ଡ ଯାଇଥିବା ବେଳେ ସେଠାରେ ଦେଖିବାକୁ ମିଳିଥିଲା ଏକ ହୋଟେଲ ସମ୍ମୁଖରେ ସୁରକ୍ଷାଧାରୀ ପରି ଦୁଇ ପାର୍ଶ୍ୱରେ ଠିଆ କରାଯାଇଛି ମହାତ୍ମା ଗାନ୍ଧୀ ଓ ରବୀନ୍ଦ୍ର ନାଥ ଟାଗୋରଙ୍କ ମୂର୍ତ୍ତି। ଥାଇଲଣ୍ଡ ସରକାର ତୁରନ୍ତ ପଦକ୍ଷେପ ନେଇ ମହାପୁରୁଷଙ୍କୁ ଉଚିତ୍ ସ୍ଥାନରେ ରଖିବାକୁ ଦାବି କରାଯାଇଛି । ତୁରନ୍ତ ପଦକ୍ଷେପ ନେଇ ମହାପୁରୁଷଙ୍କୁ ଉଚିତ୍ ସ୍ଥାନରେ ରଖିବାକୁ ଉଦ୍ୟମ କରିବାକୁ ଅଲ୍ ଓଡିଶା ଲୟର୍ସ ଫୋରମର ଆବାହକ ଡ. ସାହୁ, ଉପଦେଷ୍ଟା ଗୌର ଚନ୍ଦ୍ର ମହାପାତ୍ର ପ୍ରମୁଖ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ମାଧ୍ୟମରେ ଦାବି ଜଣାଇଛନ୍ତି। ମହାତ୍ମା ଗାନ୍ଧୀ ସ୍ୱାଧୀନତା ସଂଗ୍ରାମର ଜଣେ ମହାନ ନେତା। ଯିଏ ଭାରତୀୟମାନଙ୍କୁ ଏକତ୍ର କରି ଅହିଂସା ମାର୍ଗକୁ ନିଜ ବ୍ରତ ଭାବେ ଗ୍ରହଣ କରି ସ୍ୱାଧୀନତା ହାସଲ କରିବାରେ ଏକ ପ୍ରମୁଖ ଭୂମିକା ନେଇଥିଲେ। ଗାନ୍ଧିଜୀ ସ୍ୱାଧୀନତା ପାଇଁ ଅନେକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏଥିରେ ସତ୍ୟାଗ୍ରହ ଏବଂ ଖିଲାଫତ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଦାଣ୍ଡି ଯାତ୍ରା ଇତ୍ୟାଦି ଅନ୍ତର୍ଭୁକ୍ତ। ଦେଶର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀ ଅହିଂସା ନୀତି ଗ୍ରହଣ କରିଥିଲେ। ତାଙ୍କୁ ସାରା ବିଶ୍ୱ ସମ୍ମାନ ଦିଏ। ବ୍ୟାଙ୍କକ୍ ସହର ମାକସନ ଚାରୁରାଟ ଗଳି ସ୍ଥିତ ମାଲଗୁଡ଼ି ହୋଟେଲ ସମ୍ମୁଖରେ ହୋଟେଲର ଶୋଭା ବୃଦ୍ଧି ପାଇଁ ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଗେଟ୍ ନିକଟରେ ଛିଡ଼ା କରାଯାଇଛି। କେବଳ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନୁହେଁ ବିଶ୍ୱ କବି ରବିନ୍ଦ୍ରନାଥ ଟାଗୋରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ମଧ୍ୟ ରଖାଯାଇଛି। ହୋଟେଲକୁ ଆକର୍ଷଣ କରିବା ପାଇଁ ମହାପୁରୁଷଙ୍କୁ ସମ୍ମାନ ନ ଦେଇ ଛିଡ଼ା କରିଦିଆଯାଇଛି ଉକ୍ତ ହୋଟେଲ ଗେଟ୍ ସମ୍ମୁଖରେ। ଜଣେ ବ୍ୟବସାୟୀ ଭାରତୀୟଙ୍କୁ ଆକର୍ଷଣ କରିବା ପାଇଁ ଏହି ମହାପୁରୁଷଙ୍କ ଦ୍ୱୟଙ୍କୁ ଦେଉଥିବା ଅପମାନ ଆମକୁ ଆଘାତ ଦେଇଛି। ଏହାର ପ୍ରତିକାର ପାଇଁ ଡ. ସାହୁ ଦାବି କରିଛନ୍ତି।

# ଇଭିଏମ୍ ଟାମ୍ପରିଂ ମାମଲା, ସାରଦା ନାୟକଙ୍କୁ ନୋଟିସ


କଟକ, ୧।୧୦ (ସଂଚାର ବ୍ୟୁରୋ): ରାଉରକେଲା ବିଧାୟକ ସାରଦା ନାୟକଙ୍କ ନାଁରେ ଇଭିଏମ୍ ଟାମ୍ପରିଂ ଅଭିଯୋଗ ମାମଲା ହାଇକୋର୍ଟରେ ମଙ୍ଗଳବାର ଶୁଣାଣି ହୋଇଛି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ନ୍ୟାୟପୀଠ ଏହି ମାମଲାରେ ଉତ୍ତର ରଖିବାକୁ ସାରଦା ନାୟକଙ୍କୁ ନୋଟିସ୍ ଜାରି କରିଛନ୍ତି। ନଭେମ୍ବର ୧୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ ନେଇ ଅନ୍ୟ ଏକ ମାମଲାରେ ସାରଦା ନାୟକଙ୍କୁ ଉତ୍ତର ରଖିବାକୁ ଅକ୍ଟୋବର ୨୯ ଶେଷ ସୁଯୋଗ ବୋଲି କୋର୍ଟ କହିଛନ୍ତି।
ସାଧାରଣ ନିର୍ବାଚନ ପରେ ଭୋଟ ଗଣତି କେନ୍ଦ୍ରରେ ସାରଦାଙ୍କ ଇଙ୍ଗିତରେ ଇଭିଏମ୍ ଟାମ୍ପରିଂ ହୋଇଥିବା ନେଇ ସ୍ଥାନୀୟ ଭୋଟର ରାଧେଶ୍ୟାମ ଯାଦବ ଅଭିଯୋଗ ଆଣିଥିଲେ। ଆବେଦନକାରୀ ଅଭିଯୋଗ ସଂକ୍ରାନ୍ତ ସିସିଟିଭି ଫୁଟେଜ ଓ ଫଟୋ ମଧ୍ୟ କୋର୍ଟରେ ଦାଖଲ କରିଛନ୍ତି।

# ସମବାୟ ଜରିଆରେ ସଶକ୍ତ ଭାରତ ଗଠନ ପାଇଁ ରୋଡ୍‌ମ୍ୟାପ୍



ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ): ସମବାୟ ଅନୁଷ୍ଠାନମାନଙ୍କର ସଶକ୍ତିକରଣ ଏବଂ ଗ୍ରାମାଞ୍ଚଳରେ ସମବାୟ ସମିତିକୁ ମଜବୁତ କରିବା ଉଦ୍ଦେଶ୍ୟରେ ସମବାୟ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଦୁଇ ଦିନିଆ ଜାତୀୟ ସମୀକ୍ଷା ବୈଠକ ଆଜି ସଫଳତାର ସହ ଶେଷ ହୋଇଛି। ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଅହୁଜା ଏହାକୁ ଉଦଘାଟନ କରିଥିବା ବେଳେ ସମବାୟ ମନ୍ତ୍ରାଳୟର ଶାସନ ସଚିବ ଡ଼ ଆଶିଷ କୁମାର ଭୁଟାନୀ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ବୈଠକକୁ ସମ୍ବୋଧନ କରି କହିଥିଲେ, ସମବାୟ ସମିତି ଏଭଳି ସଶକ୍ତ ହେବା ଜରୁରୀ ଯେଉଁଠି ଚାଷୀମାନଙ୍କର ସମସ୍ତ ଆବଶ୍ୟକତା ପୂରଣ ହୋଇ ପାରିବ। ତୃଣମୂଳସ୍ତରରେ ଦୃଢ଼ ସଂଗଠନ ଗଠନ କରିବାର ଆବଶ୍ୟକତା ରହିଛି ବୋଲି କହିବା ସହ ଗୁଣାତ୍ମକ ଇନପୁଟ୍, ଷ୍ଟୋରେଜ୍ ଷ୍ଟ୍ରକଚର, ପ୍ରକ୍ରିୟାକରଣ ସୁବିଧା, ଋଣ ସୁବିଧା ଏବଂ ବଜାର ସୁବିଧା ଭଳି ସମସ୍ତ ମୌଳିକ ଆବଶ୍ୟକତା ପୂରଣ ପାଇଁ ଜାତୀୟ ଅନୁଷ୍ଠାନମାନେ ଆବଶ୍ୟକୀୟ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ଅମୁଲ୍ ଓ ବହୁରାଜ୍ୟ ସମବାୟ ସମିତିର ଉଦାହରଣ ଦେଇ ସେ ଆହୁରି ମଧ୍ୟ କହିଛନ୍ତି, କମ୍ପ୍ୟୁଟରୀକରଣ, ଜନ ଔଷଧୀ କେନ୍ଦ୍ର ପରି ପଦକ୍ଷେପ ସମେତ ସମବାୟ ସମିତି ଚାଷୀମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବାର ଏକମାତ୍ର କେନ୍ଦ୍ର । ଲୋକମାନଙ୍କର ନିଜର ଅନୁଷ୍ଠାନ ଭାବରେ ସମବାୟ ସମିତିର ଅନେକ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ତିନୋଟି କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତରେ ପହଞ୍ଚାଇବା ପାଇଁ ଜାତୀୟ ସମୀକ୍ଷା ବୈଠକର ଆୟୋଜନ କରାଯାଇଥିଲା । ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ହେଲା ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିକୁ ସଶକ୍ତ କରିବା, ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତି, ଶ୍ୱେତ ବିପ୍ଳବ ୨.୦ ପାଇଁ ଏସଓପି ପ୍ରସ୍ତୁତି ଏବଂ ସମବାୟ ମଧ୍ୟରେ ସହଯୋଗ । ସରକାରଙ୍କ ପ୍ରଥମ ୧୦୦ ଦିନରେ ସମବାୟ ମନ୍ତ୍ରାଳୟ ଦ୍ୱାରା ନିଆଯାଇଥିବା ଦଶଟି ପଦକ୍ଷେପ ମଧ୍ୟରୁ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହା ନୂଆଦିଲ୍ଲୀରେ ଜାତୀୟ ସମ୍ମିଳନୀରେ ଏହି ତିନୋଟି ପ୍ରମୁଖ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ।

# ଭାରତ ଆକାଶରେ ୮୦ ହଜାର ବର୍ଷ ତଳର ଧୂମକେତୁ



ନୂଆଦିଲ୍ଲୀ, ୧।୧୦: ଭାରତ ଆକାଶରେ ଏକ ମହାଜାଗତିକ ଦୃଶ୍ୟ ଦୃଶ୍ୟମାନ ହେଉଛି। ୮୦ ହଜାର ବର୍ଷ ତଳର ଏକ ଧୂମକେତୁ ଦେଖିବାକୁ ମିଳୁଛି। କିଛି ଦିନ ହେବ ପାହାନ୍ତିଆରେ ଦେଖାଯାଉଥିବା ଏହି ଧୂମକେତୁ ଏକ ରଙ୍ଗୀନ ପ୍ରାକୃତିକ ଦୃଶ୍ୟ ପ୍ରଦାନ କରୁଛି।
ଏହି ଧୂମକେତୁର ନାମ କମେଟ ସି/୨୦୨୩ଏ୩। ଜାନୁୟାରୀ ୨୦୨୩ରେ ଏହି ଧୂମକେତୁ ଆବିଷ୍କୃତ ହୋଇଥିଲା। ଚଳିତ ବର୍ଷର ସେପ୍ଟେମ୍ବର ୨୮ରେ ଏହା ସୂର୍ଯ୍ୟର ନିକଟତର ହୋଇଥିଲା। ବର୍ତ୍ତମାନ ଏହା ସୂର୍ଯ୍ୟଙ୍କ ନିକଟରୁ ଦୂରକୁ ଦୂରକୁ ଯାଉଥିବାରୁ ପୃଥିବୀକୁ ସ୍ପଷ୍ଟ ଭାବେ ଦେଖାଯାଉଛି।
ପାହାନ୍ତିଆ ବେଳେ ଏହି ଦୃଶ୍ୟ ଖୁବ୍ ମନ୍ତ୍ରମୁଗ୍ଧକର ଦେଖାଯାଉଛି। ଅନେକ ଲୋକ ଏହାର ଫଟୋ ଉଠାଇ ବିଭିନ୍ନ ସୋଶାଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏହି ବିରଳ ଦୃଶ୍ୟର ମୂକସାକ୍ଷୀ ହେବାର ସର୍ବୋତ୍ତମ ସମୟ ହେଉଛି ସୂର୍ଯ୍ୟୋଦୟ ପୂର୍ବର ସମୟ। ପାହାନ୍ତିଆରୁ ସକାଳ ହେବା ପର୍ଯ୍ୟନ୍ତ ଏହି ଦୃଶ୍ୟ ଖାଲି ଆଖିରେ ପୂର୍ବ ଆକାଶରେ କମେଟ ସି/୨୦୨୩ଏ୩ କୁ ଦେଖିବାର ସୁଯୋଗ ରହିଛି। ଯଦି ଆଲୋକିତ ଅଞ୍ଚଳରେ ଥାଆନ୍ତି କିମ୍ବା ଉଚ୍ଚ ଅଟ୍ଟାଳିକା ଥାଏ, ତେବେ ସେଠାରୁ ଦୂରେଇ ଅନ୍ଧାରିଆ ସ୍ଥାନରୁ ପୂର୍ବ ଆକାଶକୁ ଦେଖିଲେ ଏହି ଧୂମକେତୁକୁ ଦେଖିପାରିବେ। ଯଦି ବାଇନୋକୁଲାର କିମ୍ବା ଛୋଟ ଟେଲିସ୍କୋପ ଥାଏ, ତେବେ ଆହୁରି ସ୍ପଷ୍ଟ ଭାବେ ଦେଖିପାରିବେ। ଅକ୍ଟୋବର ଆରମ୍ଭରେ ଧୂମକେତୁ ଆହୁରି ସ୍ପଷ୍ଟ ଦେଖାଯିବାର ସମ୍ଭାବନା ରହିଛି। ସେହିପରି ଅକ୍ଟୋବରର ମଧ୍ୟଭାଗରେ ସୂର୍ଯ୍ୟାସ୍ତ ପରେ ଏହା ସନ୍ଧ୍ୟା ଆକାଶରେ ଦୃଶ୍ୟମାନ ହେବ।

# ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ଦିଲ୍ଲୀରେ ରୋଡ୍ ଶୋ

ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ): ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା ୨୦୨୫ ପାଇଁ ନିବେଶକ ମାନଙ୍କୁ ଆକୃଷ୍ଟ କରିବାକୁ ଓଡିଶା ସରକାରଙ୍କ ତରଫରୁ ନୂଆ ଦିଲ୍ଲୀରେ ୩ ଅକ୍ଟୋବର ୨୦୨୪ରେ ଆୟୋଜିତ ହେବାକୁ ଯାଉଛି ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ପ୍ରଥମେ ଆମ୍ବାସଡରମାନଙ୍କ ସହ ସାକ୍ଷାତକାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ଶିଳ୍ପ ଇକୋସିଷ୍ଟମ୍ ଏବଂ ପୁଞ୍ଜି ବିନିଯୋଗ ସୁଯୋଗ ନେଇ ଆଲୋଚନା କରାଯିବ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରଦୂତ, ଉଚ୍ଚାୟୁକ୍ତ, କନସଲ୍- ଜେନେରାଲ୍, ବାଣିଜ୍ୟ କମିଶନର ଏବଂ ବରିଷ୍ଠ କୂଟନୀତିଜ୍ଞମାନେ ଯୋଗଦେବେ। ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ବୈଠକରେ ଅଧ୍ୟକ୍ଷତା କରିବେ, ଯେଉଁଥିରେ ଶିଳ୍ପ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ (ଏସ୍‌ଡିଟିଇ), ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନ୍ୟାନ୍ୟ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଏବଂ ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଏହି ସମାବେଶର ଲକ୍ଷ୍ୟ ହେଉଛି ଏକ ଶକ୍ତିଶାଳୀ ଅନ୍ତର୍ଜାତୀୟ ସହଭାଗିତା ଗଠନ ଏବଂ ଭାରତର ଶିଳ୍ପ ପୁନରୁଦ୍ଧାରରେ ଓଡିଶାର ସ୍ଥିତିକୁ ମଜବୁତ୍ କରିବା। ଏହା ଜରିଆରେ ଓଡିଶାର ଶିଳ୍ପ ସମ୍ଭାବନାକୁ ବିକଶିତ କରିବା, ପ୍ରଣୀତ ଶିଳ୍ପ ନୀତିକୁ ସକ୍ଷମ କରିବା, ସହଜ ପ୍ରଣାଳୀରେ ବ୍ୟବସାୟ କରିବା ଏବଂ ଏକ ନିବେଶକ ଅନୁକୂଳ ପରିବେଶ ସୃଷ୍ଟି ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିବା। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ବିଶ୍ୱସ୍ତରୀୟ ନିବେଶକମାନଙ୍କୁ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରିବେ। ଯାହା ୨୮ ଓ ୨୯ ଜାନୁୟାରୀ ୨୦୨୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଅପରାହ୍ନରେ ଜି-ଟୁ ବି ବୈଠକ ଅନୁଷ୍ଠିତ ହେବ। ଯେଉଁଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଶିଷ୍ଟ ଶିଳ୍ପପତି ତଥା ବିଭିନ୍ନ ସଙ୍ଗଠନର ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ସନ୍ଧ୍ୟାରେ ଓଡିଶା ସରକାରଙ୍କ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସହ ବାର୍ତ୍ତା ବିନିମୟର ଏକ କାର୍ଯ୍ୟକ୍ରମ ରହିଛି। ଏଥିସହ ଉତ୍କର୍ଷ ଓଡିଶା- ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ ରୋଡ୍ ଶୋର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି। ଦିଲ୍ଲୀ ଏନ୍‌ସିଆର ଅଞ୍ଚଳର ଶିଳ୍ପଗୁଡ଼ିକୁ ଉତ୍କର୍ଷ ଓଡିଶା - ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ ପାଇଁ ଏହା ଏକ ପ୍ରମୁଖ ମାଧ୍ୟମ ହେବ।

# ଷ୍ଟାଣ୍ଡିଂ କମିଟି ପରଖିଲା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା

## ନିଯୁକ୍ତି ପାଇବେ ଅଧିକ ଜେଟିପି, ଡ୍ରୋନ୍ ଉଡ଼ାଣରେ ଲାଗିବ କଟକଣା



**ପୁରୀ, ୧।୧୦ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ସୁରକ୍ଷା ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟିରେ ହୋଇଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା। ଶ୍ରୀମନ୍ଦିରରେ ଅଧିକ ଜେଟିପି ବା ଜଗନ୍ନାଥ ଟେମ୍ପୁଲ୍ ପୋଲିସ ସୁରକ୍ଷାକର୍ମୀ ନିଯୁକ୍ତି, ସ୍ୱତନ୍ତ୍ର ବାଟାଲିୟନ ଫୋର୍ସ ନିଯୁକ୍ତି ଓ ଡ୍ରୋନ୍ ଉଡାଣ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ମୁଖ୍ୟ ପ୍ରଶାସକଙ୍କ ସହ ବିସ୍ତୃତ ଆଲୋଚନା କରି ଶ୍ରୀମନ୍ଦିର ସୁରକ୍ଷା କିଭଳି ଆହୁରି ମଜବୁତ ହୋଇପାରିବ ସେନେଇ ଷ୍ଟାଣ୍ଡିଂ କମିଟି ଗୁରୁତ୍ୱାରୋପ କରିଛି। ସେପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ଦର୍ଶନ ବ୍ୟବସ୍ଥାକୁ ଖୁସିବ୍ୟକ୍ତ କରିଛନ୍ତି କମିଟି ସଦସ୍ୟ ତଥା କଂଗ୍ରେସ ବିଧାୟକ ତାରା ବାହିନିପତି। ଅନ୍ୟପଟେ ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ସିଂହଦ୍ୱାର ସମେତ ପରିକ୍ରମା ପ୍ରକଳ୍ପ ଚାରିପଟେ କାରପେଟ୍ ବିଛାଇବାକୁ ଦାବି କରିଛନ୍ତି ଉଭୟ ଭକ୍ତ ଓ ସେବାୟତ। ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା। ଶ୍ରୀମନ୍ଦିର ସୁରକ୍ଷାକୁ ପ୍ରାସଙ୍ଗିକତା କରି ପୁରୀରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ। ଦୀର୍ଘ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରୁଦ୍ଧଦ୍ୱାରରେ ଅନୁଷ୍ଠିତ ହୋଇଥିଲା ଶ୍ରୀମନ୍ଦିର ସୁରକ୍ଷା ଚିନ୍ତା। ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ସିଧାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ପୁରୀ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, କମିଟିର ସଦସ୍ୟ, ପୁରୀ ଓ ପିପିଲି ବିଧାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ଅଧିକ ସଂଖ୍ୟକ ଜେଟିପି ନିୟୋଜିତ ସହ ସ୍ୱତନ୍ତ୍ର ବାଟାଲିୟନ ଫୋର୍ସ ନିୟୋଜିତ ଓ ଡ୍ରୋନ୍ ଉଡାଣ ଉପରେ କମିଟିର ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ବେଳେ ଶ୍ରୀମନ୍ଦିର ଭିତର ଓ ବାହାର ଷ୍ଟ୍ରକଚରର ସୁରକ୍ଷା ପାଇଁ ଏଏସଆଇ କାର୍ଯ୍ୟକୁ ବେଶ୍ ପ୍ରଶଂସା କରାଯାଇଛି। ତେବେ ପୂର୍ବରୁ ଆଇନମନ୍ତ୍ରୀ ମଧ୍ୟ ଶ୍ରୀମନ୍ଦିରର ସୁରକ୍ଷା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ୧୧୦୦ରୁ ଉର୍ଦ୍ଧ୍ୱ ସ୍ୱତନ୍ତ୍ର ବାଟାଲିୟନ ନିୟୋଜିତ ହେବାନେଇ ପ୍ରତିକ୍ରିୟା ରଖିଥିବା ବେଳେ ଷ୍ଟାଣ୍ଡିଂ କମିଟିରେ ମଧ୍ୟ ଏହା ଆଲୋଚନା ହେବା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଛି। ସେପଟେ ମହାପ୍ରଭୁଙ୍କ ନୀତିକାନ୍ତି କିଭଳି ଶୃଙ୍ଖଳିତ ହେବ ଓ ଭକ୍ତଙ୍କ ସହଜ ଓ ସୁବିଧା ଦର୍ଶନ ଉପରେ ମଧ୍ୟ କମିଟିରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା କମିଟିର ସଦସ୍ୟ ଇରାଶିସ୍ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ସେପଟେ ଶ୍ରୀମନ୍ଦିରକୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ସନ୍ତୋଷ ପ୍ରକାଶ କରିଛନ୍ତି କମିଟିର ସଦସ୍ୟ ତଥା କଂଗ୍ରେସ ବିଧାୟକ ତାରା ବାହିନିପତି। ଆଉ କିଛି ବ୍ୟବସ୍ଥାର ଆବଶ୍ୟକ ରହିଥିବା ମଧ୍ୟ କହିଛନ୍ତି ତାରା ବାହିନିପତି। ଅନ୍ୟପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଦିନକୁଦିନ ଖରାର ପ୍ରକୋପକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେଡ୍ ଓ କାରପେଟ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଭକ୍ତଙ୍କ ଲାଗି ବ୍ୟାପକ ସୁବିଧା କରିବା ଲାଗି କହିଥିଲେ ପୁରୀ ବିଧାୟକ ସୁନୀଲ ମହାନ୍ତି। ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ର ଦୁଇ ଦିନିଆ ପୁରୀ ଗସ୍ତ କାର୍ଯ୍ୟକ୍ରମ ଶେଷ ହୋଇଛି। ଗତକାଲି କମିଟି ପୁରୀ ଜେଲ ଏବଂ ମାରାଇନ ଥାନା ବୁଲି ଭିତ୍ତି ଭୂମି ସମୀକ୍ଷା କରିଥିଲେ।

# କାର୍ତ୍ତିକ ବ୍ରତ ପାଇଁ ୨ କୋଟି ୫୭ ଲକ୍ଷ ଟଙ୍କାର ଅନୁଦାନ



ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ): କାର୍ତ୍ତିକ ମାସରେ ହବିଷ୍ୟାଳୀ ମାନଙ୍କର ବ୍ରତ ପାଳନ ନିମନ୍ତେ ଆଜି ଓଡ଼ିଶା ସରକାରଙ୍କ ତରଫରୁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ଧନରାଶି ଅନୁମୋଦନ ହେବା ସହିତ ହବିଷ୍ୟାଳୀ ମା' ମାନଙ୍କୁ କାର୍ତ୍ତିକ ମାସ ବ୍ରତ ପାଳନ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।
ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, କାର୍ତ୍ତିକ ମାସ ହେଉଛି ଧାର୍ମିକ ମାସ । କାର୍ତ୍ତିକ ମାସ ବ୍ରତ ପାଳନ ଦ୍ୱାରା ପୁଣ୍ୟ ଅର୍ଜିତ ହୁଏ ବୋଲି ଆମ ଓଡ଼ିଆ ଜଗନ୍ନାଥ ସଂସ୍କୃତିରେ ବିଶ୍ୱାସ ରହିଛି । କାର୍ତ୍ତିକ ମାସ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଅନେକ ହବିଷ୍ୟାଳୀ ମା' ମାନେ ଏକତ୍ରୀତ ହୋଇଥାନ୍ତି । ହବିଷ୍ୟାଳୀ ମା'ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ ନିମନ୍ତେ ଚଳିତ ବର୍ଷ ସରକାରଙ୍କ ତରଫରୁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ହବିଷ୍ୟାଳୀ ମା'ମାନଙ୍କ ପାଇଁ ଦୀର୍ଘ ଏକ ମାସ ଧରି ପୁରୀରେ ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ସୁରକ୍ଷିତ ରହଣି ବ୍ୟବସ୍ଥା, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ-କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପମାନ ନିଆଯିବାର ଯୋଜନା ରହିଛି । ଏଥିସହ ପବିତ୍ର କାର୍ତ୍ତିକ ମାସରେ ହବିଷ୍ୟାଳି ମା'ମାନେ ଯେପରି ନିଜର ବ୍ରତ ପାଳନ ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏହାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଚଳିତବର୍ଷ ଅକ୍ଟୋବର ମାସ ୧୮ ତାରିଖରୁ କାର୍ତ୍ତିକ ମାସ ବ୍ରତ ଆରମ୍ଭ ହେବ। ଏହି ସମୟରେ ପୁରୀରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ସରକାରଙ୍କ ତରଫରୁ ବିଶେଷ ଭାବରେ ହବିଷ୍ୟାଳି ମା'ମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଗାଡ଼ି ବ୍ୟବସ୍ଥା ଓ ସ୍ୱେଚ୍ଛାସେବୀ ମୁତୟନ କରିବା, ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ଆଦିକୁ ଅଗ୍ରାଧିକାର ଭିତ୍ତିରେ ସୁନିଶ୍ଚିତ କରାଯିବ ବୋଲି ସୂଚନା ମିଳିଛି ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର